


ବଦଳିଲା ଟାଇଟଲ୍
ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-92 •FRIDAY •25 SEPTEMBER 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୪ •ସଂଖ୍ୟା-୯୨ •ଶୁକ୍ରବାର •୨୫ ସେପ୍ଟେମ୍ବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦






ସ୍କାନ୍ କରନ୍ତୁ

Flipkart amazon.in ରେ ମଧ୍ୟ ଉପଲବ୍ଧ*

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE

72198 21111

*ନିୟମ ଏବଂ ସର୍ତ୍ତାବଳୀ ଲାଗୁ। ଉଲ୍ଲେଖିତ ESRPs, 125 ସିଙ୍ଗଲ୍ ସିଟ୍ ଭେରିଆଣ୍ଟ ପାଇଁ ଅଟେ। ଷ୍ଟଣ୍ଟଗୁଡ଼ିକ ବିଶେଷଜ୍ଞମାନଙ୍କ ଦ୍ୱାରା, ପେସାଦାର ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଏବଂ ବନ୍ଦ ପରିବେଶରେ, ସାଧାରଣ ଜନସାଧାରଣ କିମ୍ବା ସାର୍ବଜନୀନ ରାସ୍ତାଠାରୁ ଅଲଗା ରହି କରାଯାଇଛି। ଏହି ଷ୍ଟଣ୍ଟଗୁଡ଼ିକୁ ଅନୁକରଣ କରିବାକୁ ଚେଷ୍ଟା କରନ୍ତୁ ନାହିଁ ଏବଂ ସର୍ବଦା ଟ୍ରାଫିକ ଓ ସୁରକ୍ଷା ନିୟମ ପାଳନ କରନ୍ତୁ। E-କମ୍ ଅଫରଗୁଡ଼ିକ ସମ୍ପୃକ୍ତ E-କମ୍ ପାର୍ଟନରଙ୍କ ନିୟମ ଏବଂ ସର୍ତ୍ତାବଳୀ ଅଧୀନରେ ରହିଛି। E-କମ୍ ଅଫରଗୁଡ଼ିକ ବିଭିନ୍ନ ପାର୍ଟନରଙ୍କ ଅନୁସାରେ ବଦଳିପାରେ। ଚିତ୍ରଗୁଡ଼ିକ କେବଳ ପ୍ରତିନିଧିତ୍ୱ ଉଦ୍ଦେଶ୍ୟରେ ଦିଆଯାଇଛି। ପ୍ରକୃତ ରଙ୍ଗ ଭିନ୍ନ ହୋଇପାରେ।

**Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •Dungripalli UJJWAL BAJAJ 9937679753 • Keonjhar JR BAJAJ 9937697094 / 9439008692• Angul: JAMUNA BAJAJ 7682899351 Chendipada 9692646493 • Rourkela** RM BAJAJ 9078083803 • **Sundergarh** RM BAJAJ 9078083500 • **Bolangir** URBASI BAJAJ 7381052046 • **Bhawanipatna** KALINGA AUTO SERVICE 8763863692 • **Jharsuguda UTKAL BAJAJ** 9337200356.

# ତମେ ସବୁ ମରିଯାଅ; କିନ୍ତୁ ଗାଡ଼ି ଅଟକିବ ନାହିଁ



■ ଧୂମପାନ କରି ଯାତ୍ରୀଙ୍କୁ ଧମକାଇଲେ ଡ୍ରାଇଭର
■ ଚଳନ୍ତା ବସ୍‌ରେ ଭୟାବହ ଅଗ୍ନିକାଣ୍ଡ; ୯ ମୃତ

ଗ୍ରେଟର ନୋଏଡା, ୨୪।୯ (ଏଜେନ୍ସି): ଉତ୍ତରପ୍ରଦେଶର ଯମୁନା ଏକ୍ସପ୍ରେସ୍‌ୱେରେ ବୁଧବାର ରାତିରେ ଏକ ଚଳନ୍ତା ସ୍ଲିପର ବସ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ୮ ଜଣ ପୁରୁଷ ଅଛନ୍ତି। ଦିଲ୍ଲୀରୁ ମହୋବା ଯାଉଥିବା ଏହି ବସ୍‌ରେ ପ୍ରାୟ ୩୦ରୁ ୩୫ ଜଣ ଯାତ୍ରୀ ଥିଲେ। ଘଟଣା ପରେ ବସ୍‌ର ଚାଳକ ପବନ ଓ କଣ୍ଡକ୍ଟର ଯୋଗେଶଙ୍କୁ ପୁଲିସ ଅଟକ ରଖିଛି। ରାତି ପ୍ରାୟ ୧୧ଟା ୩୦ରେ ବସ୍‌ଟି ନୋଏଡା-ଆଗ୍ରା ରାସ୍ତାରେ ଥିବାବେଳେ ଚାଳକଙ୍କ କ୍ୟାବିନ୍‌ରୁ ପୋଡ଼ା ଗନ୍ଧ ଆସିଥିଲା। ଯାତ୍ରୀମାନେ ଏନେଇ ଚାଳକ ଓ କଣ୍ଡକ୍ଟରଙ୍କୁ ଜଣାଇଥିଲେ ମଧ୍ୟ ସେମାନେ ଏହାକୁ ଅଣଦେଖା କରିଥିବା ଏତଲାରେ ଅଭିଯୋଗ ହୋଇଛି। ଏତଲା ଅନୁଯାୟୀ, ଚାଳକ ପୋଡ଼ା ଗନ୍ଧକୁ ସାଧାରଣ କଥା କହି ବସ୍ ଅଟକାଇନଥିଲେ। ଏପରିକି ଚାଳକ ଓ କଣ୍ଡକ୍ଟର କ୍ୟାବିନ୍‌ରେ ବିଡ଼ି-ସିଗାରେଟ୍ ଟାଣୁଥିବା ଅଭିଯୋଗ ହୋଇଛି। କିଛି ସମୟ ପରେ ଚାଳକଙ୍କ ଆସନ ନିକଟରୁ ନିଆଁ ବାହାରିଥିଲା। ଯାତ୍ରୀମାନେ ବସ୍ ଅଟକାଇବାକୁ ଚିତ୍କାର କରିଥିଲେ ମଧ୍ୟ ଚାଳକ ତୁରନ୍ତ ଗାଡ଼ି ଅଟକାଇନଥିବା ଅଭିଯୋଗ ରହିଛି। ନିମିଷକ ମଧ୍ୟରେ ନିଆଁ ବସ୍‌କୁ ଗ୍ରାସ କରିବା ସହ ଧୂଆଁରେ ଭରିଯାଇଥିଲା ଭିତର ଅଂଶ। ଜୀବନ ବଞ୍ଚାଇବାକୁ କେତେକ ଯାତ୍ରୀ ଚଳନ୍ତା ବସ୍‌ରୁ ଡେଇଁ ପଡ଼ିଥିଲେ। ଅନ୍ୟମାନେ ଠେଲାପେଲା ମଧ୍ୟରେ ବାହାରକୁ ଆସିବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରାଥମିକ ଭାବେ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଏଡିଏମ୍ ଅଜିତ ସିଂହ କହିଛନ୍ତି। ଘଟଣାରେ ଶୋକ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମୃତକଙ୍କ ପରିବାର ସହ କଥା ହେବା ସହ ଆହତଙ୍କ ଉପଯୁକ୍ତ ଚିକିତ୍ସା ଓ ପୀଡ଼ିତ ପରିବାରଙ୍କୁ ସହାୟତା ଯୋଗାଇଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ହର୍ମୁଜ୍‌ରେ ପୁଣି ଆକ୍ରମଣ; ଭାରତୀୟ ନାବିକ ମୃତ

ଦେଓରିଆ, ୨୪।୯ (ଏଜେନ୍ସି): ହର୍ମୁଜ୍ ପ୍ରଣାଳୀ ନିକଟରେ ଏକ ବାଣିଜ୍ୟିକ କାର୍ଗୋ ଜାହାଜ ଉପରେ ଆକ୍ରମଣରେ ଉତ୍ତରପ୍ରଦେଶର ଦେଓରିଆ ଜିଲ୍ଲାର ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି। ମୃତ ନାବିକ ହେଲେ ୨୩ ବର୍ଷୀୟ ସୂରଜ ଯାଦବ। ସେ କର୍ମାଞ୍ଜିପୁର ଅହିରୱତି ଟୋଲା ଗାଁର ବାସିନ୍ଦା ଏବଂ ଓମ୍‌ପ୍ରକାଶ ଯାଦବଙ୍କ ପୁଅ। ସୂଚନା ଅନୁଯାୟୀ, ଅଗଷ୍ଟ ୧୯ରେ ମୁମ୍ବାଇସ୍ଥିତ ଏକ କମ୍ପାନି ମାଧ୍ୟମରେ ସୂରଜ ଓମାନ ଯାଇଥିଲେ। ସେ ଜାହାଜରେ 'ୱାଇପର' ଭାବେ କାମ କରୁଥିଲେ। ଜାହାଜଟି ଓମାନରୁ ବାହାରି ବାହାରିନ ଅଭିମୁଖେ ଯାଇଥିଲା। ପରେ ଏହା ଭାରତ ଅଭିମୁଖେ ଯାଉଥିବା ସମୟରେ ଆକ୍ରମଣର ସମ୍ମୁଖୀନ ହୋଇଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି, ଜାହାଜରେ ଥିବା ୧୯ ଜଣ ଭାରତୀୟଙ୍କ ସମେତ ବଞ୍ଚିଥିବା ସମସ୍ତ ନାବିକଙ୍କୁ ଓମାନ ରୟାଲ ନେଭି ଉଦ୍ଧାର କରିଛି। ସେମାନେ ସୁରକ୍ଷିତ ଭାବେ କୂଳରେ ପହଞ୍ଚିଛନ୍ତି। ସୂରଜଙ୍କ ମୃତଦେହ ଭାରତ ଫେରାଇ ଆଣିବା ସହ ପରିବାରକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସରକାର କହିଛନ୍ତି।

## ଆମେରିକୀୟ ଯୁଦ୍ଧବିମାନର ଯନ୍ତ୍ରାଂଶ ଜବତକଲା ଚୀନ୍

ୱାଶିଂଟନ୍, ୨୪।୯ (ଏଜେନ୍ସି): ଆମେରିକାର ଅତ୍ୟାଧୁନିକ ଏଫ୍-୩୫ ଷ୍ଟିଲ୍‌ଥ ଯୁଦ୍ଧବିମାନର ସମ୍ବେଦନଶୀଳ ଯନ୍ତ୍ରାଂଶ ଅଷ୍ଟ୍ରେଲିଆରୁ ଆମେରିକା ଯିବା ବଦଳରେ ହଂକଂରେ ପହଞ୍ଚିବା ଘଟଣା ଏବେ ରହସ୍ୟ ଘେରରେ। ମେ' ମାସରେ ଘଟିଥିବା ଏହି ଘଟଣାରେ ଚୀନ୍ ଉକ୍ତ ଯନ୍ତ୍ରାଂଶଗୁଡ଼ିକୁ ନିଜ ହେପାଜତକୁ ନେଇଥିବା ବ୍ଲୁମ୍‌ବର୍ଗ ରିପୋର୍ଟରେ କୁହାଯାଇଛି। ଏହାକୁ ନେଇ ଆମେରିକାର ସୁରକ୍ଷା ମହଲରେ ଚିନ୍ତା ବଢ଼ିଛି। ଯନ୍ତ୍ରାଂଶଗୁଡ଼ିକ ମଧ୍ୟରେ କକ୍‌ପିଟ୍‌ର ଆଗ କାଚ ଓ ଅସ୍ତ୍ର ରଖିବା ଖୋପର ଦ୍ୱାର ରହିଛି। ଏଥିରେ ରାଡାର୍‌କୁ ଏଡ଼ାଇବାରେ ସହାୟକ ସ୍ୱତନ୍ତ୍ର ଆବରଣ ଲାଗିଥିବାରୁ ଏହାର ପ୍ରଯୁକ୍ତି ଚୀନ୍ ହାତରେ ପଡ଼ିବା ଆମେରିକା ପାଇଁ ଚିନ୍ତା ସୃଷ୍ଟି କରିଛି। ଅଷ୍ଟ୍ରେଲିଆ ଓ ପେଣ୍ଟାଗନ୍ ଘଟଣାର ତଦନ୍ତ କରୁଛନ୍ତି। ମରାମତି ପାଇଁ ୟୁପିଏସ୍ ମାଧ୍ୟମରେ ଆମେରିକା ପଠାଯାଉଥିବା ଏହି ସାମଗ୍ରୀ ଦକ୍ଷିଣ କୋରିଆରୁ କିପରି ହଂକଂକୁ ଯିବାକୁ ଦିଆଗଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

## ମୁସ୍ତାକ୍ ଖାନଙ୍କ ପରଲୋକ

ମୁମ୍ବାଇ, ୨୪।୯ (ଏଜେନ୍ସି): ଜଣାଶୁଣା ବରିଷ୍ଠ ଅଭିନେତା ମୁସ୍ତାକ୍ ଖାନଙ୍କର ୫୬ ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଯାଇଛି। ଆଜି ମୁମ୍ବାଇର ନାନାବତୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।



ଗତ ୫ ବର୍ଷ ଧରି ତାଙ୍କର କ୍ୟାନସର ରୋଗର ଚିକିତ୍ସା ଚାଲିଥିଲା। ଗୁରୁତର ଅସୁସ୍ଥତା ଯୋଗୁଁ ତାଙ୍କୁ ଗତ ୧୫ ଦିନ ଧରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆସନ୍ତାକାଲି ମୁମ୍ବାଇରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ମଧ୍ୟପ୍ରଦେଶରୁ ଆସି ମୁସ୍ତାକ୍ ଖାନ ନାଟକରୁ ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। ୧୯୯୦ ଦଶକରେ ହିନ୍ଦୀ ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିଥିଲେ। 'ୱେଲକମ୍', 'ଗଦର: ଏକ ପ୍ରେମ କଥା', 'ଜୋଡ଼ି ନଂ ୧', 'ଆଶିକୀ' ଏବଂ 'ଦିଲ୍ ହୈ କି ମାନତା ନହିଁ' ଭଳି ଅନେକ ସଫଳ ଚଳଚ୍ଚିତ୍ରରେ ସେ ଅଭିନୟ କରିଥିଲେ। ହାସ୍ୟରସାତ୍ମକ ଓ ସହାୟକ ଭୂମିକା ପାଇଁ ତାଙ୍କର ବେଶ୍ ଲୋକପ୍ରିୟତା ରହିଥିଲା। ମୁସ୍ତାକଙ୍କ ବିୟୋଗରେ ଚଳଚ୍ଚିତ୍ର ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ଧର୍ମ ବାହାନାରେ ମହିଳାଙ୍କୁ ଗଣଦୁଷ୍କର୍ମ; ୪ ପୁଲିସ ଗିରଫ

ଅମରୋହା, ୨୪।୯ (ଏଜେନ୍ସି): ଉତ୍ତରପ୍ରଦେଶର ଅମରୋହାରେ ଧାର୍ମିକ ସ୍ଥାନ ବୁଲାଇବା ବାହାନାରେ ହରିୟାଣାର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳାଙ୍କୁ ଏକ ଫାର୍ମହାଉସ୍‌କୁ ନେଇ ଗଣଦୁଷ୍କର୍ମ କରାଯାଇଛି। ଘଟଣାରେ ଉତ୍ତରପ୍ରଦେଶ ପୁଲିସର ଦୁଇ କର୍ମଚାରୀ ଓ ଦୁଇ ସିଆରପିଏଫ୍ ଯବାନଙ୍କୁ ଗିରଫ କରାଯାଇଛି। ପୁଲିସ ଅନୁସାରେ, ଫତେହାବାଦର ଏହି ଯୁବତୀଙ୍କୁ ଜଣେ ମହିଳା ପରିଚିତା ସେପ୍ଟେମ୍ବର ୨୦ରେ ଯୋଗାଯୋଗ କରିଥିଲେ। ଅମରୋହାର ଧାର୍ମିକ ସ୍ଥାନ ବୁଲିବା ପାଇଁ ସିଆରପିଏଫ୍ ଇନ୍ସପେକ୍ଟର ମୋହିତଙ୍କ ସହ ଦେଖା କରିବାକୁ ତାଙ୍କୁ କୁହାଯାଇଥିଲା। ପରେ ସେ ମୋହିତଙ୍କ ସହ ଯାତ୍ରା କରିଥିଲେ। ସେପ୍ଟେମ୍ବର ୨୨ ସନ୍ଧ୍ୟାରେ ମୋହିତ ଓ ସିଆରପିଏଫ୍ ହେଡ୍ କନଷ୍ଟେବଳ ଲାଲାରାମ ଯାଦବ ତାଙ୍କୁ ଗାଡ଼ିରେ ନେଇ ହସନପୁର ଯାଇଥିଲେ। ବାଟରେ ଉତ୍ତରପ୍ରଦେଶ ପୁଲିସ ଉପନିରୀକ୍ଷକ ସଞ୍ଜୟ ତୋମରଙ୍କୁ ସେମାନେ ସାଙ୍ଗରେ ନେଇଥିଲେ। ପରେ ଆତ୍ରାସୀ-ହସନପୁର ରାସ୍ତାର ଏକ ଫାର୍ମହାଉସ୍‌କୁ ନେଇଯାଇଥିବା ଯୁବତୀ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ମୋହିତ, ଲାଲାରାମ ଓ ସଞ୍ଜୟ ତାଙ୍କୁ ପର୍ଯ୍ୟାୟକ୍ରମେ ଦୁଷ୍କର୍ମ କରିଥିଲେ।

# ଜ୍ଞାନେଶଙ୍କ ନାମରେ ଏଫ୍‌ଆଇଆର୍

## ଟିଏମ୍‌ସି ଟାର୍ଗେଟରେ ସିଇସି



ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଖଲ କରିଛନ୍ତି ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର। ଗୁରୁବାର ସେ ନୂଆଦିଲ୍ଲୀର ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି। ତେବେ ପୁଲିସ ଏପର୍ଯ୍ୟନ୍ତ ଏଫ୍‌ଆଇଆର୍ ରୁଜୁ କରିନାହିଁ। ମୋଇତ୍ରଙ୍କ ଅଭିଯୋଗର ଆଧାର ହେଉଛି 'ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ। ଏଥିରେ କୁହାଯାଇଥିଲା ଯେ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସରେ ଅନ୍ତତଃ ୧୪ ଥର ଭୋଟର ଯୋଡ଼ା, ବାଦ୍ ଓ ପୁନଃସ୍ଥାପନ ସମେତ ବିଭିନ୍ନ ନିଷ୍ପତ୍ତି ଉପରେ ଲିଖିତ ଆପତ୍ତି ଜଣାଇଥିଲେ। ମୋଇତ୍ରଙ୍କ ଅଭିଯୋଗ, ଅନ୍ୟ ଦୁଇ କମିସନରଙ୍କ ମତକୁ ଅଣଦେଖା କରି ସିଇସି ଏକପାଖିଆ ଭାବେ ନିଷ୍ପତ୍ତି ନେଇଥିଲେ। ଏସ୍‌ଆଇଆର୍ ପାଇଁ ସରକାରୀ ଅର୍ଥ ବ୍ୟବହାର ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ମହୁଆଙ୍କ ଅନୁଯାୟୀ, ସମ୍ପୂର୍ଣ୍ଣ କମିସନଙ୍କ ସମ୍ମତି ବିନା ନିଆଯାଇଥିବା ନିଷ୍ପତ୍ତି ବେଆଇନ। ସିଇସି ୨୦୨୩ ଅଧିନିୟମର ଧାରା ୧୬ ଅଧୀନରେ ଥିବା ଆଇନଗତ ସୁରକ୍ଷାର ଆଢୁଆଳରେ ରହିପାରିବେ ନାହିଁ। ତାଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

## କୁମାରଙ୍କୁ ଗିରଫ କରାଯାଉ: ଅଭିଷେକ

କୋଲକାତା, ୨୪।୯ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି)ର ସାଧାରଣ ସମ୍ପାଦକ ସାଂସଦ ଅଭିଷେକ ବାନାର୍ଜୀ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ ଭୋଟର ତାଲିକା ହେରଫେର ଓ ନିର୍ବାଚନ ଜାଲିଆତି ଅଭିଯୋଗରେ ସିଇସିଙ୍କୁ ତୁରନ୍ତ ପଦରୁ ହଟାଇବା ସହ ଗିରଫ କରିବାକୁ ଦାବି କରିଛନ୍ତି। ଅଭିଷେକ ଅଭିଯୋଗ କରିଛନ୍ତି ଯେ, ବିଜେପିର ନିର୍ବାଚନୀ ଲାଭ ପାଇଁ ଏସ୍‌ଆଇଆର୍ ପ୍ରକ୍ରିୟା କରାଯାଉଛି। ଏହା ମାଧ୍ୟମରେ ଲକ୍ଷ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଉଛି। ଏପରି କାର୍ଯ୍ୟ ଗଣତନ୍ତ୍ରର ମୂଳଦୁଆ ଉପରେ ସିଧାସଳଖ ଆକ୍ରମଣ। ସିଇସି ଯେପରି ଦେଶ ଛାଡ଼ି ଫେରାର ନ ହୁଅନ୍ତି, ସେଥିପାଇଁ ତାଙ୍କ ବିରୋଧରେ ଲୁକଆଉଟ୍ ସର୍କୁଲାର ଜାରି କରିବାକୁ ସେ ନିବେଦନ କରିଛନ୍ତି। ଏହା ସହିତ ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ ଉପରେ ସୁପ୍ରିମକୋର୍ଟଙ୍କ ଏକ ନିରପେକ୍ଷ ତଦନ୍ତ କରାଯିବା ପାଇଁ ସେ ଦାବି କରିଛନ୍ତି।

## ମତଭେଦ ଯୋଗୁଁ ଅଟକିଛି ଜେନ୍-ଜି ପଞ୍ଜୀକରଣ

ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ନିର୍ବାଚନ କମିସନରେ ମତଭେଦ ଯୋଗୁଁ ନୂତନ ଭୋଟର ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ବାର୍ଷିକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ୨୦୨୪ ପରଠାରୁ ଏହି ପ୍ରକ୍ରିୟା ପୁନଃ ଆରମ୍ଭ ହୋଇନାହିଁ। ଫଳରେ ଦେଶର ନୂତନ ଭାବେ ୧୮ ବର୍ଷରେ ପଦାର୍ପଣ କରୁଥିବା ଯୁବଗୋଷ୍ଠୀ ବା ଜେନ୍-ଜିଙ୍କ ଭୋଟିଂ ଅଧିକାର ଗୁରୁତର ଭାବେ ପ୍ରଭାବିତ ହୋଇଛି। ସାଧାରଣତଃ ୧୮ ବର୍ଷୀୟ ଯୁବ ଭୋଟରଙ୍କୁ ବର୍ଷକୁ ଚାରୋଟି ନିର୍ଦ୍ଦିଷ୍ଟ ତାରିଖ (ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧)ରେ ନାମ ପଞ୍ଜୀକରଣ କରିବାର ସୁଯୋଗ ମିଳିଥାଏ। କିନ୍ତୁ ୧୯୫୮ ମସିହାରୁ ନିରବଚ୍ଛିନ୍ନ ଭାବେ ଚାଲିଆସୁଥିବା ଏହି ବାର୍ଷିକ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ସଂଶୋଧନ ପ୍ରକ୍ରିୟା ବନ୍ଦ ରହିବା ଯୋଗୁଁ ନୂତନ ଯୁବବର୍ଗ ନିଜ ନାମ ଭୋଟର ତାଲିକାରେ ଯୋଡ଼ିବାରୁ ବଞ୍ଚିତ ହେଉଛନ୍ତି। ଏନେଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଏସଏସଆର ପୁନରାରମ୍ଭ ପାଇଁ ଦୃଢ଼ ଦାବି କରିଛନ୍ତି। ଅନ୍ୟପଟେ, ମୁଖ୍ୟ ନିର୍ବାଚନ କମିସନର ଏସମ୍ପର୍କରେ ଆଇନଗତ ପରାମର୍ଶ ଲୋଡ଼ିଛନ୍ତି। ଏହାସହ ଆୟୋଗର ପ୍ରାୟ ୫୦ ଜଣ ବରିଷ୍ଠ ଅଧିକାରୀଙ୍କ ବାର୍ଷିକ ଗୋପନୀୟ ରିପୋର୍ଟ (ଏସିଆର୍) ମଧ୍ୟ ସ୍ୱାକ୍ଷରିତ ହୋଇନପାରି ଅଟକି ରହିଛି। ଫଳରେ ଆଗାମୀ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ନବୀକରଣ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

## ପୁଣି ଧମକ ଦେଲା ଇରାନ

ତେହରାନ/ୱାସିଂଟନ, ୨୪।୯ (ଏଜେନ୍ସି): ଆମେରିକା କିମ୍ବା ଇସ୍ରାଏଲ ପକ୍ଷରୁ ଇରାନ ଉପରେ ପୁଣି ଆକ୍ରମଣ ହେଲେ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଭାରତ ମହାସାଗର ପର୍ଯ୍ୟନ୍ତ ବ୍ୟାପିପାରେ ବୋଲି ଇରାନ ପକ୍ଷରୁ ଚେତାବନୀ ଦିଆଯାଇଛି। ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନେଇଙ୍କ ପରାମର୍ଶଦାତା ୟାହ୍ୟା ରହିମ ସଫାଭି ଗୁରୁବାର ଏହି ଚେତାବନୀ ଦେଇଛନ୍ତି। ସଫାଭିଙ୍କ ଅନୁଯାୟୀ, ସଂଘର୍ଷ ପାରସ୍ୟ ଉପସାଗର ଓ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରି ଲୋହିତ ସାଗର ପର୍ଯ୍ୟନ୍ତ ପହଞ୍ଚିଛି। ଆଉ ଏକ ଆକ୍ରମଣ ହେଲେ ଯୁଦ୍ଧର ଭୌଗୋଳିକ ପରିସର ଆହୁରି ବଢ଼ିପାରେ ବୋଲି ସେ କହିଛନ୍ତି। ଏପରି ସ୍ଥିତି ଭାରତ ଓ ଚୀନ୍ ଭଳି ପ୍ରମୁଖ ତୈଳ ଆମଦାନୀକାରୀ ଦେଶ ପାଇଁ ଚିନ୍ତା ବଢ଼ାଇପାରେ। ଉପସାଗରୀୟ ଅଞ୍ଚଳରୁ ଏସିଆକୁ ତୈଳ ପରିବହନ କରୁଥିବା ଜାହାଜଗୁଡ଼ିକର ସୁରକ୍ଷା ନେଇ ମଧ୍ୟ ଆଶଙ୍କା ବଢ଼ିପାରେ। ଇରାନ ଦାବି କରିଛି ଯେ ଚଳିତ ବର୍ଷ ମାର୍ଚ୍ଚରେ ମଧ୍ୟ ସଂଘର୍ଷର ପ୍ରଭାବ ଭାରତ ମହାସାଗର ପର୍ଯ୍ୟନ୍ତ ପହଞ୍ଚିଥିଲା। ରଏଟର୍ସ ଅନୁଯାୟୀ, ଶ୍ରୀଲଙ୍କାର ଗାଲେ ନିକଟରେ ଆମେରିକୀୟ ଆକ୍ରମଣରେ ଇରାନୀ ଯୁଦ୍ଧଜାହାଜ ଆଇଆରଆଇଏସ୍ ଡେନା ବୁଡ଼ିଥିଲା। ଏହି ମଧ୍ୟରେ ଜାତିସଂଘ ସାଧାରଣ ପରିଷଦରେ ଇରାନୀ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଆମେରିକାର ନୀତିକୁ ସମାଲୋଚନା କରିଛନ୍ତି। ଇରାନ ଚାପରେ ନଇଁବ ନାହିଁ ବୋଲି ସେ କହିଥିବା ବେଳେ ଆଲୋଚନା ମାଧ୍ୟମରେ ସଂଘର୍ଷର ସମାଧାନ ପାଇଁ ଇରାନ ପ୍ରସ୍ତୁତ ଥିବା ସଙ୍କେତ ଦେଇଛନ୍ତି। ଅନ୍ୟପକ୍ଷରେ ହର୍ମୁଜ୍ ପ୍ରଣାଳୀ ଏବେ ମଧ୍ୟ ସଂଘର୍ଷର ପ୍ରମୁଖ କେନ୍ଦ୍ର ରହିଛି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତୈଳ ଓ ଏଲ୍‌ଏନ୍‌ଜି ଏହି ଜଳପଥ ଦେଇ ପରିବହନ ହୋଇଥାଏ।

**ଆକ୍ରମଣ ହେଲେ ସୁରକ୍ଷିତ ରହିବ ନାହିଁ ଭାରତ ମହାସାଗର**

## ୨୭ରେ ଇମ୍ରାନ୍ ସମର୍ଥକଙ୍କ ପଦଯାତ୍ରା: ପାକିସ୍ତାନରେ ହାଇଆଲର୍ଟ

ଇସ୍‌ଲାମାବାଦ, ୨୪।୯ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମୁକ୍ତି ଦାବିରେ ସେପ୍ଟେମ୍ବର ୨୭ରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ପକ୍ଷରୁ ପ୍ରସ୍ତାବିତ ମାର୍ଚ୍ଚକୁ ରୋକିବା ପାଇଁ ଇସ୍‌ଲାମାବାଦରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ରାଜଧାନୀର ବିଭିନ୍ନ ରାସ୍ତାରେ ପ୍ରାୟ ୨ ହଜାର କଣ୍ଟେନର ରଖାଯାଇ ଯାତାୟାତ ଅବରୋଧ କରାଯାଉଛି। ପଞ୍ଜାବ ଓ ସିନ୍ଧରୁ ୨୦ ହଜାରରୁ ଅଧିକ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଇସ୍‌ଲାମାବାଦରେ ଦୁଇ ମାସ ପାଇଁ ରାଲି, ଶୋଭାଯାତ୍ରା ଓ ସାଧାରଣ ସମାବେଶ ଉପରେ ନିଷେଧ ଲାଗୁ ହୋଇଛି। ଧାରା ୧୪୪ ଅନୁଯାୟୀ ଏକ ସ୍ଥାନରେ ୫ କିମ୍ବା ତା'ଠାରୁ ଅଧିକ ଲୋକଙ୍କ ସମାବେଶ ଉପରେ ମଧ୍ୟ କଟକଣା ରହିଛି। ଏପଟେ ପିଟିଆଇ କର୍ମୀମାନେ ରାସ୍ତାରୁ କଣ୍ଟେନର ହଟାଇବା ପାଇଁ ବୁଲ୍‌ଡୋଜର ଓ କ୍ରେନ୍ ଭଳି ଭାରୀ ଯାନ ପ୍ରସ୍ତୁତ ରଖୁଥିବା 'ଡନ୍' ରିପୋର୍ଟ କରିଛି। କେତେକ ସ୍ଥାନରେ କଣ୍ଟେନରଗୁଡ଼ିକୁ ୱେଲ୍ଡିଂ କରାଯାଇଥିବା ସହ ଲୁହା କଣ୍ଟା ଲଗାଯାଇଛି। ଗୃହମନ୍ତ୍ରୀ ମୋହସିନ୍ ନକ୍‌ଭି ପିଟିଆଇକୁ ମାର୍ଚ୍ଚ କାର୍ଯ୍ୟକ୍ରମ ପୁନର୍ବିଚାର କରିବାକୁ କହିଛନ୍ତି। ପ୍ରତିବାଦ ସମୟରେ କାହାରି ମୃତ୍ୟୁ ଘଟିଲେ ଆୟୋଜକମାନଙ୍କୁ ଦାୟୀ କରାଯିବ ବୋଲି ସେ ସତର୍କ କରିଛନ୍ତି। ତେବେ ପିଟିଆଇ ମାର୍ଚ୍ଚ ପ୍ରତ୍ୟାହାର କରିନାହିଁ। ଇମ୍ରାନ୍ ଖାନ୍ ଅଗଷ୍ଟ ୨୦୨୩ରୁ ଜେଲ୍‌ରେ ଅଛନ୍ତି।

## ଏଆଇସିସି ସଚିବ ଚୟନରେ ଅନିୟମିତତା; ସାକ୍ଷାତକାର ବାତିଲ୍

ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଅଖିଳ ଭାରତ କଂଗ୍ରେସ କମିଟିର ସଚିବ ପଦ ପାଇଁ ଅନୁଷ୍ଠିତ ସାକ୍ଷାତକାର ପ୍ରକ୍ରିୟାକୁ ଦଳ ବାତିଲ୍ କରିଛି। ପ୍ରାର୍ଥୀ ଚୟନରେ ଅନିୟମିତତା ଓ ତ୍ରୁଟି ହୋଇଥିବା ଅଭିଯୋଗ ପରେ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ଏଆଇସିସି ସଚିବ ନିଯୁକ୍ତି ପାଇଁ ଦଳ ପୁଣି ପାରମ୍ପରିକ ପଦ୍ଧତିକୁ ଫେରିବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି। ଦଳର ସାଂଗଠନିକ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ଦକ୍ଷ କରିବା ଉଦ୍ଦେଶ୍ୟରେ ଏଆଇସିସି ସଚିବ ଚୟନ ପାଇଁ ଏକ ସାକ୍ଷାତକାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଦଳର ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ନେତା ଓ କର୍ମକର୍ତ୍ତାଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀ ଚୟନ କରିବା ଏହାର ଉଦ୍ଦେଶ୍ୟ ଥିଲା। ଏଥିପାଇଁ ଅନେକ ନେତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା। ତେବେ ପ୍ରାର୍ଥୀ ଚୟନର ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ତ୍ରୁଟି ରହିଥିବା ନେଇ ପ୍ରଶ୍ନ ଉଠିଥିଲା। ବିଶେଷକରି 'ସଂଗଠନ ସୃଜନ' ଅଭିଯାନ ମାଧ୍ୟମରେ ନିକଟରେ ବିଭିନ୍ନ ଜିଲ୍ଲାର ସଭାପତି ଦାୟିତ୍ୱ ନେଇଥିବା କେତେକ ନେତାଙ୍କୁ ମଧ୍ୟ ଏଆଇସିସି ସଚିବ ପଦର ସାକ୍ଷାତକାର ପାଇଁ ଡକାଯାଇଥିବା ଜଣାପଡ଼ିଛି। ଦଳୀୟ ସାଂଗଠନିକ ଦାୟିତ୍ୱରେ ନୂଆ କରି ନିଯୁକ୍ତ ହୋଇଥିବା ନେତାଙ୍କୁ ଏତେ ଶୀଘ୍ର ଜାତୀୟ ସ୍ତରର ଦାୟିତ୍ୱ ପାଇଁ କିପରି ବିଚାର କରାଗଲା, ତାହା ନେଇ ଦଳ ଭିତରେ ପ୍ରଶ୍ନ ଉଠିଥିଲା। ଏହା ସହିତ କେତେକ 'ସୁପାରିସ୍' ଭିତ୍ତିକ ପ୍ରାର୍ଥୀ ମଧ୍ୟ ସାକ୍ଷାତକାର ପର୍ଯ୍ୟାୟରେ ପହଞ୍ଚିଥିବା ଚର୍ଚ୍ଚା ହେଉଛି। ଶେଷରେ ପ୍ରାର୍ଥୀ ଚୟନରେ ଥିବା ତ୍ରୁଟି ଓ ଅନିୟମିତତାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ସାକ୍ଷାତକାର ପ୍ରକ୍ରିୟାକୁ ରଦ୍ଦ କରାଯାଇଛି। ଏବେ ନୂଆ ପଦ୍ଧତିରେ ନୁହେଁ, ବରଂ ଦଳର ପୂର୍ବ ପ୍ରଚଳିତ ପାରମ୍ପରିକ ପ୍ରକ୍ରିୟା ଅନୁସରଣ କରି ସଚିବ ନିଯୁକ୍ତ କରାଯିବ ବୋଲି ଜଣାପଡ଼ିଛି।



## ୧୧ ବର୍ଷ ପରେ ଆମେରିକା ଗସ୍ତରେ ଜିନ୍‌ପିଙ୍ଗ

ୱାସିଂଟନ, ୨୪।୯ (ଏଜେନ୍ସି): ଦୀର୍ଘ ୧୧ ବର୍ଷ ପରେ ଆମେରିକା ଗସ୍ତରେ ଯାଇଛନ୍ତି ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ। ବୁଧବାର ଜଏଣ୍ଟ ବେସ୍ ଆଣ୍ଡ୍ରୁଜ୍‌ରେ ତାଙ୍କୁ ସ୍ୱାଗତ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଟ୍ରମ୍ପଙ୍କ ସହ ମେଲାନିଆ ଟ୍ରମ୍ପ ମଧ୍ୟ ଉପସ୍ଥିତ ଥିଲେ। ଜିନ୍‌ପିଙ୍ଗଙ୍କ ସହ ତାଙ୍କ ପତ୍ନୀ ପେଙ୍ଗ୍ ଲିୟୁଆନ୍ ଆସିଛନ୍ତି। ଗୁରୁବାର ହ୍ୱାଇଟ୍ ହାଉସ୍‌ରେ ଜିନ୍‌ପିଙ୍ଗଙ୍କ ପାଇଁ ଆନୁଷ୍ଠାନିକ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଟ୍ରମ୍ପ ଜିନ୍‌ପିଙ୍ଗ ଓ ପେଙ୍ଗ୍ ଲିୟୁଆନ୍‌ଙ୍କ ସମ୍ମାନରେ ରାଜକୀୟ ଭୋଜି ଦେଇଛନ୍ତି। ଦୁଇ ନେତାଙ୍କ ଆଲୋଚନାରେ ବାଣିଜ୍ୟ ଓ ଶୁଳ୍କ, କୃତ୍ରିମ ବୁଦ୍ଧିମତ୍ତା, ତାଇୱାନ ଏବଂ ଅନ୍ୟାନ୍ୟ ଭୂ-ରାଜନୈତିକ ପ୍ରସଙ୍ଗ ପ୍ରମୁଖ ସ୍ଥାନ ପାଇଛି। ଚୀନରେ ନିବେଶ ପାଇଁ ଆମେରିକାର ଶିଳ୍ପପତି ଓ ବ୍ୟବସାୟୀଙ୍କ ସର୍ବଦା ସ୍ୱାଗତ କରାଯିବ ବୋଲି ଚୀନ ରାଷ୍ଟ୍ରପତି କହିଛନ୍ତି। ଏହି ଅବସରରେ ସେମାନେ ଆର୍ଟିଫିସିଅଲ ଇଣ୍ଟେଲିଜେନ୍ସ ଉପରେ ମଧ୍ୟ ଆଲୋଚନା କରିଛନ୍ତି। ମଣିଷ ନିୟନ୍ତ୍ରଣରେ ଆର୍ଟିଫିସିଅଲ ଇଣ୍ଟେଲିଜେନ୍ସର ବିକାଶ କରାଯିବା ଉଚିତ ବୋଲି ଦୁଇ ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଥିଲା।

## ଆମେରିକୀୟ ଯୁଦ୍ଧଜାହାଜରେ ୮ କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

ୱାସିଂଟନ୍, ୨୪।୯ (ଏଜେନ୍ସି): ଇରାନ ବିରୋଧୀ ସାମରିକ ଅଭିଯାନରେ ଦୀର୍ଘ ସମୟ ଧରି ନିୟୋଜିତ ଆମେରିକାର 'ୟୁଏସ୍‌ଏସ୍ ଅବ୍ରାହମ୍ ଲିଙ୍କନ୍' ଷ୍ଟ୍ରାଇକ୍ ଗ୍ରୁପ୍‌ରେ ୮ ଜଣ ନୌସେନା କର୍ମଚାରୀ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଆମେରିକାର କାର୍ଯ୍ୟବାହୀ ନୌସେନା ସଚିବ ହଙ୍ଗ୍ କାଓ ସିନେଟର କ୍ରିଷ୍ଟେନ୍ ଗିଲିବ୍ରାଣ୍ଡଙ୍କୁ ଦେଇଥିବା ଚିଠିରେ ଏହି ସୂଚନା ଦେଇଛନ୍ତି। ଏହି ୮ଟି ଘଟଣା କେବଳ ବିମାନବାହୀ ଜାହାଜର କର୍ମଚାରୀଙ୍କ ନୁହେଁ, ଏଥିରେ ବିମାନ ଦଳ, ଏସ୍କର୍ଟ ଯୁଦ୍ଧଜାହାଜ ଓ ଷ୍ଟ୍ରାଇକ୍ ଗ୍ରୁପ୍‌ର ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି। ତେବେ ଏହି ସମୟରେ କୌଣସି ଆତ୍ମହତ୍ୟାଜନିତ ମୃତ୍ୟୁ ହୋଇନଥିବା ନୌସେନା ପକ୍ଷରୁ କୁହାଯାଇଛି। ଅଗଷ୍ଟରେ ଜଣେ ନୌସେନା କର୍ମଚାରୀ ଜାହାଜରୁ ସମୁଦ୍ରକୁ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାରକାରୀ ହେଲିକପ୍ଟର ଯୋଗେ ତୁରନ୍ତ ଉଦ୍ଧାର କରାଯାଇଥିଲା। ମାର୍ଚ୍ଚରେ ଆଉ ଜଣେ ସମୁଦ୍ରକୁ ଡେଇଁବାକୁ ଉଦ୍ୟମ କରିଥିବାବେଳେ ସହକର୍ମୀମାନେ ତାଙ୍କୁ ରୋକିଥିଲେ। 'ଲିଙ୍କନ୍' ଷ୍ଟ୍ରାଇକ୍ ଗ୍ରୁପ୍‌ରେ ପ୍ରାୟ ୬ରୁ ୭ ହଜାର କର୍ମଚାରୀ ରହିଛନ୍ତି।

## ୬ ମାସରେ ୪ ଲକ୍ଷ ଜୀବନ ନେବ ସୁପର ଏଲ୍ ନିନୋ

**ଭାରତ ପାଇଁ ଆଗାମୀ ଗ୍ରୀଷ୍ମରେ ବଢ଼ିପାରେ ବିପଦ**

ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ସୁପର ଏଲ୍ ନିନୋ ଯୋଗୁଁ ଆସନ୍ତା ୬ ମାସରେ ବିଶ୍ୱରେ ଅତିରିକ୍ତ ୪ ଲକ୍ଷ ୫୧ ହଜାର ଲୋକଙ୍କ ମୃତ୍ୟୁ ହୋଇପାରେ। ଅତ୍ୟଧିକ ତାପମାତ୍ରାଜନିତ ମୃତ୍ୟୁକୁ ନେଇ 'କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍' ପକ୍ଷରୁ କରାଯାଇଥିବା ଏକ ଆକଳନରେ ଏହି ଆଶଙ୍କା ପ୍ରକାଶ ପାଇଛି। ସେପ୍ଟେମ୍ବର ୨୦୨୬ରୁ ଫେବ୍ରୁଆରି ୨୦୨୭ ମଧ୍ୟରେ ଏଲ୍ ନିନୋ ଯୋଗୁଁ ସାଧାରଣ ବର୍ଷ ତୁଳନାରେ ଏହି ଅତିରିକ୍ତ ମୃତ୍ୟୁ ହୋଇପାରେ ବୋଲି ଆକଳନ କରାଯାଇଛି। ତେବେ ଏହା ପୂର୍ବରୁ ଘଟିଥିବା ମୃତ୍ୟୁର ଆକଳନ ନୁହେଁ। ୧୯୯୬ରୁ ୨୦୨୫ ପର୍ଯ୍ୟନ୍ତର ତଥ୍ୟକୁ ଆଧାର ବର୍ଷ ଭାବେ ନେଇ ସାଧାରଣ ତାପମାତ୍ରା ସହ ତୁଳନା କରି ଗବେଷକମାନେ ଅତିରିକ୍ତ ତାପଜନିତ ମୃତ୍ୟୁର ଏହି ଆକଳନ କରିଛନ୍ତି। 'କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍' ଜଳବାୟୁ ବିଜ୍ଞାନ, ଅର୍ଥନୀତି ଓ ତଥ୍ୟ ବିଶ୍ଳେଷଣକୁ ଏକତ୍ର କରି ଜଳବାୟୁ ପରିବର୍ତ୍ତନର ମାନବ ଜୀବନ ଓ ଅର୍ଥନୀତି ଉପରେ ପ୍ରଭାବ ଅଧ୍ୟୟନ କରେ। ଆକଳନ ଅନୁଯାୟୀ, ଏହି ଅତିରିକ୍ତ ମୃତ୍ୟୁର ବଡ଼ ଅଂଶ ଗ୍ଲୋବାଲ୍ ସାଉଥ୍ ଦେଶଗୁଡ଼ିକରେ ହୋଇପାରେ। ଆଫ୍ରିକାର ସାହେଲ୍ ଅଞ୍ଚଳରେ ପ୍ରାୟ ୬୬,୮୦୦ ଅତିରିକ୍ତ ତାପଜନିତ ମୃତ୍ୟୁର ଆକଳନ କରାଯାଇଛି। ଏଥିରୁ ନାଇଜେରିଆରେ ୩୧,୪୦୦, ସୁଦାନରେ ୧୭,୫୦୦, ନାଇଜରରେ ୧୦,୦୦୦ ଏବଂ ଚାଦ୍‌ରେ ୮,୦୦୦ ମୃତ୍ୟୁ ହୋଇପାରେ। ଦକ୍ଷିଣପୂର୍ବ ଏସିଆର ଫିଲିପାଇନ୍ସ, ଭିଏତନାମ, ଥାଇଲାଣ୍ଡ ଓ କାମ୍ବୋଡିଆରେ ମିଳିତ ଭାବେ ପ୍ରାୟ ୧୯,୪୦୦ ଏବଂ ଇଣ୍ଡୋନେସିଆରେ ୧୯,୩୦୦ ଅତିରିକ୍ତ ମୃତ୍ୟୁର ଆକଳନ ହୋଇଛି। ବ୍ରାଜିଲ୍‌ରେ ଏହି ସଂଖ୍ୟା ୧୩,୩୦୦ ଓ ଭାରତରେ ୧୫,୮୦୦ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱ ପାଣିପାଗ ସଂଗଠନ ଅନୁଯାୟୀ, ଏଲ୍ ନିନୋ ଏବେ ସକ୍ରିୟ ଥିବା ସହ ନଭେମ୍ବର-ଡିସେମ୍ବରରେ ଏହାର ତୀବ୍ରତା ସର୍ବାଧିକ ହୋଇପାରେ। ଫେବ୍ରୁଆରି ୨୦୨୭ ପର୍ଯ୍ୟନ୍ତ ଏହା ଜାରି ରହିବାର ସମ୍ଭାବନା ପ୍ରାୟ ୧୦୦ ପ୍ରତିଶତ ବୋଲି ସଂଗଠନ କହିଛି। ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନର ଆକଳନ ଅନୁଯାୟୀ, ନିନୋ ୩.୪ ଅଞ୍ଚଳର ସମୁଦ୍ରପୃଷ୍ଠ ତାପମାତ୍ରା ସ୍ୱାଭାବିକ ତୁଳନାରେ ୧.୮ ଡିଗ୍ରୀ ସେଲସିୟସ୍ ଅଧିକ ରହିଛି। ପୂର୍ବ ଭୂମଧ୍ୟ ପ୍ରଶାନ୍ତ ଅଞ୍ଚଳରେ ଏହି ବ୍ୟତିକ୍ରମ ୩ ଡିଗ୍ରୀରୁ ଅଧିକ ରହିଛି। ଗବେଷକମାନେ କହିଛନ୍ତି, ଫେବ୍ରୁଆରି ୨୦୨୭ ପରେ ମଧ୍ୟ ଭାରତ ଓ ପାକିସ୍ତାନ ଭଳି ଉତ୍ତର ଗୋଲାର୍ଦ୍ଧର ଦେଶଗୁଡ଼ିକରେ ଗ୍ରୀଷ୍ମ ଋତୁ ସମୟରେ ତାପଜନିତ ମୃତ୍ୟୁ ବଢ଼ିପାରେ।



‘ଉଶୁ’ରେ ରୋଶିବିନାଙ୍କୁ ରୌପ୍ୟ
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-92 ◆FRIDAY ◆25 SEPTEMBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୯୨ ◆ଶୁକ୍ରବାର ◆୨୫ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ପୁଣି ଦିଲ୍ଲୀରେ ଗର୍ଜିଲା କକ୍ରୋଚ୍ ଜନତା ପାର୍ଟି

# ଜ୍ଞାନେଶଙ୍କୁ ୪୮ ଘଣ୍ଟାର ଗାଦି ଛାଡ଼ ମହଲତ

### ଦାବି ପୂରଣ ନହେଲେ ଦେଶବ୍ୟାପୀ ଆନ୍ଦୋଳନ: ସିଜେପି

## ସିଇସି ଗଣତନ୍ତ୍ରର ବିଶ୍ୱାସଘାତକ



■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ କମିସନରେ ଫାଟ ସଂକ୍ରାନ୍ତ ଖବର ପ୍ରକାଶ ପାଇବା ପରେ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି । ଅନ୍ୟ ଦୁଇ ଜଣ ନିର୍ବାଚନ କମିସନରଙ୍କ ଆପତ୍ତିକୁ ଖାତିର ନକରି ମନଇଚ୍ଛା ବେଆଇନ ନିଷ୍ପତ୍ତି ନେଇଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି । ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଏବେ ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରିବାକୁ ଲାଗିଛନ୍ତି । ନିଜ ପଦରୁ ଇସ୍ତଫା ଦେବାପାଇଁ ତାଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି । ଜ୍ଞାନେଶ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି କକ୍ରୋଚ ଜନତା ପାର୍ଟି ଦାବି କରିଛି । ଏଥିପାଇଁ ଜ୍ଞାନେଶଙ୍କୁ ୪୮ ଘଣ୍ଟାର ସମୟ ଦେଇଛି । ଏହି ସମୟ ମଧ୍ୟରେ ଇସ୍ତଫା ନଦେଲେ ଦେଶବ୍ୟାପୀ ଆନ୍ଦୋନ କରିବାକୁ ଧମକ ଦେଇଛି କକ୍ରୋଚ୍ ପାର୍ଟି । ସଂଗଠନ କହିଛି ଯେ ଜ୍ଞାନେଶ ହେଉଛନ୍ତି ଗଣତନ୍ତ୍ରର ସବୁଠୁ ବଡ଼ ବିଶ୍ୱାସଘାତକ ଓ ଦେଶବିରୋଧୀ ।

ସଂଗଠନ ପକ୍ଷରୁ ଆଜି ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଚେତାବନୀ ଦେଇଛନ୍ତି ସିଜେପିର ପ୍ରତିଷ୍ଠାତା ତଥା ଆବାହକ ଅଭିଜିତ ଦିପ୍‌କେ । ସେ କହିଛନ୍ତି, ରାଜଧାନୀ ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ଧାରଣା ଓ ପ୍ରତିବାଦ କରାଯିବ । ପୁଣି ଯନ୍ତରମନ୍ତର-୨ ଆନ୍ଦୋଳନ ହେବ । ସାମ୍ବାଦନିକ ସମ୍ମିଳନୀରେ ଉପସ୍ଥିତ ସଂଗଠନର ସହ-ଆବାହକ ସୌରଭ ଦାସ ଓ ଆଶୁତୋଷ ରାଙ୍କା ଏହି ଅବସରରେ ତିନିଟି ପ୍ରମୁଖ ଦାବି ରଖିଛନ୍ତି । ମୁଖ୍ୟ ନିର୍ବାଚନ କମିସନର (ସିଇସି) ପଦରୁ ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ, ନଚେତ ତାଙ୍କୁ ହଟାଯାଉ । ବେଆଇନ କାର୍ଯ୍ୟ ପାଇଁ ସେ କାହା ଇସାରାରେ କାମ କରୁଥିଲେ ସେମାନଙ୍କର ନାମ ପ୍ରକାଶ କରନ୍ତୁ । ଏମାନଙ୍କ ବିରୋଧରେ ଅପରାଧିକ ମକଦ୍ଦମା ହେଉ । ଦ୍ୱିତୀୟରେ ନିକଟରେ ହେବାକୁ ଥିବା ସମସ୍ତ ନିର୍ବାଚନକୁ ବାତିଲ କରାଯାଉ ଏବଂ ଏସ୍‌ଆଇଆର ପ୍ରକ୍ରିୟାର ସମୀକ୍ଷା କରାଯାଉ । ଏହାସହ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ୨୦୨୫ର ଭୋଟର ତାଲିକା ସ୍ଥିତିକୁ ଫେରାଇ ନେବା ସହିତ ଏସ୍‌ଆଇଆର୍ ସମ୍ପର୍କିତ ଫାଇଲ୍‌ଗୁଡ଼ିକୁ ସୁପ୍ରିମକୋର୍ଟ ନେତୃତ୍ୱାଧୀନ କମିଟି ହେପାଜତରେ ରଖାଯାଉ । ▶ପୃଷ୍ଠା-୭



### ମହାଭିଯୋଗ ପାଇଁ ବିରୋଧୀଙ୍କ ପ୍ରସ୍ତୁତି

**ଆଜି ନିର୍ବାଚନ କମିସନ ଅଫିସ ଘେରାଉ କରିବ କଂଗ୍ରେସ**

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ସଂସଦରେ ପୁଣି ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଅଣ୍ଟା ଭିଡ଼ିଛି । ସଂସଦର ଉଭୟ ଗୃହରେ ଏହି ନୋଟିସ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଦାଖଲ କରାଯାଇପାରେ ବୋଲି ଜଣାପଡ଼ିଛି । ମତଦାତା ତାଲିକାର ଏସ୍‌ଆଇଆର୍ ଏବଂ ଫର୍ମ ୬ ପରିବର୍ତ୍ତନକୁ ନେଇ ନିର୍ବାଚନ ଆୟୋଗର ଅନ୍ୟ ଦୁଇ କମିସନର ସୁଖବୀର ସିଂ ସନ୍ଧୁ ଏବଂ ବିବେକ ଯୋଶୀ ଆପତ୍ତି ଉଠାଇଥିବା ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି । ଏହାପରେ ଦେଶରେ ରାଜନୈତିକ ବିବାଦ ତୀବ୍ର ହୋଇଛି । ଏହାକୁ ଆଧାର କରି ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛନ୍ତି । ଏହାପୂର୍ବରୁ ଜ୍ଞାନେଶଙ୍କ ବିରୋଧରେ ଦୁଇଥର ମହାଭିଯୋଗ ନୋଟିସ ଦିଆଯାଇଥିଲା । ନିର୍ବାଚନ କମିସନ ଇତିହାସରେ କୌଣସି କମିସନରଙ୍କ ବିରୋଧରେ ମହାଭିଯୋଗ ଆଣିବାରେ ଏହା ଥିଲା ପ୍ରଥମ ଘଟଣା । ଲୋକସଭାର ୧୩୦ ଏବଂ ରାଜ୍ୟସଭାର ୬୩ ଜଣ ସାଂସଦଙ୍କ ଦସ୍ତଖତରେ ୧୦ ପୃଷ୍ଠା ବିଶିଷ୍ଟ ଅଭିଯୋଗପତ୍ର ▶ପୃଷ୍ଠା-୭

### ଭୋଟ ଚୋରିରେ ନିର୍ବାଚନ କମିସନ ମୁଖ୍ୟ ଅଭିଯୁକ୍ତ: ରାହୁଲ

## ଦେଶଦ୍ରୋହୀଙ୍କୁ ସଜା ମିଳିବ

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ନିର୍ବାଚନ କମିସନରେ ମତଭେଦକୁ ନେଇ କେନ୍ଦ୍ର ସରକାର ଓ ମୁଖ୍ୟ ନିର୍ବାଚନ କମିସନରଙ୍କ ଉପରେ ବର୍ଷିଛନ୍ତି ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ । ସେ କହିଛନ୍ତି ଯେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଅନିୟମିତତା ହେଉଛି ବୋଲି ଦୁଇ ଜଣ ନିର୍ବାଚନ କମିସନର ଆପତ୍ତି କରିବା ସତ୍ତ୍ୱେ ଏହାକୁ ଖାତିର ନକରି ଅଗଣତାନ୍ତ୍ରିକ ଉପାୟରେ ନିର୍ବାଚନ କମିସନ ଏସ୍‌ଆଇଆର୍‌କୁ ଅସ୍ତ୍ର କରି ନିର୍ବାଚନ କରାଇଛନ୍ତି । ଏଭଳି ବେଆଇନ ପ୍ରକ୍ରିୟାର ଯେଉଁମାନେ




ସଂସଦକୁ ନିର୍ବାଚିତ ହେଉଛନ୍ତି, ସେମାନଙ୍କ ଦ୍ୱାରା ପ୍ରଣିତ ଆଇନ ମଧ୍ୟ ବେଆଇନ । ଭୋଟ ଚୋରି ପରେ କାନୁନ ଚୋରି । ଏହି ସମଗ୍ର ଘଟଣା ପାଇଁ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଦାୟୀ କରି ▶ପୃଷ୍ଠା-୭

### ସୁପ୍ରିମକୋର୍ଟରେ ଡିଜିପି ନିଯୁକ୍ତି ଶୁଣାଣି

## ଏକ୍ସ-କ୍ୟାଡର ପଦ ସୃଷ୍ଟିର ବୈଧତାକୁ ନେଇ ପ୍ରଶ୍ନ

■ ଭୁବନେଶ୍ୱର, ୨୪।୯ (ସମିସ): ଓଡ଼ିଶାର ସ୍ଥାୟୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନ ପ୍ରକ୍ରିୟାକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ସୁପ୍ରିମକୋର୍ଟ ଗୁରୁବାର ଗୁରୁତର ପ୍ରଶ୍ନ ଉଠାଇଛନ୍ତି । ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କ ‘ଇଣ୍ଟିଗ୍ରିଟି ସାର୍ଟିଫିକେଟ୍’ ଅଟକାଇବା ଓ ଏକ୍ସ-କ୍ୟାଡର ଡିଜି ପଦବୀ ସୃଷ୍ଟି କରିବା ସଂକ୍ରାନ୍ତରେ ଅଦାଲତଙ୍କ ଟିପ୍ପଣୀ ରାଜ୍ୟ ସରକାରଙ୍କ ପାଇଁ ଅଶ୍ୱସ୍ତିକର ହୋଇଛି ।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନଙ୍କୁନେଇ ଗଠିତ ୩ ଜଣିଆ ଖଣ୍ଡପୀଠ କ୍ରମାଗତ ତୃତୀୟ ଦିନ ଏହି ମାମଲାର ଶୁଣାଣି କରିଛନ୍ତି । ଜଣେ ଅଧିକାରୀଙ୍କୁ ସିବିଆଇ ପଚରାଉଚରା କରିପାରେ ବୋଲି ଆଶଙ୍କା ଥିବାରୁ ତାଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ରୋକିବା ଏକ ମାତ୍ରାଧିକ ପଦକ୍ଷେପ । ▶ପୃଷ୍ଠା-୭

### ଏଜି ପାଇଁ କ୍ଷମା ମାଗିଲେ ଏସ୍‌ଜି

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଓଡ଼ିଶା ପୁଲିସ ଡିଜି ନିଯୁକ୍ତି ମାମଲାର ଶୁଣାଣି ବେଳେ ଗତକାଲି ସୁପ୍ରିମ କୋର୍ଟରେ ଆମିକସ କ୍ୟୁରିଙ୍କ ପ୍ରତି ଆଡଭୋକେଟ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କ ଆପତ୍ତିଜନକ ମନ୍ତବ୍ୟ ପାଇଁ ଆଜି କ୍ଷମା ପ୍ରାର୍ଥନା କରିଛନ୍ତି ସଲିସିଟର ଜେନେରାଲ (ଏସ୍‌ଜି) ତୁଷାର ମେହେଟ୍ଟା । ଏହି ମାମଲାରେ କୋର୍ଟ ରାଜୁ ରାମଚନ୍ଦ୍ରନଙ୍କୁ ଆମିକସ କ୍ୟୁରି ନିଯୁକ୍ତ କରିଛନ୍ତି । ରାମଚନ୍ଦ୍ରନ ତାଙ୍କର ମତାମତ ରଖୁଥିବା ବେଳେ ପୀତାମ୍ବର ଆଚାର୍ଯ୍ୟ ତାଙ୍କୁ ଲକ୍ଷ୍ୟ କରି କହିଥିଲେ ଯେ ସେ ଆବେଦନକାରୀଙ୍କ ପକ୍ଷରୁ ମାମଲା ଲଢୁଥିବା ଭଳି ଲାଗୁଛି । ତାଙ୍କର ଏଭଳି ମନ୍ତବ୍ୟର ଦୃଢ଼ ପ୍ରତିବାଦ ଜଣାଇଥିଲେ ରାମଚନ୍ଦ୍ରନ । ସେ କହିଥିଲେ ଯେ ତାଙ୍କର ୫୦ ବର୍ଷର ଓକିଲାତି ଜୀବନରେ କେବେହେଲେ ତାଙ୍କୁ କେହି ଏଭଳି ଆକ୍ଷେପ କରିନାହାନ୍ତି । ପୀତାମ୍ବର ତାଙ୍କର ମନ୍ତବ୍ୟ ପ୍ରତ୍ୟାହାର କରନ୍ତୁ ବୋଲି ସେ ଦାବି କରିଥିଲେ । ପୀତାମ୍ବର ସଫେଇ ଦେଇ କହିଥିଲେ ଯେ ରାମଚନ୍ଦ୍ରନଙ୍କ ପ୍ରତି ତାଙ୍କର ଗଭୀର ସମ୍ମାନ ରହିଛି । ସେ କେବଳ ଅଦାଲତରେ ତାଙ୍କର ଯୁକ୍ତି ରଖୁଥିଲେ ।

### ଏମ୍‌ଡିଆର୍ ଶୁଳ୍କକୁ ବିରୋଧ

## ଅକ୍ଟୋବର ୨ରେ ‘ନୋ ୟୁପିଆଇ ଡେ’

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) କାରବାରରେ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ବା ବାଣିଜ୍ୟ ରିହାତି ହାର(ଏମ୍‌ଡିଆର୍) ଲାଗୁକୁ ନେଇ ସାରା ଦେଶରେ ବିରୋଧ ତୀବ୍ର




**‘କ୍ୟୁଆର୍ କୋଡ୍’ରେ ଘୋଡ଼ାଯିବ କଳା କପଡ଼ା**

ହେବାରେ ଲାଗିଛି । ଏବେ ଦେଶର ବ୍ୟବସାୟୀମାନେ ଏହାକୁ ନେଇ ମୁହଁ ଖୋଲିଛନ୍ତି । ବାଣିଜ୍ୟ ସଂଗଠନଗୁଡ଼ିକ ଅକ୍ଟୋବର ୨କୁ ‘ନୋ ୟୁପିଆଇ ଡେ’ ଭାବରେ ପାଳନ କରିବାକୁ ଯାଉଛନ୍ତି । ଏହି ଦିନ ସାରା ଦେଶରେ କୌଣସି ବି ଦୋକାନୀ ବା ବ୍ୟବସାୟୀ ଗ୍ରାହକଙ୍କଠାରୁ ୟୁପିଆଇରେ ଟଙ୍କା ଗ୍ରହଣ କରିବେନାହିଁ । ବ୍ୟବସାୟୀମାନେ ୟୁପିଆଇ ସ୍କାନର, କ୍ୟୁଆର୍ କୋଡ୍, ସାଉଣ୍ଡ ବକ୍ସ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଉପକରଣଗୁଡ଼ିକୁ କଳା କପଡାରେ ଘୋଡାଇ ▶ପୃଷ୍ଠା-୭

### ଏମ୍‌ଏମ୍‌ଡିଆର୍ ଆଇନ ସଂଶୋଧନକୁ ବିଜେଡିର ତୀବ୍ର ବିରୋଧ

## ୨୮ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ

■ ଭୁବନେଶ୍ୱର, ୨୪।୯ (ସମିସ): ଏମଏମଡିଆର ସଂଶୋଧନ ଆଇନ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହେବା ପରେ ଏହାକୁ ବିଜେଡି ତୀବ୍ର ବିରୋଧ କରି ଆସୁଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଏହା ବିରୋଧରେ ସମାବେଶ ଅନୁଷ୍ଠିତ ହେଉଛି । ଏହିକ୍ରମରେ ଆସନ୍ତା ୨୮ ତାରିଖରେ ଦଳ ପକ୍ଷରୁ ଲୋୟର ପିଏମଜିରେ ଏକ ବିଶାଳ ଗଣ ବିକ୍ଷୋଭ ସଭା କାର୍ଯ୍ୟକ୍ରମ ଆୟୋଜିତ ହେବ ଓ ଏଥିରେ ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ । ଶଙ୍ଖ ଭବନରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ବିଧାୟକ ଡ. ଅରୁଣ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ତଥା ପିଏସି ସଦସ୍ୟ ସୁଦାମ ମାର୍ଣ୍ଡି ଓ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡ଼ାଇ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସୂଚନା ଦେଇଛନ୍ତି ।

### ଯୋଗଦେବେ ନବୀନ

ଶ୍ରୀ ମିଶ୍ର କହିଥିଲେ ଯେ ଖଣି ଓ ଖଣି ଥିବା ଜମି ଉପରେ ଥିବା ରାଜ୍ୟମାନଙ୍କ ଅଧିକାରକୁ ଏମଏମଡିଆର ସଂଶୋଧନ ଆଇନ ମାଧ୍ୟମରେ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି, ଯାହା ଦେଶର ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ । ଦେଶର ଗଚ୍ଛିତ ଥିବା ସମୁଦାୟ ଖଣିଜ ସମ୍ପଦ ମଧ୍ୟରୁ କେବଳ ଓଡ଼ିଶାରେ ଏହାର ୪୪ ପ୍ରତିଶତ ଖଣିଜ ସମ୍ପଦ ▶ପୃଷ୍ଠା-୭



**କଳା ଆଇନ ପ୍ରତ୍ୟାହାର ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ**

**ଆଦିବାସୀଙ୍କ ଜୀବନଜୀବିକାକୁ ନର୍କ କରିଦେବ ନୂଆ ଆଇନ**

### ଓଲଟ ପାଲଟ



ଲାଞ୍ଜୁଆ ପେଞ୍ଜୁଆ ଧଳା ହାତୀ ପାଇଁ
ଟଙ୍କାଗୁଡ଼ା ଗୋଡ଼ି-ମାଟି,
ଫାଇଲି କାମରେ ଟେବୁଲ ତଳରେ
ଲାଞ୍ଚ ପାଇଁ ଛାଟିପିଟି !
କାମରେ ମାଗନ୍ତି ବଟି
କୋଟିପତି ମାରି ପଟି !
ଗୁଇନ୍ଦା ହାତରେ ଧରାପଡ଼ି ବାବୁ
ଯାଆନ୍ତି ମାମୁଁ ଘରଟି !!

-ଯାଯାବର

**ବର୍ଷା ଅଜାଡ଼ିଲା ଗଭୀର ଅବପାତ**

## ଦକ୍ଷିଣ ଓଡ଼ିଶା ଉବୁଟୁବୁ

■ ଭୁବନେଶ୍ୱର, ୨୪।୯ (ସମିସ): ଆନ୍ଧ୍ର ପ୍ରଦେଶର କଳିଙ୍ଗପଟ୍ଟନମ୍‌ରେ ସ୍ଥଳ ଭାଗ ଛୁଇଁବା ପରେ ଘଣ୍ଟା ପ୍ରତି ୧୦ କିମି ବେଗରେ ଆଗକୁ ବଢୁଛି ଗଭୀର ଅବପାତ । ୨୩ ସେପ୍ଟେମ୍ବର ରାତି ୧୧ଟାରୁ ୨୪ ସେପ୍ଟେମ୍ବର ରାତି ୧ଟା ମଧ୍ୟରେ କଳିଙ୍ଗପଟ୍ଟନମର ଦକ୍ଷିଣ-ପଶ୍ଚିମ ନିକଟବର୍ତ୍ତୀ ଅଞ୍ଚଳ ଦେଇ ଏହା ଉପକୂଳ ଅତିକ୍ରମ କରିଛି । ଏହି ସମୟରେ ଏହାର ସର୍ବାଧିକ ପବନ ବେଗ ଘଣ୍ଟାପ୍ରତି ୫୫-୬୫ କିମି ଥିବାବେଳେ ଝଟକା ପବନର ବେଗ ଘଣ୍ଟାପ୍ରତି ୭୫ କିମି ପର୍ଯ୍ୟନ୍ତ ରହିଛି । ଏବେ ଏହି ଅବପାତ ଆନ୍ଧ୍ରପ୍ରଦେଶର ଉତ୍ତର ଉପକୂଳ ଏବଂ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପରେ ସକ୍ରିୟ ରହିଛି । ଧୀରେ ଧୀରେ ଏହା ଦୁର୍ବଳ ହୋଇ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଭୀଷଣ ବର୍ଷା ହୋଇଛି ।

ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ ଆଗକୁ କେନ୍ଦ୍ରୀୟ ଓ ଛତିଶଗଡ଼କୁ ଲାଗି ଓଡ଼ିଶା ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ବଢ଼ିବ ବୋଲି ଆକଳନ କରାଯାଇଛି । ଗତ ୨୪ ଘଣ୍ଟାରେ ▶ପୃଷ୍ଠା-୭



### ଧସିଲା କଳିଙ୍ଗା ଗାର୍ଡୱାଲ

■ ଜି ଉଦୟଗିରି, ୨୪।୯ (ସମିସ): ଅବିଶ୍ରାନ୍ତ ବର୍ଷାରେ କଳିଙ୍ଗା ଘାଟିର ସୁରକ୍ଷା ପ୍ରାଚୀର ଧସିଯିବା ଫଳରେ ପୁଣି ଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଚଳିତ ବାତ୍ୟାରେ ପ୍ରବଳରୁ ଅତି ପ୍ରବଳ ବର୍ଷାରେ ଭୂସ୍ଖଳନ ଆଶଙ୍କା ରଖି ଦୁଇ ଦିନ ଘାଟିରେ ଯାତାୟାତ ବନ୍ଦ କରିଥିଲା ଜିଲ୍ଲା ପ୍ରଶାସନ । ଆଶଙ୍କା ସତ ହୋଇଛି । ଦୁଇ ଦିନ ପ୍ରବଳ ବର୍ଷା ରେ ଅନ୍ଧାରିକୋଟ ନିକଟରେ ପ୍ରଶସ୍ତ କରାଯାଉଥିବା ଗାର୍ଡୱାଲ ଧସି ଯାଇଥିବା ବେଳେ ଆଉ କିଛି ଅଂଶ ଧସିବା ଅବସ୍ଥାରେ ରହିଛି । ଫଳରେ ଏବେ ଏହି ଘାଟି ଦେଇ ଯାତାୟାତ କରିବା ସୁରକ୍ଷିତ ମନେ କରାଯାଉନି । ଆଗକୁ ବର୍ଷା ସାଙ୍ଗକୁ ଭୂସ୍ଖଳନ ଆଶଙ୍କା କରି ପ୍ରଶାସନ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଯାତାୟାତ ବନ୍ଦ କରାଯାଇଥିବା ବେଳେ କେବେ ସ୍ୱାଭାବିକ ହେବ ତାକୁ ନେଇ ପ୍ରଶ୍ନ ଉଠିଛି ।

## ସରକାରଙ୍କୁ ଅଡୁଆରେ ପକାଇଲେ ଖଣିମନ୍ତ୍ରୀ

### ସଂଶୋଧିତ ଆଇନ ଦ୍ୱାରା ଲାଭ-କ୍ଷତିର ଆକଳନ ହୋଇନାହିଁ: ବିଭୂତି

■ ଭୁବନେଶ୍ୱର, ୨୪।୯ (ସମିସ): ଏମଏମଡ଼ିଆର୍ ସଂଶୋଧନ ଅର୍ଥାତ୍ ସଂସଦରେ ଗୃହୀତ ସଂଶୋଧିତ ଖଣି ଆଇନରେ ଓଡ଼ିଶାର କ୍ଷତି ହେବନାହିଁ ବୋଲି ଯୁକ୍ତି ବାଢୁଥିବା ବିଜେପି ନେତା ଓ ସାଂସଦମାନଙ୍କୁ ବିଧାନସଭାରେ ମିଛୁଆ ପ୍ରମାଣିତ କରିଛନ୍ତି ରାଜ୍ୟ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା । ପ୍ରକାଶ ସୋରେନ୍ ଓ ଗଣେଶ୍ୱର ବେହେରାଙ୍କ ଦୁଇଟି ଭିନ୍ନଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଖଣି ଆଇନ ପ୍ରସଙ୍ଗରେ ତାଙ୍କ ଦଳ ଓ ସରକାରଙ୍କ ଆଭିମୁଖ୍ୟରେ ଥିବା ବିଭ୍ରାନ୍ତିକୁ ସ୍ପଷ୍ଟ କରିଦେଇଛନ୍ତି । ଏମଏମ୍‌ଡିଆର ସଂଶୋଧିତ ଆଇନର ଆର୍ଥିକ ପ୍ରଭାବ ସମ୍ପର୍କରେ ଲାଭ ବା କ୍ଷତି ସମ୍ପର୍କରେ ସରକାର ଆକଳନ କରିନାହାନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟମ ସମ୍ବନ୍ଧୀତ ସର୍ତ୍ତାବଳୀ ପ୍ରଣୟନ ପରେ ଏହାର ଆର୍ଥିକ ପ୍ରଭାବକୁ ସରକାର ନିରୀକ୍ଷଣ କରିବେ । ଅନୁରୂପ ଭାବରେ ଆଡ୍‌ଭୋକେଟ ଜେନେରାଲ ସୁପ୍ରିମକୋର୍ଟରେ କ’ଣ ଯୁକ୍ତି ରଖିଥିଲେ; ତାହାର ତଥ୍ୟ ସରକାରଙ୍କ ନିକଟରେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା ବିଧାନସଭାରେ ଉତ୍ତର ରଖିଛନ୍ତି । ମନ୍ତ୍ରୀ ଶ୍ରୀ ଜେନାଙ୍କ ଏହି ଦୁଇଟି ଉତ୍ତର ତାଙ୍କ ସରକାର ଓ ଦଳ ପାଇଁ ଅଧିକ ବିପଦ ଡ଼ାକି ଆଣିଛି । ▶ପୃଷ୍ଠା-୭

**ବିଭାଗ ପାଖରେ ନାହିଁ କି ସୁପ୍ରିମକୋର୍ଟରେ ଓଡ଼ିଶା ଏଜିଙ୍କ ଯୁକ୍ତି ସଂକ୍ରାନ୍ତ ତଥ୍ୟ**

# କଣ୍ଟାମାଳ ଜଙ୍ଗଲରୁ କଙ୍କାଳ ଠାବ

## ଦେଢ଼ ମାସ ହେବ ନିଖୋଜ ଥିଲେ ରାଜେନ୍ଦ୍ର

**ବଣାଇଁ, ୨୪।୯ (ସମିସ):** ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ସୋଲ ପଞ୍ଚାୟତର କଣ୍ଟାମାଳ ଜଙ୍ଗଲରୁ ଗୁରୁବାର ଏକ କଙ୍କାଳ ଠାବ ହୋଇଛି। ଜଙ୍ଗଲକୁ ଯାଇଥିବା କିଛି ଲୋକ କଙ୍କାଳଟି ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଗୁରୁଣ୍ଡିଆ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ କଙ୍କାଳଟି ସୋଲ ଅଞ୍ଚଳର ରାଜେନ୍ଦ୍ର ବାର୍ଲା (୫୯)ଙ୍କର ବୋଲି ସନ୍ଦେହ କରାଯାଉଛି। ସେ ଗତ ଅଗଷ୍ଟ ୧ରୁ ନିଖୋଜ ଥିଲେ। ତେବେ ସେ କାହିଁକି ଜଙ୍ଗଲକୁ ଯାଇଥିଲେ, ସେଠାରେ କିପରି ତାଙ୍କର ମୃତ୍ୟୁ ହେଲା କିମ୍ବା ଅନ୍ୟ କୌଣସି କାରଣ ରହିଛି ସେ ନେଇ ପୁଲିସ ତଦନ୍ତ କରୁଛି। ଘନ ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ଦୀର୍ଘଦିନ ଧରି ଘଟଣାଟି କାହାରି ନଜରକୁ ଆସିନଥିବା କୁହାଯାଉଛି। ଆଜି ପୁଲିସ ଓ ମାଜିଷ୍ଟ୍ରେଟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ କଙ୍କାଳର ପରିଚୟ ଓ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ଅଧିକ ତଥ୍ୟ ମିଳିବ ବୋଲି ଜଣାପଡ଼ିଛି।

# କୋଇଡାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅର୍ଥନୈତିକ ଅବରୋଧ

**ରାଉରକେଲା /କୋଇଡା, ୨୪।୯ (ସମିସ)**

ବିଭିନ୍ନ ଦାବି ନେଇ ୟୁନାଇଟେଡ୍ ମାଇନ୍ସ ମଜଦୂର ୟୁନିଅନ୍ ପକ୍ଷରୁ କୋଇଡ଼ାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅର୍ଥନୈତିକ ଅବରୋଧ କରାଯାଇଛି। ରେଳ ଚଳାଚଳ ଠାରୁ ଆରମ୍ଭ କରି ଜାତୀୟ ରାଜପଥ, ଖଣି ସବୁ ଠପ୍ ହୋଇଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମଗ୍ର କୋଇଡା ଖଣି ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସିଆଇଟିୟୁ ପକ୍ଷରୁ ଏହି ଅର୍ଥନୈତିକ ଅବରୋଧ ଜାରି ରହିଛି। ଏହି ଆନ୍ଦୋଳନ ଯୋଗୁଁ ଜାତୀୟ ରାଜପଥ ୫୨୦ ସମେତ ଖଣିଜ ପରିବହନ ଓ ରେଳ ସାଇଡିଂରେ କାର୍ଯ୍ୟ ପ୍ରଭାବିତ ହୋଇଛି।

ଦୁଇ ବର୍ଷ ଧରି ବାରମ୍ବାର ଲିଖିତ ଅଭିଯୋଗ, ବୈଠକ, ପ୍ରତିଶ୍ରୁତି ସତ୍ତ୍ୱେ ସ୍ଥାନୀୟ ରେଳ ସାଇଡିଂରେ ୨ମାସ ଧରି ରେକ୍ ଲୋଡିଂ ନ ହେବା, ଅତିରିକ୍ତ ୬୫ ପ୍ରତିଶତ ରୟାଲିଟି ଆଦାୟ ସମ୍ପର୍କିତ ନିର୍ଦ୍ଦେଶନାମା ପ୍ରତ୍ୟାହାର, ସେଲ୍‌ଫ ପରିଚାଳିତ କାଲଟା ଓ ତାଲଡିହି ଖଣିରେ ଶ୍ରମିକଙ୍କ ଜୀବିକା ପ୍ରଭାବିତ ନ କରିବା ଏବଂ କାଲଟା ଖଣିରୁ ରକ୍ସି ରେଳ ଲୋଡିଂ ସାଇଡିଂକୁ ପର୍ଯ୍ୟାପ୍ତ ଲୁହାପଥର ଯୋଗାଣ ଆଦି ଦାବି ନେଇ ୟୁନାଇଟେଡ୍ ମାଇନ୍ସ ମଜଦୁର ୟୁନିଅନ୍ ପକ୍ଷରୁ ସିଆଇଟିୟୁ ଏହି ଆନ୍ଦୋଳନ ଆରମ୍ଭ କରିଛି। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ

**ରେଳଠାରୁ ଜାତୀୟ ରାଜପଥ, ଖଣି ସବୁ ଠପ୍**

ଆୟୋଜିତ ଏହି ଆନ୍ଦୋଳନରେ ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ସାମିଲ ହୋଇଥିଲେ। ଫଳରେ ରକ୍ସି, ରେଣ୍ଡାଡା, ପଟାସାହି, ବିମଳାଗଡ଼, ବରସୁଆଁ ସମେତ ୬ଟି ରେଳ ସାଇଡିଂ ଓ କାଲଟା-ତାଲଡିହି ଖଣି ଅଞ୍ଚଳରେ କାର୍ଯ୍ୟ ବନ୍ଦ ରହିଛି। ଅବରୋଧ ଯୋଗୁଁ ହଜାର ହଜାର ଲୁହାପଥର ବୋଝେଇ ଟ୍ରକ୍ ଓ ଟିପ୍ପର୍ ରାସ୍ତାରେ ଅଟକି ରହିଥିବା ବେଳେ ରେଳ ସାଇଡିଂରେ ମଧ୍ୟ ଲୋଡିଂ ଓ ରେଳ ଚଳାଚଳ



ପ୍ରଭାବିତ ହୋଇଛି। ଫଳରେ କୋଇଡା ଖଣି ଅଞ୍ଚଳର ଖଣିଜ ପରିବହନ ଓ ଦୈନନ୍ଦିନ ଅର୍ଥନୈତିକ କାରବାର ଉପରେ ବଡ଼ ପ୍ରଭାବ ପଡ଼ିଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ବଣାଇ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ, ପୁଲିସ ବଳ ଓ ରେଳବାଇ ପୁଲିସ ମୁତୟନ ହୋଇଛନ୍ତି। ରେଳ ଏଆରଏମ୍ ଓ କୋଇଡା ତହସିଲଦାର ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ତେବେ ଆଲୋଚନାରୁ କୌଣସି ସମାଧାନ ବାହାରି ନଥିବାରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅର୍ଥନୈତିକ ଅବରୋଧ ଜାରି ରହିବ ବୋଲି ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରକାଶ କରିଛନ୍ତି।

# ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରୁଦ୍ର ଚରଣଙ୍କ ପରଲୋକ

**ବଣାଇଁ, ୨୪।୯ (ସମିସ):** ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ବଡ଼ଗୋଗୁଆ ଗ୍ରାମର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ତଥା ସମାଜସେବୀ ରୁଦ୍ର ଚରଣ ସାହୁଙ୍କ ୬୬ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ସେ ଅସୁସ୍ଥ ହୋଇ ରାଉରକେଲା ହାଇଟେକ୍ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଖବର ପ୍ରଚାରିତ ହେବା ପରେ ବଣାଇଁଗଡ଼ ଅଞ୍ଚଳ ସମେତ କଂଗ୍ରେସ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ଶେଷ ଦର୍ଶନ ପାଇଁ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ



ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏହି ଅବସରରେ କଂଗ୍ରେସ ବ୍ଲକ ସଭାପତି ଟୋପି ଚନ୍ଦନ ସାହୁ, କର୍ମବୀର ଦାଶ, ସମୀର ଚକ୍ରବର୍ତ୍ତୀ, ଭୋଳାନାଥ ପ୍ରଧାନ, ମନୋଜ ସେଠ, ଲହୁଣୀପଡ଼ାର ସଞ୍ଜୟ ନାୟକ, କୋଇଡ଼ାର ସନାତନ ଘଣା, ଗୁରୁଣ୍ଡିଆର ତ୍ରିନାଥ କିଷାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ପରେ ତାଙ୍କ ମରଶରୀରକୁ ବଣାଇଁଗଡ଼ ବାସଭବନରୁ ବଡ଼ଗୋଗୁଆ ଗ୍ରାମକୁ ନିଆଯାଇଥିଲା। ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ତାଙ୍କ ଛୋଟ ନାତି ଅମନ ମୁଖାଗ୍ନି ଦେଇଥିଲେ।

# ସାଧୁ ବେଶରେ ଆସି ସୁନା ଲୁଟ୍; ୩ ଗିରଫ

**ରାଉରକେଲା, ୨୪।୯ (ସମିସ):** ରାଉରକେଲାର ଛେଣ୍ଡ ପେଟ୍ରୋଲ ପମ୍ପ ନିକଟରେ ୩ ଜଣ ଦୁର୍ବୃତ୍ତ ସାଧୁ ବେଶରେ ଆସି ଜଣେ ମହିଳାଙ୍କୁ ଭୟଭୀତ କରି ସୁନାବଳା ଛଡ଼ାଇ ନେବା ଘଟଣାରେ ପୁଲିସ ୩ ନକଲି ସାଧୁଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାଟି ବୁଧବାର ସକାଳେ ଘଟିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଦକ୍ଷିଣ-ପୂର୍ବ ଦିଲ୍ଲୀ ଜାଫରପୁର ଥାନା ଅଧୀନ ରଥମୁଡ଼ ଅଞ୍ଚଳର ସ୍ୱର୍ଗତ ଘୁଙ୍ଗୁରୁ ନାଥଙ୍କ ପୁଅ କରମବୀର ନାଥ (୩୦), ସେହି ଅଞ୍ଚଳର ସ୍ୱର୍ଗତ ଛବିଳ ନାଥଙ୍କ ପୁଅ ଗୋରଖ ନାଥ (୪୫) ଏବଂ ହରିୟାଣାର ସୋନିପତ ସିଟି ଥାନା ଅଧୀନ ମାରଥଲ ଅଞ୍ଚଳର ପାପୁ ନାଥଙ୍କ ପୁଅ ରାଜନ ନାଥ (୨୫)।



ଆଜି ଜୋନାଲ ଡିଏସ୍‌ପି ମନୋରଞ୍ଜନ ପ୍ରଧାନ ସେକ୍ଟର-୭ ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ସେପ୍ଟେମ୍ବର ୨୩ ସକାଳେ ତିନି ଅଭିଯୁକ୍ତ ସାଧୁ ବେଶରେ ଆସି ସ୍ନେହଲତା ଜେନା ନାମକ ଜଣେ ମହିଳାଙ୍କୁ ଅଟକାଇ ଟଙ୍କା ଦାବି କରିଥିଲେ। ମହିଳା ଜଣକ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେବା ସହ ସେ ପିନ୍ଧିଥିବା ସୁନା ବଳା ଛଡ଼ାଇ ନେଇ ଖସିଯିବାକୁ ଉଦ୍ୟମ କରିଥିଲେ। ମହିଳା ଜଣକ ପାଟି କରିବାରୁ ସ୍ଥାନୀୟ ଲୋକେ ଧାଇଁ ଆସି ତିନି ଜଣଙ୍କୁ କାବୁ କରିଥିଲେ। ପରେ ସେମାନଙ୍କୁ ପୁଲିସ ଜିମା ଦିଆଯାଇଥିଲା।

ସ୍ନେହଲତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ସୁନା ବଳା, ଗୋଟିଏ କମଣ୍ଡଳୁ, ଦୁଇଟି ଛୋଟ ରୁଦ୍ରାକ୍ଷ ମାଳା, ଦୁଇଟି ଲୁହା ଚେନ୍, ଗୋଟିଏ ଯୋଡ଼ା ଲୁହା ବଳା, ଗୋଟିଏ ଯୋଡ଼ା ପିତଳ ବଳା, ଗୋଟିଏ ଛୋଟ ପିତଳ ବାଲ୍‌ଟି, ଦୁଇଟି ବ୍ୟାଗ୍, ଗୋଟିଏ ଶଙ୍ଖ ଏବଂ ୧, ୪୫୦ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚ ବେଳେ ବନ୍ଧମୁଣ୍ଡା ଥାନାରେ ସେମାନଙ୍କ ନାମରେ ଅନୁରୂପ ମାମଲା ରହିଥିବା ଜଣାପଡ଼ିଛି।

# ନବନିଯୁକ୍ତ ସବ୍-ଇନ୍ସପେକ୍ଟରଙ୍କ ସହ ଡିଆଇଜିଙ୍କ ଆଲୋଚନା



**ରାଉରକେଲା, ୨୪।୯ (ସମିସ):** ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର ନବନିଯୁକ୍ତ ସବ୍-ଇନ୍ସପେକ୍ଟରମାନଙ୍କ ସହ ରାଉରକେଲା ସ୍ଥିତ ଡିଆଇଜି କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ଡିଆଇଜି ଶ୍ରୀ ରାୟ ନବନିଯୁକ୍ତ ଅଧିକାରୀମାନଙ୍କୁ ପେଶାଦାର ପୁଲିସିଂ, ଅପରାଧ ନିବାରଣ ଓ ଅପରାଧର ତଦନ୍ତ ତଥା ଉଦ୍‌ଘାଟନ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଅପରାଧ ତଦନ୍ତକୁ ଅଧିକ ପ୍ରଭାବଶାଳୀ ଓ ବୈଜ୍ଞାନିକ କରିବା ପାଇଁ ନାଟଗ୍ରିଡ୍, ସମନ୍ୱୟ ପୋର୍ଟାଲ୍, ଇ -ସାକ୍ଷ୍ୟ ଓ ସିସିଟିଏନଏସ ଭଳି ଆଧୁନିକ ତଦନ୍ତ ବ୍ୟବସ୍ଥାର ସଠିକ୍ ଓ ପ୍ରଭାବୀ ବ୍ୟବହାର ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା।

# ବସ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**ବଣାଇଁ, ୨୪।୯ (ସମିସ):** ବଣାଇ ଉପଖଣ୍ଡ ଲହୁଣୀପଡ଼ା ଥାନା ଅନ୍ତର୍ଗତ ୫୨୦ ନଂ. ଜାତୀୟ ରାଜପଥର ସାଇପନ ପୋଲ ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ସାଲେଇଡିହି ଗ୍ରାମର ସତ୍ୟାନନ୍ଦ ମାହାନ୍ତ (୪୫) ଓ କୁନ୍ତଳା ମାହାନ୍ତ (୫୩)। ସେମାନେ ସମ୍ପର୍କରେ ଭାଉଜ-ଦିଅର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଦୁଇଜଣ ଶଙ୍ଖପୋଷ ଗ୍ରାମରୁ କାମ ସାରି ବାଇକ୍‌ରେ ନିଜ ଗ୍ରାମ ସାଲେଇଡିହିକୁ ଫେରୁଥିଲେ। ସାଇପନ ପୋଲ ନିକଟରେ କୋଇଡ଼ା ପଟୁ ଆସୁଥିବା 'ସଦାମ' ନାମକ ଏକ ଘରୋଇ ବସ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

# ତାଲୁକ ଆଇନସେବା ସମିତି ପକ୍ଷରୁ ଆଇନ୍ ସଚେତନତା ଶିବିର

**ବଣାଇଁ, ୨୪।୯ (ସମିସ):** ବଣାଇଁଗଡ଼ସ୍ଥିତ ନିୟମ ସେଣ୍ଟର ପରିସରରେ ବୁଧବାର ବଣାଇଁ ତାଲୁକ ଆଇନ ସେବା ସମିତି ପକ୍ଷରୁ ବିଭିନ୍ନ ଆଇନଗତ ବିଷୟକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ (ପୋକ୍‌ସୋ), ପୀଡ଼ିତଙ୍କ କ୍ଷତିପୂରଣ ସମ୍ପର୍କିତ ଜାତୀୟ ଆଇନ ସେବା ପ୍ରାଧିକରଣ ଯୋଜନା-୨୦୧୮, ସାମାଜିକ ଗଣମାଧ୍ୟମରେ ସୁରକ୍ଷା, ସାଇବର ଆଇନ ଏବଂ ଏସିଡ୍ ଆକ୍ରମଣର ପୀଡ଼ିତଙ୍କ ସୁରକ୍ଷା ଓ କ୍ଷତିପୂରଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା।




କାର୍ଯ୍ୟକ୍ରମରେ ବଣାଇଁ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ଆଶୁତୋଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୁନ୍ଦରଗଡ଼ର ଅତିରିକ୍ତ ଜିଲ୍ଲା ଜଜ୍ ତଥା ପୋକ୍ସୋ ଜଜ୍ ଜ୍ଞାନରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ପୋକ୍ସୋ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ।

ଏଥିରେ ବଣାଇଁ ସବ୍‌ଜଜ୍ ରଞ୍ଜନ କୁମାର ପ୍ରଧାନ, ଏସ୍‌ଡିଜେଏମ୍ ଅଭିନନ୍ଦନ ନନ୍ଦ ଏବଂ କୋଇଡ଼ା ଜେଏମ୍‌ଏଫ୍‌ସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଆଇନ ସେବା ସମ୍ପର୍କରେ ସଚେତନ କରିଥିଲେ।

ସେହିପରି ବଣାଇଁଗଡ଼ ସହକାରୀ ଜିଲ୍ଲାପାଳ ନବକିଶୋର ପାତ୍ର, ଶିଶୁ ବିକାଶ ବିଭାଗ ପକ୍ଷରୁ ଅରୁଣାବାଲା ମିଶ୍ର ଏବଂ ବଣାଇଁ ଥାନା ଏଏସ୍‌ଆଇ ପର୍ଶୁରାମ ମାହାନ୍ତ ଯୋଗଦେଇ ସାଇବର ଆଇନ ଓ ସାମାଜିକ ଗଣମାଧ୍ୟମରେ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ନିୟମ ସେଣ୍ଟରର ପ୍ରଶିକ୍ଷକ ଅଞ୍ଜଳି ସାହୁ ଏବଂ ରିଟେନର ମହେଶ୍ୱର ନନ୍ଦୀ ମଧ୍ୟ ଉପସ୍ଥିତ ଥିଲେ। ଶିବିରରେ ନିୟମ ସେଣ୍ଟରର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ହୃଦାନନ୍ଦ ଦାନୀ ଫାର୍ମାସୀ କଲେଜରେ ଫାର୍ମାକୋଭିଜିଲାନ୍ସ ଦିବସ

**କୁତ୍ରା, ୨୪।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲିଠାରେ ଥିବା ହୃଦାନନ୍ଦ ଦାନୀ ଫାର୍ମାସୀ କଲେଜରେ ଔଷଧର ସଠିକ ତଥା ଯୁକ୍ତିଯୁକ୍ତ ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ଅନୁଷ୍ଠାନରେ ଫାର୍ମାକୋଭିଜିଲାନ୍ସ ଦିବସ ପାଳିତ ହୋଇଯାଇଅଛି। କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଗଣେଶ ସରାଫ, ଡାକ୍ତର ବିଭୂତି ଭୂଷଣ ପଟ୍ଟନାୟକ, ଡାକ୍ତର ତପସ୍ୱିନୀ ସାହୁ, ବରିଷ୍ଠ ଫାର୍ମାସିଷ୍ଟ ସଚ୍ଚୀନ୍ଦ୍ର ନାରାୟଣ ସାହୁ, ଆଲୋକ ପଟେଲ, ସନ୍ତ୍ରାନ୍ତ ପଟେଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି କୌଶିକ ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଆଇଟିଆଇର ଅଧ୍ୟକ୍ଷ ସଞ୍ଜୟ ଦାନୀ ଏବଂ ଫାର୍ମାସୀ କଲେଜର ଅଧ୍ୟକ୍ଷା ଅଞ୍ଜୁଲତା ମଞ୍ଜରୀ ସାହୁ ଉପସ୍ଥିତ ଥିଲେ। ଅନ୍ୟାନ୍ୟ କର୍ମଚାରୀମାନଙ୍କ ମଧ୍ୟରେ ଚିନ୍ମୟ କୁମାର ଦ୍ୱିବେଦୀ, ମନୀଷା ପାତ୍ର, ଅନନ୍ୟା କୁଲ୍ଲୁ ଏବଂ ଲାଇବ୍ରେରିଆନ ଆଲିନ ଖାଲଖୋ ପ୍ରମୁଖ ଉପସ୍ଥିତ ଥିଲେ।



## ୫ମ ରାଜ୍ୟ ପୁଲିସ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍

# ପଶ୍ଚିମାଞ୍ଚଳ ପୁଲିସର ସଫଳତା

**ରାଉରକେଲା, ୨୪।୯ (ସମିସ):** ଓଡ଼ିଶାରେ ଅନୁଷ୍ଠିତ ୫ମ ରାଜ୍ୟ ପୁଲିସ ବ୍ୟାଡମିଣ୍ଟନ୍ ଚାମ୍ପିୟନସପ୍ -୨୦୨୬ରେ ପଶ୍ଚିମାଞ୍ଚଳ ପୁଲିସର କ୍ରୀଡ଼ାବିତ୍‌ମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ସମଗ୍ର ପଶ୍ଚିମାଞ୍ଚଳ ପୁଲିସ ପାଇଁ ଗୌରବ ଆଣିଛନ୍ତି।

ପ୍ରତିଯୋଗିତାରେ ଭେଟେରାନ୍ ସିଙ୍ଗଲ୍ସ ବର୍ଗରେ ହାବିଲଦାର ଦେବାଶିଷ ପରିଡ଼ା ବିଜେତା ହୋଇଥିବା ବେଳେ ଭେଟେରାନ୍ ଡବଲ୍ସରେ ହାବିଲଦାର ଦେବାଶିଷ ପରିଡ଼ା ଓ ହାବିଲଦାର ଦେବେନ୍ଦ୍ର କୁମାର ପାଣି ବିଜେତା ହୋଇଛନ୍ତି।



ସେହିପରି, ଓପନ୍ ସିଙ୍ଗଲ୍ସ ବର୍ଗରେ କନଷ୍ଟେବଳ ଅମିତ ରଞ୍ଜନ ପରିଡ଼ା ରନର୍ସ-ଅପ୍ ହୋଇଥିବା ବେଳେ ଓପନ୍ ଡବଲ୍ସରେ ସବଇନ୍ସପେକ୍ଟର ସିନ୍ମୟ ବଳ ଓ କନଷ୍ଟେବଳ ଅମିତ ରଞ୍ଜନ ପରିଡ଼ା ରନର୍ସ-ଅପ୍ ହୋଇ ଗୌରବ ଅର୍ଜନ କରିଛନ୍ତି। ସମସ୍ତ ବିଜେତାମାନଙ୍କୁ ପଶ୍ଚିମାଞ୍ଚଳ ରେଞ୍ଜ ଅଫିସରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ରାଉରକେଲା ଏସପି ନିତେଶ ୱାଧୱାନୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ସେମାନଙ୍କର ନିଷ୍ଠା, ଶୃଙ୍ଖଳା, କଠିନ ପରିଶ୍ରମ ଓ ଅସାଧାରଣ କ୍ରୀଡ଼ା ପ୍ରଦର୍ଶନ ପଶ୍ଚିମାଞ୍ଚଳ ପୁଲିସ ପାଇଁ ଗର୍ବର ବିଷୟ ହୋଇଥିବା ସହ ସମଗ୍ର ପୁଲିସ ବାହିନୀ ପାଇଁ ଏକ ପ୍ରେରଣାର ଉତ୍ସ ବୋଲି ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ। ସେମାନଙ୍କର ଏହି ସଫଳତା ଆଗାମୀ ଦିନରେ ମଧ୍ୟ ଅଧିକ ଉତ୍କର୍ଷ ଓ କୀର୍ତ୍ତି ଅର୍ଜନ ପାଇଁ ପ୍ରେରଣାଦାୟୀ ହେବ ବୋଲି କହିଛନ୍ତି ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ।

# ଆରକ୍ଷଣକୁ ନେଇ ଗର୍ଜିଲା ଉପଖଣ୍ଡ ବ୍ରାହ୍ମଣ ସମାଜ

## ସାଧାରଣବର୍ଗର ସ୍ୱାର୍ଥ ସୁରକ୍ଷା ସହ ଆରକ୍ଷଣ ବ୍ୟବସ୍ଥାର ପୁନର୍ବିଚାର ଦାବି

**ବଣାଇଁ, ୨୪।୯ (ସମିସ)**

ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି) ପକ୍ଷରୁ ପ୍ରସ୍ତାବିତ ସମାନତା ସମ୍ପର୍କିତ ନିୟମାବଳୀ-୨୦୨୬କୁ ନେଇ ଆପତ୍ତି ପ୍ରକାଶ କରି ବଣାଇଁଗଡ଼ ଉପଖଣ୍ଡ ବ୍ରାହ୍ମଣ ସମାଜ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।




ସମାଜ ସଭାପତି ସତ୍ୟନାରାୟଣ ଷଡ଼ଙ୍ଗୀ ଓ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବଣାଇଁଗଡ଼, ଲହୁଣୀପଡ଼ା, ଗୁରୁଣ୍ଡିଆ ଓ କୋଇଡ଼ା ବ୍ଲକର ଶତାଧିକ ସଦସ୍ୟ ବଣାଇଁଗଡ଼ସ୍ଥିତ ବାଣେଶ୍ୱର ମନ୍ଦିରଠାରୁ ଏକ ରାଲିରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ଶିକ୍ଷା, ଚାକିରି ଓ ଅନ୍ୟାନ୍ୟ କ୍ଷେତ୍ରରେ ବିଭିନ୍ନ ସାମାଜିକ ବର୍ଗଙ୍କ ପାଇଁ ବର୍ତ୍ତମାନ ଆରକ୍ଷଣ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ପ୍ରସ୍ତାବିତ ସମାନତା ସମ୍ପର୍କିତ ନିୟମାବଳୀରେ ଅଧିକ ବ୍ୟାପକ ବ୍ୟବସ୍ଥା କରାଯାଉଥିବାରୁ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷା ସୁଯୋଗ ପ୍ରଭାବିତ ହେବାର ଆଶଙ୍କା ସମାଜ ପକ୍ଷରୁ ପ୍ରକାଶ କରାଯାଇଛି।

ଏଥିସହ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଭେଦଭାବ, ଅତ୍ୟାଚାର ଓ ଅପମାନରୁ ସୁରକ୍ଷା ଦେବା ସମ୍ପର୍କିତ ପ୍ରସ୍ତାବିତ ବ୍ୟବସ୍ଥା ନେଇ ମଧ୍ୟ ଜ୍ଞାପନଦାତାମାନେ ଆପତ୍ତି ଜଣାଇଛନ୍ତି। ତେବେ ଜାତିଗତ ଭେଦଭାବ ରୋକିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷା ସୁଯୋଗ ଦେବା ଏବଂ କୌଣସି ବର୍ଗର ଅଧିକାର ଓ ସୁଯୋଗ ପ୍ରଭାବିତ ନହେବା ଭଳି ନିୟମ ପ୍ରସ୍ତୁତ କରିବାକୁ ସେମାନେ ଦାବି କରିଛନ୍ତି।

ପ୍ରସ୍ତାବିତ ନିୟମାବଳୀ ଉପରେ ବ୍ୟାପକ ଆଲୋଚନା କରିବା ସହ ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷିତ ରହିବା ଭଳି ବ୍ୟବସ୍ଥା କରିବାକୁ ଜ୍ଞାପନପତ୍ରରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଏଥିସହ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ, ମେଧା ଓ ସାମାଜିକ ସମନ୍ୱୟକୁ ଗୁରୁତ୍ୱ ଦେଇ ନିୟମ ପ୍ରଣୟନ କରିବାକୁ ସମାଜ ପକ୍ଷରୁ ଦାବି କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଯୁଧିଷ୍ଠିର ତ୍ରିପାଠୀ, ଗୁଣନିଧି ମିଶ୍ର, ଶ୍ରୀନିବାସ ମିଶ୍ର, ତପନ ପତି, ନାରାୟଣ ତ୍ରିପାଠୀ, ବୀର କିଶୋର ମିଶ୍ର, ଅକ୍ଷୟ ଶତପଥି, ଟୁଟୁ ଷଡ଼ଙ୍ଗୀ, ବିଜୟ ମିଶ୍ର, ପଞ୍ଚାନନ କର, ବିଭୂତି ଭୂଷଣ କର, ରବି ମିଶ୍ର, ଷଡାନନ ଶତପଥି, ଚିନ୍ତାମଣି ନନ୍ଦ, ବିଜୟ ନନ୍ଦ, ରମେଶ ନନ୍ଦ, ଶୁକଦେବ ମିଶ୍ର, ରାମ ମିଶ୍ର, ରାମ ଶତପଥି, ସଞ୍ଜୟ ଦାଶ, ନରେନ୍ଦ୍ର ମିଶ୍ର, ପ୍ରତାପ ମିଶ୍ର, ସତ୍ୟନାରାୟଣ ମିଶ୍ର ଓ ମୁକ୍ତିକାନ୍ତ ଶତପଥିଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇଥିଲେ।

# ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗ ଦ୍ୱାରା ସୁରକ୍ଷା ଚାମ୍ପିଅନ୍‌ଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ୨୪।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାର ପ୍ରକଳ୍ପ ବିଭାଗ ପକ୍ଷରୁ ସେପ୍ଟେମ୍ବର ୨୩ରେ ସିପିଟିଆଇ ସମ୍ମିଳନୀ କକ୍ଷରେ ୨୦୨୫-୨୬ ବର୍ଷ ପାଇଁ 'ପ୍ରକଳ୍ପ କ୍ଷେତ୍ର ସୁରକ୍ଷା ଉତ୍କର୍ଷ' ନିମନ୍ତେ ଏକ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଯାଇଛି।




ଆର୍‌ଏସ୍‌ପିର ବିଭିନ୍ନ ପ୍ରକଳ୍ପ ସ୍ଥଳରେ ସୁରକ୍ଷା ଶ୍ରେଷ୍ଠତାକୁ ପ୍ରୋତ୍ସାହିତ କରିବା ଦିଗରେ ମୁଖ୍ୟ ଠିକାଦାର ଏବଂ ଉପ-ଠିକାଦାରମାନଙ୍କର ବ୍ୟକ୍ତିଗତ ଓ ଦଳଗତ ଉଲ୍ଲେଖନୀୟ ଯୋଗଦାନକୁ ଏହି ସମାରୋହରେ ସ୍ୱୀକୃତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ ଏବଂ ସମ୍ମାନିତ ଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ (ସୁରକ୍ଷା ଏବଂ ଅଗ୍ନିଶମ ସେବା) ହୀରାଲାଲ ମହାପାତ୍ର ଯୋଗ ଦେଇଥିଲେ। ପ୍ରକଳ୍ପ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଆର୍‌ଏସ୍‌ପିର ବିଭିନ୍ନ ପ୍ରକଳ୍ପ ସ୍ଥଳ ସହିତ ଜଡ଼ିତ ମୁଖ୍ୟ ଠିକାଦାର ଓ ଉପ-ଠିକାଦାରମାନଙ୍କର ପ୍ରତିନିଧିଙ୍କ ସମେତ ପାଖାପାଖି ୮୦ ଜଣ କର୍ମଚାରୀ ଏହି ସମାରୋହରେ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ପ୍ରକଳ୍ପ ବିଭାଗର ଏକ ବ୍ୟାପକ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ପରିବେଶ (ଏଚଏସଇ) ମାନୁଆଲ୍ ଉନ୍ମୋଚିତ ହୋଇଥିଲା। ଏହି ମାନୁଆଲ୍ ଆର୍‌ଏସ୍‌ପିର ପ୍ରକଳ୍ପ ସ୍ଥଳଗୁଡ଼ିକରେ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ପରିବେଶ ସମ୍ବନ୍ଧୀୟ ଦିଗଗୁଡ଼ିକର ପରିଚାଳନା ପାଇଁ ଏକ ପ୍ରଣାଳୀବଦ୍ଧ ଏବଂ ସଂଗଠିତ ଆଭିମୁଖ୍ୟକୁ ସୁଦୃଢ଼ କରିଥାଏ।

ଶ୍ରେଷ୍ଠ ଠିକାଦାର ସୁରକ୍ଷା ପ୍ରଦର୍ଶନ ବର୍ଗ ଅଧୀନରେ, ସି.ଓ.ବି -୭ ପ୍ରକଳ୍ପ ସ୍ଥଳ ପାଇଁ ମେସର୍ସ ଏଲ୍ ଆଣ୍ଡ ଟି ଲିମିଟେଡ୍‌କୁ ବିଜେତା ଭାବେ ଘୋଷଣା କରାଯାଇଥିବା ବେଳେ ୧୦୦୦ ଟି.ପି.ଡି ଅକ୍ସିଜେନ୍ ପ୍ଲାଣ୍ଟ ପ୍ରକଳ୍ପ ସ୍ଥଳ ପାଇଁ ମେସର୍ସ ଲିଣ୍ଡେ ଇଣ୍ଡିଆ ଲିମିଟେଡ୍ ରନର୍ସ-ଅପ୍ ସ୍ଥାନ ହାସଲ କରିଥିଲା। କାର୍ଯ୍ୟକ୍ରମକୁ ଉପ-ମହାପ୍ରବନ୍ଧକ (ପ୍ରକଳ୍ପ) ତଥା ବିଭାଗୀୟ ସୁରକ୍ଷା ଅଧିକାରୀ ସୁବ୍ରତ କୁମାର ରାଉତ, ବିଭାଗର ଅଞ୍ଚଳ ସୁରକ୍ଷା ଅଧିକାରୀମାନଙ୍କ ସହିତ ମିଶି ସଂଯୋଜନା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଆରଏସପିର ପ୍ରକଳ୍ପ ବିଭାଗ ଏଯାବତ ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା ୧, ୧୪୫ ଟି ଦୁର୍ଘଟଣାରହିତ ସୁରକ୍ଷିତ କାର୍ଯ୍ୟକ୍ଷମ ମାନବ-ଦିବସ ହାସଲ କରିଛି।

# ପୁଲିସର ସଚେତନତା କାର୍ଯ୍ୟକ୍ରମ




ବୌଦ୍ଧ, ୨୪।୯(ସମିସ): ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ବିଜାପଦରରେ ବୌଦ୍ଧ ପୁଲିସ ପକ୍ଷରୁ ନିଶାମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଥାନା ଆଇଆଇସି ରଞ୍ଜିତ ମୁନୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ବଘିଆପଡ଼ା ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ, ବୌଦ୍ଧ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଟିଆଇ, ବନରକ୍ଷୀ ନୀଲୁ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନିଶା ସେବନ ଦ୍ୱାରା ବ୍ୟକ୍ତି, ପରିବାର ଓ ସମାଜ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ନିଶାଦ୍ରବ୍ୟଠାରୁ ଦୂରେଇ ରହି ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କୁହାଯାଇଥିଲା। ଏଥିସହ ଗଞ୍ଜେଇ ଚାଷରୁ ଦୂରେଇ ରହି ବିକଳ୍ପ ଭାବେ ଅନ୍ୟ ଅର୍ଥକାରୀ ଫସଲ ଚାଷ କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଥିଲା। ଜଙ୍ଗଲ ସୁରକ୍ଷା ଓ ପରିବେଶ ସଂରକ୍ଷଣର ଆବଶ୍ୟକତା ନେଇ ମଧ୍ୟ ସଚେତନ କରାଯାଇଥିଲା।

# ପୁଇଁତଲା ପୁଲିସ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ

ବଲାଙ୍ଗିର, ୨୪।୯(ସମିସ)

- ଗୀତାଞ୍ଜଳି ହତ୍ୟା ମାମଲାରେ ନିରବ
- ଗୁଣ୍ଡା ସାହୁ ଘଟଣାରେ ନିଷ୍କ୍ରିୟ

ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅଞ୍ଚଳରେ ଗତ ଅଗଷ୍ଟ ମାସରେ ଅଳ୍ପ କିଛି ଦିନ ବ୍ୟବଧାନରେ ଘଟିଥିବା ଦୁଇଟି ଗୁରୁତର ଘଟଣା ଏବେ ପୁଲିସର ଅପରାଧ ନିୟନ୍ତ୍ରଣ ଓ ତଦନ୍ତ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ଅଗଷ୍ଟ ୯ରେ ଖମାରମୁଣ୍ଡା ଗାଁରେ ଗୀତାଞ୍ଜଳି ଷଡ଼ଙ୍ଗୀଙ୍କ ହତ୍ୟା ଘଟଣା ଏବଂ ଅଗଷ୍ଟ ୧୪ରେ ବ୍ୟବସାୟୀ ନରେନ୍ଦ୍ର ସାହୁ ଓରଫ ଗୁଣ୍ଡା ସାହୁଙ୍କ ଅପହରଣ ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ପାଲଟିଥିଲା। ତେବେ ଏହି ଦୁଇ ମାମଲାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଅଧାରେ ଅଟକିଛି। ଏଣୁ ପୁଇଁତଲା ପୁଲିସର କାର୍ଯ୍ୟଦକ୍ଷତା ଓ ପାରିବାପଣିଆକୁ ନେଇ ଅନେକ ପ୍ରଶ୍ନ ଉଠିଛି।

ଅଗଷ୍ଟ ୯ ତାରିଖରେ ପୁଇଁତଲା ଥାନା ଅଧୀନ ଖମାରମୁଣ୍ଡା ଗାଁରେ ଗୀତାଞ୍ଜଳି ଷଡ଼ଙ୍ଗୀଙ୍କ ରକ୍ତାକ୍ତ ମୃତଦେହ ଘର ଭିତରୁ ଉଦ୍ଧାର ହୋଇଥିଲା। ମୁଣ୍ଡରେ ପଥର କିମ୍ବା କୌଣସି ମାରଣାସ୍ତ୍ରରେ ଆଘାତ କରି ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପୁଲିସ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ହତ୍ୟାର କାରଣ ଓ ଅଭିଯୁକ୍ତ ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଥିଲା; କିନ୍ତୁ ଏହି ଘଟଣା ଏବେ ଏକ ବଡ଼ ପ୍ରଶ୍ନ ହେଇଛି। ଏହି ହତ୍ୟା ପଛରେ କିଏ, କାହିଁକି ଏଭଳି ନିର୍ମମ ଆକ୍ରମଣ ହେଲା, ତଦନ୍ତ କେଉଁଠି ପହଞ୍ଚିଛି ଏହି ପ୍ରଶ୍ନଗୁଡ଼ିକର ସ୍ପଷ୍ଟ ଉତ୍ତର ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। ଏହି ଘଟଣାରେ ପୁଇଁତଲା ପୁଲିସ ଟଙ୍କା ବଡ ଭାଇ ନବୀନ ଷଡ଼ଙ୍ଗୀଙ୍କୁ ଗିରଫ କରିଛି। ଘଟଣାରେ ଆଉ ତିନି ଚାରି ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ କହିଥିଲା; କିନ୍ତୁ ସେମାନଙ୍କ ପାଖକୁ ପୁଲିସ ପହଞ୍ଚିପାରେ ବିଫଳ ହୋଇଛି।

ଅଗଷ୍ଟ ୧୪ରେ ବଲାଙ୍ଗିରର ବ୍ୟବସାୟୀ ନରେନ୍ଦ୍ର ସାହୁ ଓରଫ ଗୁଣ୍ଡା ସାହୁଙ୍କୁ ପୁଇଁତଲା ଥାନା ଅଞ୍ଚଳର ରଣ୍ଡା ନିକଟରୁ ଅପହରଣ କରାଯାଇଥିଲା। ପୁଲିସର ତଥ୍ୟ ଅନୁସାରେ ତାଙ୍କୁ ଏକ କାର୍‌ରେ ଭୁବନେଶ୍ୱର ନିଆଯାଇଥିଲା। ପରେ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ପୁଲିସ ତଦନ୍ତ ପରେ ଘଟଣାଟି ଆହୁରି ଜଟିଳ ରୂପ ନେଇଥିଲା। ପୁଲିସର ଅଭିଯୋଗ ଅନୁସାରେ ଅପହରଣ ପଛରେ ଟଙ୍କା ସମ୍ପର୍କିତ ବିବାଦ ଥିଲା। ଏହାକୁ ନେଇ ପୁଲିସ ତଦନ୍ତ କରିଥିଲା। ଡିଜିଟାଲ ତଥ୍ୟ ସହ ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ କରାଯାଇଥିଲା। ଏହି ଅପହରଣ ମାମଲାରେ ତଦନ୍ତ ଆଗକୁ ବଢ଼ିବା ପରେ ଜଣେ ମହିଳା ସବ୍‌ଇନ୍ସପେକ୍ଟର ଓ ଜଣେ ସାମ୍ବାଦିକଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଥିଲା। ଏମାନେ ହେଲେ ମୁଖ୍ୟ ଅଭିଯୁକ୍ତ କ୍ଷିତୀଶ ଚନ୍ଦ୍ର ସାହୁ, ସହଯୋଗୀ ସଞ୍ଜିତ ବେହେରା, ମହିଳା ପୁଲିସ ଅଧିକାରୀ ସ୍ନେହମଞ୍ଜରୀ ସାହୁ, ସାମ୍ବାଦିକ ସଞ୍ଜୟ ଜେନା। ଆଉ ୬ ଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ଏସ୍‌ପି ସୂଚନା ଦେଇଥିଲେ। ଆଜି ପର୍ଯ୍ୟନ୍ତ ସେମାନେ ଗିରଫ ହୋଇନାହାନ୍ତି। ଏହି ମାମଲା ମଧ୍ୟ ଅଧାରେ ଅଟକିଛି। ତେବେ ଏହି ଦୁଇ ମାମଲାରେ ପୁଲିସ ଜାଣିଶୁଣି ଆଗକୁ ବଢୁନାହିଁ ନା ମାମଲାକୁ ଆଗକୁ ବଢ଼ାଇବାକୁ ଚାହୁନାହିଁ ତାହା ପ୍ରଶ୍ନ ସୃଷ୍ଟି କରିଛି।

# ଦୁର୍ଗାପୂଜା ପାଇଁ କମିଟି ଗଠନ

ଦେଓଗାଁ, ୨୪।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ କଛାରପାଲିର ରଣାପଡ଼ା ଜୟଦୁର୍ଗା କ୍ଲବ୍‌ରେ ୭୦ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ନୂତନ ପରିଚାଳନା କମିଟି ଗଠନ ହୋଇଛି। ନେହେରୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ କମିଟିର ସଭାପତି ଭାବେ ପ୍ରଦ୍ୟୁମ୍ନ କିଶୋର ସାହୁ, ସମ୍ପାଦକ ଭାବେ ରାଜେଶ ସାହୁ, କୋଷାଧ୍ୟକ୍ଷ ମଳୟ ରଞ୍ଜନ ରଣା ପ୍ରମୁଖ ମନୋନିତ ହୋଇଛନ୍ତି। ବିଭୂଚରଣ ରଣା, ପ୍ରଦୀପ ସାହୁ, ପ୍ରମୋଦ ସାହୁ, ସଚ୍ଚିଦାନନ୍ଦ ରଣା, ପ୍ରମୋଦ ରଣା, ରାଜେଶ ରଣା, ହେମନ୍ତ ରଣା, ନିରୋଜ ସାହୁ, ପିଙ୍କୁ ରଣା, ଓକିଲ ରଣା, ପ୍ରଭାତ ରଣା, ମାନସ ସାହୁ, ଗଙ୍ଗାଧର ରଣା, ଟିଟୁ ରଣା, ଫଟୁ ରଣା, ମଦନ ସାହୁ, ପ୍ରକାଶ ସାହୁ, ପ୍ରଭାତ ରଣା ପ୍ରମୁଖ ପରିଚାଳନା କମିଟିରେ ରହଛନ୍ତି।

# ବୃକ୍ଷରୋପଣ ସହ ପରିବେଶ ସୁରକ୍ଷାର ବାର୍ତ୍ତା

ମୁରିବାହାଲ, ୨୪।୯(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ପରିବେଶ ସୁରକ୍ଷା ଓ ଚାରାରୋପଣକୁ ଗୁରୁତ୍ୱ ଦେଇ 'ଏକ ପେଡ଼ ମା କେ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁରିବାହାଲ ବିଡ଼ିଓ ବାସନ୍ତୀ ସେଠିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ମୁରିବାହାଲ ବ୍ଲକର ପଦାଧିକାରୀମାନେ ଯୋଗଦେଇ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ପିଡି ତରଣୀ ସୁନା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବସ୍ତ ବେହେରା ଯୋଗ ଦେଇଥିଲେ। ମୁରିବାହାଲ ବ୍ଲକ ବିଡିଓ ବାସନ୍ତି ସେଠୀ, ସହକାରୀ ଯନ୍ତ୍ରୀ ଅବିନାଶ ମୁଦି, ଏପିଓ ପ୍ରେମାନନ୍ଦ ମିଶ୍ର, ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ସମିତିସଭ୍ୟ ଚକ୍ରଧର ହେର୍ଣ୍ଣା, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ହଳଦୀ ପଞ୍ଚାୟତ ପିଇଓ ରଶ୍ମୀରଞ୍ଜନ ନାଗ ଓ ମୁରିବାହାଲ ପଞ୍ଚାୟତ ପିଇଓ ଗଙ୍ଗାଧର ଛତର, ଶ୍ରୀକାନ୍ତ ଜେନା, ରବୀନ୍ଦ୍ର ବେହେରା, ରଶ୍ମିରଞ୍ଜନ ସରାଫ, ପବିତ୍ର କାଲସାଏ, ଥନାସୁନ୍ଦର ଖୁଟୁଲା ପ୍ରମୁଖ ଯୋଗ ଦେଇଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ନୂଆଁଖାଇ ଭେଟ୍‌ଘାଟ୍

ବଲାଙ୍ଗିର, ୨୪।୯(ସମିସ): ବଲାଙ୍ଗିର ସାଗରପଡ଼ାସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି, ଅଧ୍ୟାପକ ସତ୍ୟବନ୍ତ ବେଦବାକ ମୁଖ୍ୟବକ୍ତା ଏବଂ ପୂର୍ବତନ ସମ୍ପାଦକ ବୃନ୍ଦାବନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଗୋବିନ୍ଦ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ନାଥ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚୈତନ୍ୟ ପଟେଲ, ପ୍ରସନ୍ନ ମିଶ୍ର, ଶ୍ୟାମ ସୁନ୍ଦର ଦାଶ, ମନୋରଞ୍ଜନ ମିଶ୍ର, ବିରଞ୍ଚି ବହିଦାର, ଦୁର୍ଗା ପ୍ରସାଦ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

- ୭୦ତମ ରାଜ୍ୟ ସ୍କୁଲ ଗେମ୍ ଉଷୁ ପ୍ରତିଯୋଗିତା

# ବଲାଙ୍ଗିର ବାଳିକା ଦଳ ଚାମ୍ପିଅନ




ବଲାଙ୍ଗିର, ୨୪।୯(ସମିସ): କେନ୍ଦୁଝର ଜିଲ୍ଲା ବଡବିଲଠାରେ ୭୦ତମ ରାଜ୍ୟ ସ୍କୁଲ ଗେମ୍ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗିର ବାଳିକା ଦଳ ଚାମ୍ପିଅନ ହୋଇଛି। ସୁହାନି ଗୁରହାଣ୍ଡି, ଦୟା ସାଗର, ସନ୍ଧ୍ୟା ନାଗ, ଶୀଳ ପଟ୍ଟନାୟକ ଓ ଅଭିପ୍ସା ହୋତା ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ହେମାଙ୍ଗିନୀ ଭୋଇ କାଂସ୍ୟ ପଦକ ପାଇଛନ୍ତି। ସେହିଭଳି ବାଳକରେ ଯଶରାଜ ପଧାନ ରୌପ୍ୟ, ରାହୁଲ ସେଠ କାଂସ୍ୟ ପଦକ ଜିତିଛନ୍ତି।

# ନ୍ୟାୟିକ ଅଧିକାରୀଙ୍କ ବାସଭବନ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର

ବୌଦ୍ଧ, ୨୪।୯(ସମିସ): ବୌଦ୍ଧରେ ନ୍ୟାୟିକ ଅଧିକାରୀମାନଙ୍କ ପାଇଁ ନିର୍ମାଣ ହେବାକୁ ଥିବା ସି ଟାଇପ୍ କ୍ୱାର୍ଟର୍ସର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ୍ ଆଭାସୀରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଜଷ୍ଟିସ୍ ସାବିତ୍ରୀ ରଥ ଏବଂ ହାଇକୋର୍ଟର ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା ଓ ଦୌରା ଜଜ୍ ପ୍ରତାପ ପାତ୍ର, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଅଖିଳ ପଣ୍ଡିମକବାଟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍, ରେଜିଷ୍ଟ୍ରାର-କମ୍-ଏଏସ୍‌ଜେ ନିରଞ୍ଜନ ପାତ୍ର, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ସିଭିଲ୍ ଜଜ୍ ସିନିୟର ଡିଭିଜନ୍ (ମହିଳା ଅଦାଲତ) ସୁନନ୍ଦା ସାହୁ, ସିଭିଲ୍ ଜଜ୍ (ସିନିୟର ଡିଭିଜନ୍) ଅନୁଶିଳା ରାୟ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ, ସିଭିଲ୍ ଜଜ୍ (ଜୁନିୟର ଡିଭିଜନ୍)-କମ୍-ଏସ୍‌ଡିଜେଏମ୍ ବୌଦ୍ଧ ନିରଞ୍ଜନ ଦାଶ ଏବଂ ଅତିରିକ୍ତ ସିଭିଲ୍ ଜଜ୍ (ଜୁନିୟର ଡିଭିଜନ୍)-କମ୍-ଜେଏମ୍‌ଏଫସି ସୁସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ବୌଦ୍ଧ ଜିଲ୍ଲାର ବିଭିନ୍ନ ବାର୍‌ର ପ୍ରତିନିଧି ଏବଂ ଆଇନଜୀବୀ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ପାଇଁ ୪ କୋଟି ୩୪ ଲକ୍ଷ ଟଙ୍କା ଅନୁମୋଦିତ ହୋଇଛି।



# ତୁଳଣ୍ଡିରେ ବର୍ଷା ଦିନେ ମଧ୍ୟ ପିଇବା ପାଣି ସମସ୍ୟା

- ଭୋଟ୍ ଦେବାକୁ ମିର୍ଦ୍ଧାପାଲି ଯିବାକୁ ପଡୁଛି
- ନରସିଂହ ମିଶ୍ରଙ୍କ କ୍ଷୋଭ ପ୍ରକାଶ

ବଲାଙ୍ଗିର, ୨୪।୯(ସମିସ): ସଦର ବ୍ଲକ ମିରଧାପାଲି ପଞ୍ଚାୟତ ଅଧୀନ ତୁଳଣ୍ଡିରେ ବର୍ଷା ଦିନେ ମଧ୍ୟ ପିଇବା ପାଣି ସମସ୍ୟା ଲାଗି ରହୁଛି। ସେହିଭଳି ନିର୍ବାଚନ ସମୟରେ ଗାଁ ଲୋକ ଭୋଟ ଦେବା ପାଇଁ ୩/୪ କିଲୋମିଟର ଦୂର ମିର୍ଦ୍ଧାପାଲି ମତଦାନ କେନ୍ଦ୍ରକୁ ଯାଆନ୍ତି। ଏହା ଫଳରେ ଅନେକ ଅନେକ ବୃଦ୍ଧବୃଦ୍ଧା ତଥା ରୋଗାକ୍ରାନ୍ତ ଲୋକ ମତଦାନ ଅଧିକାରରୁ ବଞ୍ଚିତ ହୁଅନ୍ତି। ଯଦି ନିଜ ଗାଁରେ ମତଦାନ କେନ୍ଦ୍ର ହୁଅନ୍ତା ସମସ୍ତେ ନିଜର ମତ ସାବ୍ୟସ୍ତ କରିପାରନ୍ତେ ବୋଲି କହିଛନ୍ତି। ଲୋକଙ୍କ ଅଭିଯୋଗ ଅନୁଯାୟୀ ଏବେ ମଧ୍ୟ ଅନେକ ଗରିବ ଶ୍ରେଣୀର ଲୋକ ଅଛନ୍ତି ଯାହାଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ନାହିଁ। ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଗାଁରେ ପହଞ୍ଚିବା ଅବସରରେ ଲୋକେ ରାସ୍ତା, ପାଣି, ମତଦାନ କେନ୍ଦ୍ର ଆଦି ବିଭିନ୍ନ ସମସ୍ୟା ନେଇ ଜଣାଇଥିଲେ। ଲୋକଙ୍କ ସମସ୍ୟା ଶୁଣି ଶ୍ରୀ ମିଶ୍ର ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀ ମିଶ୍ରଙ୍କ ସହ ବେଲାରସେନ ମିଶ୍ର, ନିମାଇଁ ମିଶ୍ର, ହରେକୃଷ୍ଣ ପ୍ରଧାନ, ବିରେନ ହରପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାହ୍ମଣ ମହାସଭା ଦ୍ୱାରା ବାମନ ଜୟନ୍ତୀ ଉତ୍ସବ

ବଲାଙ୍ଗିର, ୨୪।୯(ସମିସ): ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିର (ରାଜ୍ୟ ବ୍ରାହ୍ମଣ ମହାସଭା ଦ୍ୱାରା ସ୍ୱିକୃତିପ୍ରାପ୍ତ) ତରଫରୁ ଭଗବାନ ବାମନଙ୍କର ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏଥିରେ ସହ-ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠି କର୍ତ୍ତା ରୂପେ ପୂଜାରେ ବସିଥିଲେ। ସନ୍ତୋଷ ମିଶ୍ର, ପଣ୍ଡିତ ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ସଭାପତି ପ୍ରାଣବଲ୍ଲଭ ତ୍ରିପାଠି ଏବଂ ସମ୍ପାଦକ ନରେନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜୈବିକ ସାର ଉତ୍ପାଦ ଓ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



ଦେଓଗାଁ, ୨୪।୯(ସମିସ): ମକୁନ୍ଦପୁର ପଞ୍ଚାୟତର ପର୍ଯ୍ୟଟନ ସ୍ଥଳ ଭୀମପାହାଡରେ ଗୁରୁବାର ଜୈବିକ ଖତ ଉତ୍ପାଦ ଓ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇ ଯାଇଛି। ଉଦ୍ୟାନ ବିଭାଗ ଓ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ଆନୁକୂଲ୍ୟରେ ମାଁ ସୁଭଦ୍ରା ସ୍ୱୟଂ ସହାୟକ ଦଳ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏଫଇଏସର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ସଂଯୋଜନା କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହୋଇ କାମକରିବାକୁ ଆହ୍ୱାନ ଦେଇଥିଲେ। ଜୈବିକ ପଦ୍ଧତିରେ କୃଷି କାର୍ଯ୍ୟ ଆପଣେଇବାକୁ ଚାଷୀଙ୍କୁ ଅନୁରୋଧ କରିଥିଲେ। ଏଥିସହ ସମସ୍ତେ ଗୋଟିଏ ଲେଖାଏଁ ଚାରା ଲଗାଇବା ପାଇଁ ଶପଥ କରାଇଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ, ସମିତି ସଭ୍ୟ ଅଭିମନ୍ୟୁ ମାଝୀ, ଅଗ୍ରଣୀ ଚାଷୀ ଗୋବର୍ଦ୍ଧନ ସାହୁ ପ୍ରମୁଖ ମଞ୍ଚାସୀନ ରହି ପ୍ରାକୃତିକ କୃଷିର ମହତ୍ତ୍ୱ ବିଷୟରେ ଅବଗତ କରିଥିଲେ।

# ଭଏସ୍ ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା 'ନାଦ ଅନ୍ୱେଷଣ' ଉଦ୍‌ଯାପିତ




ବଲାଙ୍ଗିର, ୨୪।୯(ସମିସ): ବଲାଙ୍ଗିର 'ନାଦନିକୁଞ୍ଜ' ସଙ୍ଗୀତ ଶିକ୍ଷା କେନ୍ଦ୍ର ଦ୍ୱାରା ଆୟୋଜିତ ଓ ଦମୟନ୍ତୀ ଜ୍ୱେଲର୍ସର ସହଯୋଗିତାରେ ଚାଲିଥିବା ସଙ୍ଗୀତ ପ୍ରତଯୋଗିତା 'ନାଦ ଅନ୍ୱେଷଣ' ଦି ଭଏସ ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା ଉଦ୍‌ଯାପିତ ହୋଇଛି। ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି, ସଙ୍ଗୀତ ସାଧକ ଡ. ଘାସିରାମ ମିଶ୍ର ଓ ଦମୟନ୍ତୀ ଜ୍ୱେଲର୍ସର ସତ୍ତ୍ୱାଧିକାରୀ ରିଙ୍କୁ ପାତ୍ର ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ପ୍ରାରମ୍ଭିକ ଚୟନ ପ୍ରକ୍ରିୟାରେ ୧୧୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୩୩ ଜଣ ପ୍ରତିଯୋଗୀଙ୍କୁ ୟେଲୋ କାର୍ଡ ଦେଇ କ୍ୱାର୍ଟର ଫାଇନାଲ ପାଇଁ ଚୟନ କରାଯାଇଥିଲା। ପ୍ରାରମ୍ଭିକ ଚୟନ ପାଇଁ ବିଶିଷ୍ଟ ବଂଶୀ ବାଦକ ଶତାମନ୍ୟୁ ମିଶ୍ର, କଣ୍ଠ ଶିଳ୍ପୀ ଜନାର୍ଦ୍ଦନ ମିଶ୍ର, ଗିଟାର ବାଦକ ତନ୍ମୟ ମହାନନ୍ଦ ବିଚାରକ ଭାବେ କାର୍ଯ୍ୟ ତୁଲାଇ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ କ୍ୱାର୍ଟର ଫାଇନାଲରେ ୩୩ ଜଣଙ୍କ ମଧ୍ୟରୁ ୧୨ ଜଣଙ୍କୁ ବ୍ଲୁ କାର୍ଡ ଦେଇ ଚୟନ କରାଯାଇଥିଲା। ସେମି ଫାଇନାଲ ପର୍ଯ୍ୟାୟରୁ ୫ ଜଣଙ୍କୁ ଗ୍ରୀନ କାର୍ଡ ମାଧ୍ୟମରେ ଫାଇନାଲକୁ ଉନ୍ନିତ କରାଯାଇଥିଲା। କ୍ୱାର୍ଟର ଫାଇନାଲ ତଥା ସେମି ଫାଇନାଲ ପାଇଁ ବରିଷ୍ଠ କଣ୍ଠ ଶିଳ୍ପୀ ସୁରେନ୍ଦ୍ର ଉଦଗାତା, କଣ୍ଠଶିଳ୍ପୀ ଧନେଶ୍ୱର ଦାଶ, ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଜୟ ପ୍ରକାଶ ପୂଜାରୀ, ଗିଟାର ବାଦକ ତନ୍ମୟ ମହାନନ୍ଦ ବିଚାରକ ଭାବେ କାର୍ଯ୍ୟ ତୁଲାଇ ଥିଲେ। ତୃତୀୟ ଦିନ ଫାଇନାଲରେ ସୁବର୍ଣ୍ଣପୁରରୁ ଚନ୍ଦ୍ର ଶେଖର ପାଢ଼ୀ, ବଲାଙ୍ଗିରରୁ ଅଞ୍ଜନ ମିଶ୍ର, ରୋନକ ମହାନ୍ତି ଓ ମାନବ ବର୍ମା, ଟିଟିଲାଗଡ଼ରୁ ତୃପ୍ତିମୟୀ ବାଗଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ହିନ୍ଦୀ ସିନେମା, ଓଡ଼ିଆ ସିନେମା ଓ ଆଞ୍ଚଳିକ ଗୀତକୁ ନେଇ ତିନୋଟି ବିଭାଗରେ ବିଭକ୍ତ ହୋଇଥିବା ଏହି ଫାଇନାଲ ପ୍ରତିଯୋଗିତାରେ ରୋନକ ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଚନ୍ଦ୍ରଶେଖର ପାଢ଼ୀ ଦ୍ୱିତୀୟ, ଅଞ୍ଜନ ମିଶ୍ର ତୃତୀୟ, ମାନବ ବର୍ମା ଚତୁର୍ଥ ଓ ତୃପ୍ତିମୟୀ ବାଗ ପଞ୍ଚମ ସ୍ଥାନ ହାସଲ କରିଥିଲେ। ଫାଇନାଲ ପର୍ଯ୍ୟାୟରେ ବିଚାରକ ଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କଣ୍ଠଶିଳ୍ପୀ ନବ ମହଣ୍ଡମ, ବରିଷ୍ଠ କଣ୍ଠଶିଳ୍ପୀ ସୁରେନ୍ଦ୍ର ଉଦଗାତା, ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଜୟ ପ୍ରକାଶ ପୂଜାରୀ, କଣ୍ଠଶିଳ୍ପୀ ଗଗନ ବାଗ ଓ ଡ. ରେଶ୍ମାରାଣୀ ଦାଶ କାର୍ଯ୍ୟ ତୁଲାଇଥିଲେ। ରୋନକ ମହାନ୍ତିଙ୍କୁ ଅତିଥି ତଥା ବିଶିଷ୍ଟ ସଙ୍ଗୀତ ଗୁରୁ ଶୁଭ୍ରାଂଶୁ ଶେଖର ମିଶ୍ର ଓ ନାଦନିକୁଞ୍ଜ ଅନୁଷ୍ଠାନର ସଭାପତି ଶଶିଭୂଷଣ ପୁରୋହିତ ମାନପତ୍ର, ଟ୍ରଫି ଓ ୩୧ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରିଥିଲେ। ସହ ସମ୍ପାଦକ ଡି. ଶଙ୍କର ନାରାୟଣ ମୂର୍ତ୍ତି, ଶ୍ରୀକାନ୍ତ ଦାଶ ଓ ପ୍ରାଣ ପ୍ରକାଶ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭ୍ୟ ପ୍ରଭଞ୍ଜନ ରାୟଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚର୍ଚ୍ଚାରେ ବଲାଙ୍ଗିର ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ

# ଆକ୍ରମଣକାରୀ ଠିକାଦାରଙ୍କୁ ସୁରକ୍ଷା ଦେଉଛି ପୁଲିସ

ବଲାଙ୍ଗିର, ୨୪।୯(ସମିସ)

- ସହକାରୀ ଆକାଉଣ୍ଟସ ମ୍ୟାନେଜରଙ୍କୁ ଆକ୍ରମଣ
- ନୋଟିସ୍ ପରେ ଉତ୍ତର ରଖିଲେ ଠିକାଦାର
- ମାମଲା ରୁଜୁ କରି ପୁଲିସ ଚୁପ୍

ବଲାଙ୍ଗିର ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଏବେ ଚର୍ଚ୍ଚାରେ ରହିଛି। ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରେ ସହକାରୀ ଆକାଉଣ୍ଟସ ମ୍ୟାନେଜରଙ୍କୁ ଜଣେ ଠିକାଦାର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତେବେ ଆକ୍ରମଣ କରିଥିବା ଠିକାଦାରଙ୍କୁ ପୁଲିସ ସୁରକ୍ଷା ଦେଉଛନ୍ତି। ସମ୍ପୃକ୍ତ ଠିକାଦାର ଜଣକ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଆଗରେ ନିଜର ଜବାବ ରଖି ପିସି କାରବାରକୁ ସାମ୍ନାକୁ ଆଣିଛନ୍ତି।

ବଲାଙ୍ଗିର ଯୋଗାଣ ବିଭାଗରେ ଏଲ୍-ଟୁ କଣ୍ଟ୍ରାକ୍ଟର ଭାବେ କାମ କରୁଥିବ ସିଦ୍ଧାର୍ଥୀ ପଟେଲ ଗତ ୧୮ ମଧ୍ୟାହ୍ନରେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟକୁ ଆସିଥିଲେ। ତାଙ୍କ ବକେୟା ପାଉଣା ବାବଦକୁ ୫୫ ଲକ୍ଷ ଟଙ୍କା ମିଳୁ ନ ଥିବା ସମ୍ପର୍କରେ ଯୋଗାଣ କାର୍ଯ୍ୟାଳୟସ୍ଥିତ ଆକାଉଣ୍ଟସ ମ୍ୟାନେଜରଙ୍କ ପ୍ରକୋଷ୍ଠକୁ ଯାଇ ଆକାଉଣ୍ଟସ ମ୍ୟାନେଜର ଶୁଭେନ୍ଦୁ ରାଉତଙ୍କ ସହ ଆଲୋଚନା କରିଥିଲେ। ଏହା ଭିତରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସିଦ୍ଧାର୍ଥୀ ବସିଥିବା ଷ୍ଟୁଲ୍ ଉଠାଇ ଆକାଉଣ୍ଟସ ମ୍ୟାନେଜର ଶ୍ରୀ ରାଉତଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଗତ ୧୯ରେ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ ସହ ଅଭିଯୁକ୍ତ ଠିକାଦାର ସିଦ୍ଧାର୍ଥୀ ପଟେଲଙ୍କୁ ଡାକି ପଚରାଉଚୁରା କରିଥିଲା। ପରେ ତାଙ୍କୁ ନୋଟିସରେ ଛାଡ଼ିଥିବା ବଲାଙ୍ଗିର ଟାଉନ ଥାନା ଅଧିକାରୀ ଅବନୀ ସାହୁ ସୂଚନା ଦେଇଥିଲେ। ପିସି କାରବାର ଯୋଗୁଁ ଆକାଉଣ୍ଟସ ମ୍ୟାନେଜର ତାଙ୍କ ବିଲ୍ ପାସ୍ କରୁ ନ ଥିବା ସିଦ୍ଧାର୍ଥୀ ଅଭିଯୋଗ ଆଣିଥିଲେ। ପୂର୍ବରୁ ବିଲ୍‌ର ୧ ପ୍ରତିଶତ ପିସି ନିଆଯାଉଥିବା ବେଳେ ବର୍ତ୍ତମାନ ଆକାଉଣ୍ଟସ ମ୍ୟାନେଜର ୧.୫ ପ୍ରତିଶତ ପିସି ଦାବି କରୁଥିବା ସିଦ୍ଧାର୍ଥୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଆକାଉଣ୍ଟସ ମ୍ୟାନେଜର ଶ୍ରୀ ରାଉତ ବିଲ୍ ପାଇଁ ପିସି ଦାବି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତେବେ ସେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଛି; କିନ୍ତୁ ପୁଲିସ ଠିକାଦାରଙ୍କୁ ଡାକି ପଚରାଉଚୁରା ନ କରି ନୋଟିସରେ ଛାଡି ଦେଇଥିବା କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଠିକାଦାର ମଧ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଆଗରେ ଉତ୍ତର ରଖିଛନ୍ତି। ସେ ପିସି ପାଇଁ ଉତ୍ୟକ୍ତ ହୋଇ କେବଳ ତାଙ୍କ ସହ ପାଟିତୁଣ୍ଡ କରିଥିବା କହିଛନ୍ତି।

# ସବ୍‌ସିଡି ପାଇଁ ମାଛ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବର୍ଷେ ପରେ ବି ମିଳିଲାନି ଟଙ୍କା



ବୌଦ୍ଧ, ୨୪।୯(ସମିସ): ମାଛ ଚାଷ କରିବା ପରେ ମଧ୍ୟ ସବ୍‌ସିଡି ଟଙ୍କା ନ ମିଳିବା ଅଭିଯୋଗ ନେଇ ବୌଦ୍ଧ ବ୍ଲକ ଅଧୀନ ଖୁଣ୍ଟବନ୍ଧ ପଞ୍ଚାୟତର ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜହ୍ନାପଙ୍କ, ବୁରକଟା, ଖୁଣ୍ଟବନ୍ଧ, ମଧୁପୁର, ଗୋବିନ୍ଦପୁର ଓ ବେନ୍ଦ୍ରିପାଲି ଆଦି ଗ୍ରାମର ମହିଳାମାନେ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ମାଛ ଚାଷ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପଞ୍ଚାୟତର ବିଭିନ୍ନ ପୋଖରୀକୁ ୫ ବର୍ଷ ପାଇଁ ଲିଜ୍‌ରେ ନେଇଥିଲେ। ଗତବର୍ଷ ମତ୍ସ୍ୟ ବିଭାଗ ଜରିଆରେ ମାଛ ଚାଷ ପାଇଁ ଆବଶ୍ୟକ ଦାନା ଯୋଗାଣ କରାଯାଇଥିଲା। ଏହାର ସବସିଡି ପାଇବା ପାଇଁ ମହିଳାମାନେ ଫଟୋ, ବିଲ୍ ଓ ଭାଉଚର୍ ସମେତ ଆବଶ୍ୟକ ଦସ୍ତାବିଜ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ତେବେ ବର୍ଷେ ବିତିଯାଇଥିଲେ ମଧ୍ୟ ସବସିଡି ଟଙ୍କା ନ ମିଳିବାରୁ ସେମାନେ ପୁଣି ମତ୍ସ୍ୟ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବିଲ୍ ଓ ଭାଉଚର୍‌ରେ ଆବଶ୍ୟକ ଦସ୍ତଖତ ହୋଇ ନ ଥିବା କହି ଭୁବନେଶ୍ୱରସ୍ଥିତ ନିର୍ଦ୍ଦେଶକ ମତ୍ସ୍ୟ କାର୍ଯ୍ୟାଳୟକୁ ଯିବାକୁ କୁହାଯାଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏନେଇ ମହିଳାମାନେ ଜିଲ୍ଲାପାଳଙ୍କୁ ଭେଟି ଶୀଘ୍ର ସବସିଡି ଟଙ୍କା ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ଅଭିଯୋଗ ଶୁଣି ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସବସିଡି ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ବଞ୍ଚିବା ପାଇଁ ସ୍ୱଚ୍ଛ ବାୟୁ ଓ ସ୍ୱଚ୍ଛ ଜଳ ସମସ୍ତଙ୍କର ମୌଳିକ ଅଧିକାର।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## ଶିଶୁ ଅଧିକାରର ଦ୍ୱନ୍ଦ୍ୱ

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ଶିଶୁ ଅଧିକାର ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ଅବସରରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି। ଏହି ମାମଲାରେ ଯୁକ୍ତି କରାଯାଇଛି ଯେ ଯଦିଓ ୧୮ ବର୍ଷରୁ କମ୍ ବୟସର ପିଲାମାନେ ଆଇନଗତ ଭାବେ କୌଣସି ଚୁକ୍ତିନାମା କରିପାରିବେ ନାହିଁ, ତଥାପି ସେମାନଙ୍କୁ ସ୍ୱାଧୀନ ଭାବରେ ଅନ୍‌ଲାଇନ୍ ଆକାଉଣ୍ଟ ଖୋଲିବାକୁ ଅନୁମତି ଦିଆଯାଉଛି; ଯାହା ପାଇଁ ପ୍ରାୟତଃ ସେବା ସର୍ତ୍ତାବଳୀ ଓ ନୀତିର ଉଲ୍ଲଙ୍ଘନ ହେଉଛି। 'ଜଷ୍ଟ ରାଇଟ୍ସ ଫର୍ ଚିଲ୍‌ଡ୍ରେନ୍ ଆଲାଏନ୍ସ' ଦ୍ୱାରା ଦାଖଲ ହୋଇଥିବା ଏହି ଜନସ୍ୱାର୍ଥ ମାମଲାର ଯୁକ୍ତି ଅନୁଯାୟୀ ଆଇନଗତ ବ୍ୟବସ୍ଥାରେ ଥିବା ଏହି ତ୍ରୁଟି ଯୋଗୁଁ ପିଲାମାନେ 'ଅନ୍‌ଲାଇନ୍ ଗ୍ରୁମିଂ(ପ୍ରଲୋଭନ) ଓ ମାନବ ଚାଲାଣଠାରୁ ଆରମ୍ଭ କରି ସାଇବର-ବୁଲିଂ (ଅନ୍‌ଲାଇନ୍ ଉତ୍ପୀଡ଼ନ) ଏବଂ ବ୍ୟକ୍ତିଗତ ତଥ୍ୟର ଅପବ୍ୟବହାର ଭଳି ବିପଦର ସମ୍ମୁଖୀନ ହେଉଛନ୍ତି। ଏଥିରେ ସର୍ବୋଚ୍ଚ ନ୍ୟାୟାଳଙ୍କୁ ଅନୁରୋଧ କରାଯାଇଛି ଯେ କେନ୍ଦ୍ର ସରକାରଙ୍କୁ ଏଭଳି ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଉ, ଯାହା ନିଶ୍ଚିତ କରିବ ଯେ ନାବାଳକମାନେ ଅଭିଭାବକଙ୍କ ଯାଞ୍ଚ ଯୋଗ୍ୟ ସହମତି ବିନା କୌଣସି ପ୍ଲାଟଫର୍ମ ଚୁକ୍ତିନାମାରେ ସାମିଲ ହେବେ ନାହିଁ।

ଭାରତୀୟ ଚୁକ୍ତି ଆଇନ, ୧୮୭୨ର ଧାରା ୧୧ ରେ ନାବାଳକଙ୍କୁ ଚୁକ୍ତି କରିବାରୁ ବାରଣ କରାଯାଇଛି। ଏଥିରେ କୁହାଯାଇଛି ଯେ, 'ଯେଉଁ ବ୍ୟକ୍ତି ନିଜ ଉପରେ ଲାଗୁ ହେଉଥିବା ଆଇନ ଅନୁଯାୟୀ ସାବାଳକ (ପୂର୍ଣ୍ଣ ବୟସ୍କ) ଏବଂ ସୁସ୍ଥ ମସ୍ତିଷ୍କର ଅଧିକାରୀ, କେବଳ ସେହି ବ୍ୟକ୍ତି ହିଁ ଚୁକ୍ତି କରିବାକୁ ଯୋଗ୍ୟ ଅଟନ୍ତି।' ଜଣେ ନାବାଳକଙ୍କ ଦ୍ୱାରା କରାଯାଇଥିବା ଯେକୌଣସି ଚୁକ୍ତିନାମା କିମ୍ବା ବୁଝାମଣାକୁ ଆରମ୍ଭରୁ ହିଁ ଅବୈଧ ବୋଲି ବିବେଚନା କରାଯିବ। ଏହି ଆଇନଗତ ବ୍ୟବସ୍ଥା ସତ୍ତ୍ୱେ, ଭାରତରେ କାର୍ଯ୍ୟ କରୁଥିବା ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ଏବଂ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ କିଶୋରମାନଙ୍କୁ (ପ୍ରାୟତଃ ୧୩ ବର୍ଷ ବୟସରୁ କମ୍) କେବଳ ସେମାନଙ୍କ ବୟସ କିମ୍ବା ଜନ୍ମ ତାରିଖ ଘୋଷଣା କରିବାରେ ସର୍ତ୍ତାବଳୀକୁ ସୀମିତ ରଖିଛନ୍ତି, ଯାହା ଆଇନର ବିରୁଦ୍ଧାଚରଣ କରୁଛି। ଭାରତୀୟ ଆଇନ ନାବାଳକମାନଙ୍କୁ ସ୍ୱାଧୀନ ଭାବରେ ଅନ୍‌ଲାଇନ୍ ଆକାଉଣ୍ଟ ଖୋଲିବା ଉପରେ ନିୟନ୍ତ୍ରଣ ଜାରି କରିପାରୁନାହିଁ। ତେଣୁ ଏବେ ଆଇନ ସଂଶୋଧନର ଆବଶ୍ୟକତା ଉପରେ ମତ ପ୍ରକାଶ ପାଉଛି।

ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ୨୦୨୩(ଡିପିଡିପି) ଅନୁଯାୟୀ, କୌଣସି ଶିଶୁର ବ୍ୟକ୍ତିଗତ ତଥ୍ୟ ପ୍ରକ୍ରିୟାକରଣ କରାଯିବା ପୂର୍ବରୁ ପିତାମାତାଙ୍କ ଅନୁମତି ଆବଶ୍ୟକ। କିନ୍ତୁ ଡିପିଡିପି ଆଇନ କିମ୍ବା ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀ ୧୮ ବର୍ଷରୁ କମ୍ ବୟସର ବ୍ୟବହାରକାରୀଙ୍କୁ ଡିଜିଟାଲ୍ ପ୍ଲାଟଫର୍ମରେ ସ୍ୱାଧୀନ ଭାବରେ ଆକାଉଣ୍ଟ ଖୋଲିବା କିମ୍ବା ପରିଚାଳନା କରିବାରୁ ବାରଣ କରିବା ବିଷୟରେ ଅସ୍ପଷ୍ଟ। ସାମାଜିକ ଗଣମାଧ୍ୟମ ମଞ୍ଚରେ ନାବାଳକମାନଙ୍କର ସ୍ୱାଧୀନ ଭାବରେ ପଞ୍ଜୀକରଣକୁ ଯାଞ୍ଚ କିମ୍ବା ନିୟନ୍ତ୍ରଣ କରିବା ପାଇଁ କୌଣସି ବ୍ୟବସ୍ଥା ମଧ୍ୟ ନାହିଁ। ଆଇଟି ଆଇନ ଅଧୀନରେ ପ୍ରସ୍ତୁତ 'ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟସ୍ଥ ନିୟମାବଳୀ ଏବଂ ଡିଜିଟାଲ୍ ମିଡିଆ ନୈତିକତା ସଂହିତା) ନିୟମାବଳୀ, ୨୦୨୧'ରେ ନାବାଳକର ଚୁକ୍ତିନାମା ସମ୍ପାଦନ କରିବାର କ୍ଷମତା ବିଷୟରେ ସମ୍ପୂର୍ଣ୍ଣ ନୀରବ ରହିଛି ଏବଂ ଏଥିରେ ବୟସର ପ୍ରକୃତ ଯାଞ୍ଚ, ପିତାମାତାଙ୍କ ପ୍ରମାଣୀକରଣ କିମ୍ବା ବୟସ-ନିୟନ୍ତ୍ରଣ ଓ ନିର୍ଦ୍ଧାରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ବର୍ତ୍ତମାନର ପ୍ରଚଳିତ ବ୍ୟବସ୍ଥା 'କେବଳ ନାମକୁ ମାତ୍ର ବୟସ ସୀମା ବ୍ୟବସ୍ଥା' ଭଳି ହୋଇଛି। କାରଣ କେବଳ ଜନ୍ମତାରିଖ ଦାଖଲ କରିବା ଏକ ପ୍ରଭାବଶାଳୀ ସୁରକ୍ଷା ପଦକ୍ଷେପ ନୁହେଁ। ତେଣୁ ଏକ ସ୍ୱଚ୍ଛ ଓ ସ୍ପଷ୍ଟ ଉତ୍ତରଦାୟିତ୍ୱ ବ୍ୟବସ୍ଥା ଏବଂ ପ୍ରଭାବଶାଳୀ ଯାଞ୍ଚଯୋଗ୍ୟ ବୟସ-ନିଶ୍ଚିତକରଣ ଓ ବୟସ-ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ଜନସ୍ୱାର୍ଥ ମାମଲାରେ ଅନୁରୋଧ କରାଯାଇଛି।

ବିକଶିତ ରାଷ୍ଟ୍ର ଅଷ୍ଟ୍ରେଲିଆ ଓ ୟୁକେର ପଦାଙ୍କ ଅନୁସରଣ କରି ଭାରତରେ ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟଫୋନ୍ ବ୍ୟବହାରରେ କଟକଣା ପାଇଁ ସେଠାକାର ସରକାର ଏକ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏହି ସରକାରୀ ନିଷ୍ପତ୍ତି ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ମୋବାଇଲ୍ ସ୍କ୍ରିନ୍‌ରେ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ବିଷୟବସ୍ତୁ ଦେଖିବାକୁ କେବଳ ୧ ଘଣ୍ଟା ମିଳିବ। ସନ୍ଧ୍ୟା ୭ଟା ପରେ ସେମାନଙ୍କ ମୋବାଇଲ୍ ହ୍ୟାଣ୍ଡସେଟ୍‌ରେ ଇଣ୍ଟରନେଟ୍ ସଂଯୋଗ ଆପେ ଆପେ ବନ୍ଦ ହୋଇଯିବ। ଏହି କଟକଣା କାର୍ଯ୍ୟକାରିତାରେ ସୁବିଧା ପାଇଁ ଆଧାରଭିତ୍ତିକ ସାଇନ୍‌ଅପ୍ ବା ଆକାଉଣ୍ଟ ଖୋଲିବାକୁ ବାଧ୍ୟତାମୂଳକ କରାଯାଇଛି। ଅନେକ ଦୃଷ୍ଟିକୋଣରୁ ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରାଯାଇପାରେ। କିନ୍ତୁ ମୋବାଇଲ୍ ଫୋନ୍ ବ୍ୟବହାରକାରୀଙ୍କ ବୟସ କିଭଳି ନିର୍ଣ୍ଣୟ କରାଯାଇପାରିବ ସେ ନେଇ ପ୍ରଶ୍ନ ଉଠିଛି। ତେଣୁ ଉପରୋକ୍ତ ଜନସ୍ୱାର୍ଥ ମାମଲା ସେ ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇପାରେ।

## ବିଶ୍ୱାସର କାଠଗଡ଼ାରେ ନିର୍ବାଚନ କମିଶନ

ରଞ୍ଜିତ୍ ମହାନ୍ତି

ଭାରତୀୟ ଗଣତନ୍ତ୍ରରେ ଭୋଟ କେବଳ ଏକ ଅଧିକାର ନୁହେଁ, ଏହା ନାଗରିକଙ୍କ ସାର୍ବଭୌମ ସ୍ୱର। ଜଣେ ନାଗରିକଙ୍କ ମତଦାନର ମୌଳିକ ଅଧିକାର ହିଁ ଗଣତନ୍ତ୍ରର ମୂଳ ଭିତ୍ତି। ସେହି କାରଣରୁ ଭୋଟର ତାଲିକାରେ ଜଣେ ଯୋଗ୍ୟ ନାଗରିକଙ୍କ ନାମ ରହିବା ଯେତିକି ଗୁରୁତ୍ୱପୂର୍ଣ୍ଣ; ମୃତ, ଅଯୋଗ୍ୟ ଓ ଦ୍ୱୈତ ନାମକୁ ବାଦ ଦେବା ମଧ୍ୟ ସେତିକି ଆବଶ୍ୟକ। କିନ୍ତୁ ଏହି ଦୁଇ ପ୍ରକ୍ରିୟା ମଧ୍ୟରେ ସନ୍ତୁଳନ, ସ୍ୱଚ୍ଛତା ଓ ଆଇନଗତ ସୁରକ୍ଷାକୁ ନେଇ ଉଠିଥିବା ପ୍ରଶ୍ନ ସାରାଦେଶରେ ନୂଆ ବିବାଦ ସୃଷ୍ଟି କରିଛି। ସାମ୍ପ୍ରତିକ ଏସ୍‌ଆଇଆର୍ (ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ)କୁ ନେଇ ସୃଷ୍ଟ ବିବାଦ କେବଳ ଭୋଟର ତାଲିକାରେ ସୀମିତ ନାହିଁ; ଦେଶର ନିର୍ବାଚନ ପରିଚାଳନାର ସର୍ବୋଚ୍ଚ ସଂସ୍ଥା ନିର୍ବାଚନ କମିଶନର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀ ମଧ୍ୟ ପ୍ରଶ୍ନ ଓ ବିଶ୍ୱାସର କାଠଗଡ଼ାରେ ଠିଆ ହୋଇଛି।

'ଦ ଇଣ୍ଡିଆନ୍ ଏକ୍ସପ୍ରେସ'ର ରିପୋର୍ଟ ଅନୁସାରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ କେତେକ ନିଷ୍ପତ୍ତି ଓ ପଦକ୍ଷେପକୁ ନେଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସରେ ଅନ୍ତତଃ ୧୪ ଥର ଲିଖିତ ଆପତ୍ତି ଜଣାଇଛନ୍ତି। ଏହି ଆପତ୍ତିଗୁଡ଼ିକର କେନ୍ଦ୍ରରେ ରହିଛି ନୂଆ ଭୋଟର ପଞ୍ଜୀକରଣ, ନାମ ବାଦ ଓ ପୁନଃସାମିଲ, ଭୋଟର ଡାଟାବେସ୍‌ର ପରିଚାଳନା ଏବଂ ଡିଜିଟାଲ୍ ବ୍ୟବସ୍ଥାରେ ଅଧିକାରର କେନ୍ଦ୍ରୀକରଣ ଭଳି ସ୍ପର୍ଶକାତର ପ୍ରସଙ୍ଗ। ଯଦିଓ ଏହି ପ୍ରଶ୍ନ ଉଠିବା ପରେ ନିର୍ବାଚନ କମିଶନର ପକ୍ଷରୁ ଏକ ସ୍ପଷ୍ଟୀକରଣରେ ବହୁସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ସଂସ୍ଥାରେ ମତଭେଦ, ପ୍ରଶ୍ନ, ବୈଷୟିକ ପରାମର୍ଶ ଓ ଆଭ୍ୟନ୍ତରୀଣ ଯାଞ୍ଚ ସ୍ୱାଭାବିକ ପ୍ରକ୍ରିୟା ବୋଲି କୁହାଯାଇଛି। ଗତ ଏକବର୍ଷର ଚୂଡ଼ାନ୍ତ ନିଷ୍ପତ୍ତି ସର୍ବସମ୍ମତିରେ ହୋଇଛି ଏବଂ ପ୍ରାୟ ୪୦ଟି ନୂଆ ପଦକ୍ଷେପ ଓ ନିର୍ବାଚନୀ ସଂସ୍କାର ଗ୍ରହଣ କରାଯାଇଛି ବୋଲି କମିଶନ ପକ୍ଷରୁ କୁହାଯାଇଛି। ମାତ୍ର କୌଣସି ପ୍ରସଙ୍ଗରେ ମତଭେଦ ଓ ଚୂଡ଼ାନ୍ତ ନିଷ୍ପତ୍ତି କଦାପି ଆପେକ୍ଷିକ ନୁହେଁ। ମତଭେଦ ସତ୍ତ୍ୱେ ନିଆଯାଇଥିବା ନିଷ୍ପତ୍ତି ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବାର ଆବଶ୍ୟକତା ଥିବା ବେଳେ ଏହାକୁ ମୁଖ୍ୟ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ଉପେକ୍ଷା କରିଛନ୍ତି ଓ ଏକଛତ୍ର ନୀତି ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି।

କୌତୂହଳର କଥା ହେଉଛି ବିବାଦର ଗଭୀରତା ଏତେ ଯେ ଏହାକୁ ଆକଳନ କରିବା କଷ୍ଟକର ବ୍ୟାପାର। ବିଶେଷକରି ଭୋଟର ଡାଟାବେସ୍‌ର କେନ୍ଦ୍ରୀକରଣ କରାଯିବା ନେଇ ଦୁଇ କମିଶନରଙ୍କ ଆପତ୍ତି ଏହି ବିତର୍କକୁ ଅଧିକ ଗୁରୁତର କରିଛି। ନିର୍ବାଚନ କମିଶନ ସଦସ୍ୟ ବିବେକ ଯୋଶୀ 'ଇଲେକ୍ଟୋରାଲ୍ ରୋଲ୍ ଡାଟାବେସ୍'ର କେନ୍ଦ୍ରୀକରଣ ନେଇ ଉଠାଇଥିବା ପ୍ରଶ୍ନ ଓ ସୁଖବୀର ସିଂହ ସାନ୍ଧୁ ରାଜ୍ୟସ୍ତରୀୟ ନିର୍ବାଚନ ଅଧିକାରୀମାନଙ୍କ ଡିଜିଟାଲ୍ ବ୍ୟବସ୍ଥାରେ ପୂର୍ଣ୍ଣ ପ୍ରବେଶ ନେଇ ଚିନ୍ତାପ୍ରକଟର ଉତ୍ତର ଏଯାଏଁ ମୁଖ୍ୟ ନିର୍ବାଚନ କମିଶନ ଦେଇନାହାନ୍ତି।

ଏଠାରେ ପ୍ରଶ୍ନ କେବଳ ସଫ୍ଟୱେରର ନୁହେଁ। ମୂଳ ପ୍ରଶ୍ନ ହେଉଛି - ଭୋଟର ତାଲିକାରେ ଜଣେ ନାଗରିକଙ୍କ ନାମ ଯୋଡ଼ିବା କିମ୍ବା କାଟିବାର ଅନ୍ତିମ ଦାୟିତ୍ୱ କାହାର? ସ୍ଥାନୀୟ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିଷ୍ପତ୍ତି ଯଦି ଏକ କେନ୍ଦ୍ରୀକୃତ ଡିଜିଟାଲ୍ ବ୍ୟବସ୍ଥା ଦ୍ୱାରା ବଦଳିଯାଏ, ତେବେ ଏଥିପାଇଁ କିଏ ଉତ୍ତରଦାୟୀ ରହିବ? ଗଣତନ୍ତ୍ର ପ୍ରତି ଆସ୍ଥା ଓ ଗଣତନ୍ତ୍ରର ଆତ୍ମାର ସୁରକ୍ଷା ନିମନ୍ତେ ଏହାର ଉତ୍ତର ମୁଖ୍ୟ ନିର୍ବାଚନ କମିଶନ ପ୍ରଦାନ କରିବା ଏକାନ୍ତ ଜରୁରୀ।

ପଶ୍ଚିମବଙ୍ଗର ଏସ୍‌ଆଇଆର୍ ଏହି ବିତର୍କକୁ ଆହୁରି ଜଟିଳ କରିଛି। ପଶ୍ଚିମବଙ୍ଗରେ ପ୍ରାୟ ୫୮ ଲକ୍ଷ ଭୋଟରଙ୍କ ନାମ ଚିଠା ପ୍ରସ୍ତାବରେ ବାଦ ପଡ଼ିଥିଲା। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ଚୂଡ଼ାନ୍ତ ପ୍ରକ୍ରିୟାରେ ପ୍ରାୟ ୨୭.୧୬ ଲକ୍ଷ ଭୋଟରଙ୍କ ନାମ ବାଦ ପଡ଼ିଛି। କୌତୂହଳର କଥା ହେଉଛି ସେଥିରୁ ୨୨.୨୧ ଲକ୍ଷ ଭୋଟର ସେମାନଙ୍କ ନାମ ମତଦାତା ସୂଚୀରେ ପୁନଃସାମିଲ ପାଇଁ ଅପିଲ କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଯେଉଁମାନଙ୍କ ନାମ ବାଦ ଦିଆଯାଇଛି, ସେମାନେ କଦାପି ଅଯୋଗ୍ୟ ନ ଥିଲେ। ଯଦି ଅଯୋଗ୍ୟ ଥିଲେ, ସେମାନଙ୍କ ନାମ ପୁନର୍ବାର ମତଦାତା ସୂଚୀରେ ସାମିଲ ପାଇଁ ଆଇନଗତ ଲଢ଼େଇକୁ ବାହାରିଲେ କାହିଁକି? ମୃତକ, ସ୍ଥାନାନ୍ତରିତ, ଦ୍ୱୈତ ଭାବେ ପଞ୍ଜିକୃତ ଓ ଅଯୋଗ୍ୟ ଭୋଟରଙ୍କ ନାମ ହଟାଇବା ଆବଶ୍ୟକ। କିନ୍ତୁ ସେହି ପ୍ରକ୍ରିୟାରେ ଜଣେ ଯୋଗ୍ୟ ନାଗରିକଙ୍କ ନାମ ଭୁଲବଶତଃ ବାଦ ପଡ଼ିଲେ ତାଙ୍କୁ ନୋଟିସ୍, ଉତ୍ତର ଦେବାର ସୁଯୋଗ, ପ୍ରମାଣ ଦାଖଲ ଓ ଆପିଲ୍‌ର ଅଧିକାର ଦେବା ହିଁ ନ୍ୟାୟସଙ୍ଗତ ପ୍ରକ୍ରିୟା।

ଦିଲ୍ଲୀର ଏସ୍‌ଆଇଆର୍ ନେଇ ସୁପ୍ରିମକୋର୍ଟଙ୍କ ସାମ୍ପ୍ରତିକ ଟିପ୍ପଣୀ ମଧ୍ୟ ଏହି ପ୍ରଶ୍ନକୁ ଆଗକୁ ଆଣିଛି। ୩୩ ଲକ୍ଷରୁ ଅଧିକ ଭୋଟରଙ୍କୁ ଦିଆଯାଇଥବା ନୋଟିସ ମଧ୍ୟରୁ ଏକ ବଡ଼ ଅଂଶ 'ମେକାନିକାଲ' ମନେ ହେବାର କାରଣକୁ ନେଇ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଭୋଟରମାନେ ହ୍ୱାଟ୍ସଆପ୍ କିମ୍ବା ଇମେଲ୍ ମାଧ୍ୟମରେ ଉତ୍ତର ଦେଇପାରିବେ କି ନାହିଁ, ସେ ସମ୍ପର୍କରେ ନିର୍ବାଚନ କମିଶନ ଚିନ୍ତା କରିବା ଆବଶ୍ୟକ ବୋଲି ମଧ୍ୟ ମତ ଦେଇଛନ୍ତି।

ଏହି ସମଗ୍ର ପରିସ୍ଥିତିରେ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ସୁନିଶ୍ଚିତ କରିବା ନିର୍ବାଚନ କମିଶନଙ୍କ ସବୁଠାରୁ ବଡ଼ ଦାୟିତ୍ୱ। ଆମ ସମ୍ବିଧାନ ନିର୍ବାଚନ କମିଶନଙ୍କ ଉପରେ ଏକ ବିଶାଳ ଗୁରୁଦାୟିତ୍ୱ ନ୍ୟସ୍ତ କରିଛି। ସମ୍ବିଧାନର ଧାରା ୩୨୪ରେ ନିର୍ବାଚନ ପରିଚାଳନା, ନିୟନ୍ତ୍ରଣ ଓ ଦାୟିତ୍ୱର ସୂଚାରୁ ସମ୍ପାଦନ ନିମନ୍ତେ ନିର୍ବାଚନ କମିଶନଙ୍କୁ କ୍ଷମତା ଦେଇଛି। ତେଣୁ କମିଶନର ପ୍ରତିଟି ପଦକ୍ଷେପ କେବଳ ଆଇନଗତ ଭାବେ ଠିକ୍ ହେବା ଯଥେଷ୍ଟ ନୁହେଁ; ଜନସାଧାରଣଙ୍କ ଦୃଷ୍ଟିରେ ମଧ୍ୟ ପାରଦର୍ଶୀ ଓ ବିଶ୍ୱସନୀୟ ହେବା ଦରକାର। ମାତ୍ର ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର ସମ୍ଭବତଃ ଏହାକୁ ବଜାୟ ରଖିବାରେ ଅକ୍ଷମ ହୋଇଛନ୍ତି। 'ସୁଖ' ଓ 'ବିବେକ' ଜ୍ଞାନେଶଙ୍କ ନିକଟରୁ ଦୂରେଇ ଯାଇଛନ୍ତି। ଦୁଇ ସହଯୋଗୀ ସୁଖବିନ୍ଦର ସିଂ ସାନ୍ଧୁ ଓ ବିବେକ ଯୋଶୀ ଏକାଧିକବାର ଉଠାଇଥିବା ପ୍ରଶ୍ନର ସ୍ୱଚ୍ଛ ଉତ୍ତରକୁ ଜ୍ଞାନେଶକୁମାର ସାର୍ବଜନୀନ କରିବା ଆବଶ୍ୟକ। ଗଣତନ୍ତ୍ରରେ ମତଭେଦ କଦାପି ଦୁର୍ବଳତା ନୁହେଁ; ଏହାର ପାରଦର୍ଶୀ ସମାଧାନ ହେଉଛି ଯେ କୌଣସି ପ୍ରତିଷ୍ଠାନର ଦାୟିତ୍ୱ।

ନିର୍ବାଚନୀ ସଂସ୍କାରର ଅର୍ଥ କେବଳ ନୂଆ ସଫ୍ଟୱେର୍, କେନ୍ଦ୍ରୀକୃତ ଡାଟାବେସ୍ ବା ଡିଜିଟାଲ୍ ପ୍ରଯୁକ୍ତି ନୁହେଁ। ପ୍ରଯୁକ୍ତିକୁ ଆଗକୁ ବଢ଼ାଇବା ସହିତ ମାନବୀୟ ଯାଞ୍ଚ, ଆଇନଗତ ସୁରକ୍ଷା ଓ ନାଗରିକଙ୍କ ଶୁଣାଣିର ଅଧିକାରର ମଧ୍ୟ ଦୃଢ଼ୀକରଣ ହେବା ଆବଶ୍ୟକ। କାହିଁକି ନା ଭୋଟର ତାଲିକା କେବଳ ସାଧାରଣ ଡ଼ାଟାବେସ୍ ନୁହେଁ, ଏହା ଦେଶର କୋଟି ନାଗରିକଙ୍କ ଗଣତାନ୍ତ୍ରିକ ଅସ୍ତିତ୍ୱର ଦସ୍ତାବିଜ୍। ଭୋଟର ତାଲିକାରେ ଯୋଗବିୟୋଗ ଏକ ସ୍ୱାଭାବିକ ଓ ନିରନ୍ତର ପ୍ରକ୍ରିୟା। ତେଣୁ ନିର୍ବାଚନ କମିଶନ ଯଦି ଏହି ଦୁଇ ଲକ୍ଷ୍ୟ ମଧ୍ୟରେ ସ୍ୱଚ୍ଛ ସନ୍ତୁଳନ ସ୍ଥାପନ କରିବାକୁ ସମର୍ଥ ହେଲେ ଦେଶବାସୀଙ୍କର ଆସ୍ଥା ପୁନର୍ଜୀବିତ ହେବ। ମାତ୍ର ନିର୍ବାଚନ କମିଶନ ଏ କ୍ଷେତ୍ରରେ 'ଚାପଗ୍ରସ୍ତ ପକ୍ଷଭୂତ' ପରି ଆଚରଣ କରୁଛନ୍ତି। 'ସୁଖ' ଓ 'ବିବେକ'କୁ ଭୁଲି ଏକଦେଶଦର୍ଶୀ ନିଷ୍ପତ୍ତି ନେଉଥିବା ଅଭିଯୋଗ ହେଉଛି।

ଗତ ୨୦୨୪ ନିର୍ବାଚନ ସମୟରେ ଦେଶର ୮୭ଟି ସଂସଦୀୟ କ୍ଷେତ୍ରରେ ପଡ଼ିଥିବା ଭୋଟ ଓ ଗଣନା ହୋଇଥିବା ଭୋଟରେ ପାର୍ଥକ୍ୟ ସମ୍ପର୍କରେ ଏଯାଏଁ ସ୍ପଷ୍ଟୀକରଣ ଦେବାରେ ମୁଖ୍ୟ ନିର୍ବାଚନ କମିଶନ ଅସମର୍ଥ ହୋଇଛନ୍ତି। କେବଳ ଓଡ଼ିଶାରେ ମତଦାନ ସମୟ ଅତିକ୍ରମ ପରେ ପଡ଼ିଥିବା ୪୨ ଲକ୍ଷ ଭୋଟ ଓ ୩୦ରୁ ଊର୍ଦ୍ଧ୍ୱ ନିର୍ବାଚନମଣ୍ଡଳୀରେ ଭୋଟ ଗଡ଼ବଡ଼ି ସଂକ୍ରାନ୍ତରେ ବିଜେଡିର ଆପତ୍ତିର ଉତ୍ତର ତଥ୍ୟ ନିର୍ବାଚନ କମିଶନ ପ୍ରଦାନ କରିନାହାନ୍ତି। କେବଳ ଓଡ଼ିଶା ନୁହେଁ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ତେଲଙ୍ଗାନା, ତାମିଲନାଡୁ, ବିହାର, ଦିଲ୍ଲୀ ଆଦି ରାଜ୍ୟରେ ମଧ୍ୟ ଏସ୍‌ଆଇଆର୍ ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କ ଅସ୍ୱଚ୍ଛ ଓ ପକ୍ଷପାତ ଭୂମିକା ସଂକ୍ରାନ୍ତ ଅଭିଯୋଗକୁ ଏହି ପରିପ୍ରେକ୍ଷୀରେ ଅମୂଳକ ବୋଲି କୁହାଯାଇପାରୁନାହିଁ।

ଭୁବନେଶ୍ୱର, ମୋ: ୯୪୩୭୨୩୬୮୯୮

## ୟୁପିଆଇ ଶୁଳ୍କନୀତିର ପ୍ରଭାବ

ମୋଜାଫର ଖାଁ

ଆଜି ପର୍ଯ୍ୟନ୍ତ ସାଧାରଣ ଧାରଣା ରହିଥିଲା ଯେ 'ୟୁନିଫାଇଡ୍ ପେମେଣ୍ଟସ ଇଣ୍ଟରଫେସ'(ୟୁପିଆଇ) ମାଧ୍ୟମରେ କାରବାର କରିବା ସମ୍ପୂର୍ଣ୍ଣ ମାଗଣା ଏବଂ ଏହି ବ୍ୟବସ୍ଥା ଏମିତି ଚାଲୁ ରହିବ। ମାତ୍ର ଭାରତ ସରକାରଙ୍କ ନୂତନ ନିୟମାବଳୀ ପରେ ଏହି ସ୍ଥିତି ବଦଳିବାକୁ ଯାଉଛି।୧୫ ଅକ୍ଟୋବର ୨୦୨୬ ରୁ ସମସ୍ତ ବ୍ୟାବସାୟିକ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ ନାହିଁ। ଯଦିଓ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ଆଦାନପ୍ରଦାନ ଉପରେ କୌଣସି ଶୁଳ୍କ ଲାଗିବ ନାହିଁ ଏବଂ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାବସାୟିକ କାରବାର ମଧ୍ୟ ଶୁଳ୍କମୁକ୍ତ ରହିବ; କିନ୍ତୁ ଦୁଇ ହଜାର ଟଙ୍କାରୁ ଅଧିକ ବ୍ୟାବସାୟିକ କାରବାର ଉପରେ ଶୁଳ୍କ ଲାଗୁ ହେବ। ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଶୁଳ୍କ ଗ୍ରାହକଙ୍କଠାରୁ ଅଲଗା ଭାବେ ନିଆଯିବ ନାହିଁ କିମ୍ବା ଏହାକୁ କଟାଯିବ ନାହିଁ। ତଥାପି ଏହି ନିଷ୍ପତ୍ତି ଏକ ବଡ଼ ପ୍ରଶ୍ନ ଛିଡ଼ା କରିଛି ଯେ, ଯେଉଁ ୟୁପିଆଇକୁ ଦେଶର ସବୁଠାରୁ ବଡ଼ ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମି ଭାବେ ଗଢ଼ାଯାଇଥିଲା, ତାହାର ପରିଚାଳନା ଖର୍ଚ୍ଚର ବୋଝ ଏବେ କାହା ଉପରେ ଓ କିପରି ପଡ଼ିବ? ସିଙ୍ଗାପୁର, ଫ୍ରାନ୍ସ, ୟୁଏଇ ଓ ଶ୍ରୀଲଙ୍କା ଭଳି ବିଶ୍ୱର ଅନେକ ଦେଶ ଆଜି ଭାରତର ୟୁପିଆଇକୁ ଆପଣେଇବାରେ ବ୍ୟସ୍ତ। କିନ୍ତୁ ପ୍ରଶ୍ନ ଉଠୁଛି, ଭାରତ ନିଜର ଏହି ସଫଳ ଡିଜିଟାଲ୍ ଆବିଷ୍କାରକୁ ଏକ ସୁଦୃଢ଼ କୂଟନୈତିକ ଏବଂ ଅର୍ଥନୈତିକ ନୀତିରେ ପରିଣତ କରିବାରେ ପୂର୍ଣ୍ଣ ସଫଳ ହୋଇପାରିଛି କି?

ୟୁପିଆଇ ହେଉଛି ସେହି ପରିବର୍ତ୍ତନର କାହାଣୀ, ଯାହା ଭାରତରେ କାରବାରର ଶୈଳୀକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ୧୧ ଏପ୍ରିଲ ୨୦୧୬ ରେ ୨୧ ଟି ବ୍ୟାଙ୍କ ସହ ୟୁପିଆଇର ଶୁଭାରମ୍ଭ ହୋଇଥିଲା। ଅଗଷ୍ଟ ୨୦୧୬ ରେ ପ୍ରାୟ ୯୦ ହଜାର ଟଙ୍କାର କାରବାର ହୋଇଥିଲା। ଆରମ୍ଭ ଅତି ସାଧାରଣ ଥିଲେ ମଧ୍ୟ ଘଟଣାବଳୀ ଅସାଧାରଣ ଗତି ଧରିଲା। ୮ ନଭେମ୍ବର ୨୦୧୬ ରେ ନୋଟବନ୍ଦୀରେ ୫୦୦ ଓ ୧୦୦୦ ଟଙ୍କିଆ ପୁରୁଣା ନୋଟ୍ ଅଚଳ ଘୋଷଣା କରାଗଲା। ଏହାପରେ କାଗଜ ନୋଟର ଉପଲବ୍ଧତା ହଠାତ୍ ସୀମିତ ହୋଇଗଲା ଏବଂ ଡିଜିଟାଲ କାରବାର ପାଇଁ ଏକ ବିଶାଳ ନୂଆ ବଜାର ପ୍ରସ୍ତୁତ ହେଲା। ପେଟିଏମ୍ ଭଳି ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ପ୍ରଚୁର ଅଭିବୃଦ୍ଧି ହାସଲ କଲେ। ସେତେବେଳେ ସେମାନେ ନିଜ କାରବାର ଓ ବ୍ୟବହାରକାରୀଙ୍କ ସଂଖ୍ୟାରେ ବହୁଗୁଣିତ ବୃଦ୍ଧି ଦାବି କରିଥିଲେ। ଡିଜିଟାଲ କାରବାର କେବଳ ସୁବିଧାର ବିକଳ୍ପ ନ ହୋଇ ଦୈନନ୍ଦିନ ଆର୍ଥିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗରେ ପରିଣତ ହେବାରେ ଲାଗିଲା। ଏହାପରେ ୟୁପିଆଇ କ୍ରମାଗତ ଭାବେ ନୂଆ ସଫଳତା ହାସଲ କରିବାକୁ ଲାଗିଲା। 'ଭାରତପେ' ସେ ସମୟରେ 'ୟୁପିଆଇ'କୁ ଆହୁରି ସହଜ ମାଧ୍ୟମରେ ବ୍ୟବହାରଯୋଗ୍ୟ କରିଥିଲା। ଅକ୍ଟୋବର ୨୦୧୯ ରେ ଗୋଟିଏ ମାସରେ ୧୦୦ କୋଟିରୁ ଅଧିକ କାରବାରର ଅଭିଲେଖ ସୃଷ୍ଟି ହେଲା। ଫେବୃଆରୀ ୨୦୨୦ ରେ ଏହା ପ୍ରାୟ ୧.୩୨ ବିଲିଅନରେ ପହଞ୍ଚିଲା। ତା'ପରେ କରୋନା ମହାମାରୀ ଓ ଦେଶବ୍ୟାପୀ ଲକଡାଉନ୍ ଲୋକଙ୍କ କାରବାର ଶୈଳୀକୁ ଆହୁରି ବଦଳାଇ ଦେଲା। ଏପ୍ରିଲ ୨୦୨୦ରେ ବି 'ୟୁପିଆଇ'ରେ ପାଖାପାଖି ୧ ବିଲିଅନ୍ କାରବାର ହୋଇଥିଲା। ଏହାପରେ ଅକ୍ଟୋବର ୨୦୨୦ ରେ ଏହି ସଂଖ୍ୟା ୨ ବିଲିଅନକୁ ଡେଇଁଗଲା। ୨୦୨୫ ରୁ ୨୦୨୬ ମଧ୍ୟରେ ଦେଶର ମୋଟ ଡିଜିଟାଲ କାରବାରରେ ୟୁପିଆଇର ଅଂଶଗ୍ରହଣ ୮୪ ପ୍ରତିଶତରେ ପହଞ୍ଚି ଯାଇଛି। ଜୁଲାଇ ୨୦୨୬ ରେ ହିଁ ୟୁପିଆଇ ମାଧ୍ୟମରେ ପ୍ରାୟ ୨୩.୬୬ ବିଲିଅନ କାରବାର ହୋଇଥିଲା ଯାହାର ମୋଟ ମୂଲ୍ୟ ୨୯.୮୮ ଲକ୍ଷ କୋଟି ଟଙ୍କା।

ୟୁପିଆଇ ବ୍ୟବହାରକାରୀଙ୍କ ପାଇଁ ଏବେ ବି ପ୍ରାୟ ମାଗଣା ଅଛି; କିନ୍ତୁ ଏହାକୁ ପରିଚାଳନା କରିବା ମାଗଣା ନୁହେଁ। ଏହା ପଛରେ ସର୍ଭର, ବୈଷୟିକ ଭିତ୍ତିଭୂମି, ସାଇବର ସୁରକ୍ଷା, ଠକେଇ ରୋକିବା ବ୍ୟବସ୍ଥା, ବ୍ୟାଙ୍କିଙ୍ଗ୍ ନେଟୱର୍କ, ଗ୍ରାହକ ସେବା ଏବଂ କ୍ରମାଗତ ବୃଦ୍ଧି ପାଉଥିବା କାରବାର ସମ୍ଭାଳିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ। ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ସମ୍ମୁଖରେ ରଖାଯାଇଥିବା ଆକଳନ ଅନୁସାରେ ୟୁପିଆଇ ପରିଚାଳନାର ଆନୁମାନିକ ବାର୍ଷିକ ଖର୍ଚ୍ଚ ପ୍ରାୟ ୨୦, ୭୦୦ କୋଟି ଟଙ୍କା, ଯେଉଁଠି ୨୦୨୬-୨୭ ପାଇଁ ସରକାର ପ୍ରାୟ ଦୁଇ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ୟୁପିଆଇର ଭିତ୍ତିଭୂମି ଭାରତ ତିଆରି କରିଛି, କିନ୍ତୁ ଏହାର ସବୁଠାରୁ ବଡ଼ ବଜାର ଘରୋଇ କମ୍ପାନୀଙ୍କ ହାତରେ ରହିଛି। ଆଜି ବିଦେଶୀ କମ୍ପାନୀଗୁଡ଼ିକ ଭାରତର ଡିଜିଟାଲ୍ କାରବାର ଦ୍ୱାରା ଲାଭାନ୍ୱିତ ହେଉଛନ୍ତି। ଏହାକୁ ନେଇ ପ୍ରଶ୍ନ ଉଠୁଛି। ସରକାର 'ଭୀମ୍' ଆପ୍ ତିଆରି କଲେ, ସାର୍ବଜନୀନ ବ୍ୟାଙ୍କଗୁଡ଼ିକ ପାଖରେ କୋଟି କୋଟି ଗ୍ରାହକ ଥିଲେ ଏବଂ ଏସବିଆଇ 'ଯୋନୋ'ଭଳି ମଞ୍ଚ ଛିଡ଼ା କଲା। ତଥାପି ସେଗୁଡ଼ିକ ପଛରେ ରହିଗଲେ। ବ୍ୟାଙ୍କ ଡିଜିଟାଲ କାରବାର ଦୌଡ଼ରେ ପଛରେ ପଡ଼ିଗଲା। ବିଦେଶୀ କମ୍ପାନୀଗୁଡ଼ିକ କ୍ୟାଶବାକ୍ ଦେଇ ଲୋକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିଲେ।

ସରକାରଙ୍କ ଅନୁସାରେ ପ୍ରାୟ ୯୬ ପ୍ରତିଶତ ବ୍ୟାବସାୟିକ ଆଦାନପ୍ରଦାନ ନୂଆ ନୀତି ଦ୍ୱାରା ପ୍ରଭାବିତ ହେବ ନାହିଁ। କିନ୍ତୁ ଦୁଇ ହଜାର ଟଙ୍କାରୁ ଅଧିକ କେତେକ ନିର୍ଦ୍ଧାରିତ ବ୍ୟାବସାୟିକ କାରବାର ଉପରେ ୦.୪ ପ୍ରତିଶତ ଶୁଳ୍କ ଲାଗିବ। ବ୍ୟବସାୟୀ ଏହି ଶୁଳ୍କ ସିଧାସଳଖ ଗ୍ରାହକଙ୍କଠାରୁ ଆଦାୟ କରିପାରିବେ ନାହିଁ। କିନ୍ତୁ ଆର୍ଥିକ ବ୍ୟବହାର ଏତେ ସହଜ ନୁହେଁ। ବ୍ୟବସାୟୀ ଏହି ଖର୍ଚ୍ଚକୁ ଅନ୍ୟ କୌଣସି ପରିଚାଳନା ଖର୍ଚ୍ଚ ସହ ସାମିଲ କରିପାରନ୍ତି କିମ୍ବା ଭବିଷ୍ୟତରେ ମୂଲ୍ୟ ବୃଦ୍ଧି କରିବାକୁ ବିଚାର କରିପାରନ୍ତି। ଯଦିଓ ଏବେଠାରୁ କହିବା ଭୁଲ୍ ହେବ ଯେ ଏହାଦ୍ୱାରା ମୁଦ୍ରାସ୍ଫୀତି ବଢ଼ିବ, କିନ୍ତୁ ଏହି ପ୍ରଶ୍ନ ନିଶ୍ଚିତ ଯେ କ୍ରମାଗତ ବୃଦ୍ଧି ପାଉଥିବା ଡିଜିଟାଲ କାରବାର ଖର୍ଚ୍ଚର ଅନ୍ତିମ ଆର୍ଥିକ ବୋଝ କାହା ଉପରେ ପଡ଼ିବ। ଏହାଠାରୁ ବଡ଼ ପ୍ରଶ୍ନ ହେଉଛି, ଶୁଳ୍କ ଲାଗିବା ପରେ ବ୍ୟବସାୟୀମାନେ ଡିଜିଟାଲ କାରବାରକୁ ପୂର୍ବଭଳି ସହଜରେ ଆପଣେଇବେ ତ? ଯଦି କୌଣସି ପେମେଣ୍ଟ ମାଧ୍ୟମକୁ ବ୍ୟବସାୟୀ ଏକ ନିୟମିତ ଖର୍ଚ୍ଚ ଭାବେ ଦେଖିବେ ତେବେ ସେ ଅନ୍ୟ ମାଧ୍ୟମକୁ ପ୍ରାଥମିକତା ଦେବାକୁ ଚେଷ୍ଟା କରିବେ ନାହିଁ ତ? ଡର ଏହା ନୁହେଁ ଯେ ଗ୍ରାହକଙ୍କଠାରୁ ସିଧାସଳଖ ଶୁଳ୍କ ନିଆଯିବ, ଡର ଏହା ଯେ ବ୍ୟବସାୟୀଙ୍କ ବ୍ୟବହାରରେ ପରିବର୍ତ୍ତନ ଗ୍ରାହକଙ୍କ ବ୍ୟବହାରକୁ ବଦଳାଇ ନଦେଉ।

ତରିକୁନ୍ଦ(ଜଗତସିଂହପୁର), ମୋ: ୬୩୭୦୦୦୧୫୭୦

## ମାଛମୁଣ୍ଡରେ ବିଷ୍ଣୁତିଳକ

**ବିଚିତ୍ର ବିଶ୍ୱାସ**

ଓଜସ୍ୱିନୀ

ପୂର୍ବପ୍ରକାଶିତ ଉତ୍ତାରୁ...

ମତ୍ସ୍ୟପୂଜନ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିବା ଆଉ ଗୋଟିଏ ପବିତ୍ର ପୀଠ ହେଉଛି ମତ୍ସ୍ୟଗିରି ଲକ୍ଷ୍ମୀନୃସିଂହ ସ୍ୱାମୀ ମନ୍ଦିର। ତେଲେଙ୍ଗାନାର ଭଲିଗୋଣ୍ଡା ମଣ୍ଡଳର ଭେଙ୍କଟପୁରମ୍‌ରେ ଅବସ୍ଥିତ ଏକ ପାହାଡ଼କୁ ଭକ୍ତମାନେ ଶ୍ରୀବିଷ୍ଣୁଙ୍କ ମତ୍ସ୍ୟ ଅବତାର ଭାବେ ମାନ୍ୟତା ଦେଇଥିବାରୁ ଏହି ମନ୍ଦିରର ନାମ 'ମତ୍ସ୍ୟଗିରି' ଭାବେ ନାମିତ ହୋଇଛି। ପୂର୍ବରୁ ଏହି ସ୍ଥାନ 'ଭେମ୍ୟୁଲୁ' ନାମରେ ପରିଚିତ ଥିଲା। କିମ୍ବଦନ୍ତୀ ଅନୁସାରେ ଏହି ସ୍ଥାନର ଶାନ୍ତସ୍ନିଗ୍ଧ ପରିବେଶରେ ଆକୃଷ୍ଟ ହୋଇ ଋଷିମୁନିମାନେ ତପସ୍ୟା ପାଇଁ ଆସିଥିଲେ। କିନ୍ତୁ କିଛିଦିନ ପରେ ଦୁଷ୍ଟଆତ୍ମାମାନେ ତପସ୍ୟାରେ ବିଘ୍ନ ସୃଷ୍ଟି କଲେ। ଏଥିରୁ ମୁକ୍ତି ପାଇଁ ମୁନିଋଷିମାନେ ନୃସିଂହ ସ୍ୱାମୀଙ୍କୁ ପ୍ରାର୍ଥନା କଲେ। ଶ୍ରୀବିଷ୍ଣୁ ନୃସିଂହ ସ୍ୱରୂପରେ ଦର୍ଶନ ଦେଇ ଦୁଷ୍ଟଆତ୍ମାଙ୍କ ବିନାଶ କଲେ ଏବଂ ତାଙ୍କ ପାଦରୁ କ୍ଷରଣ ହେଉଥିବା ପବିତ୍ର ଜଳରେ ପାହାଡ଼ର କୁଣ୍ଡ ଜଳମଗ୍ନ ହୋଇଥିଲା। ଏହାପରେ ସ୍ୱୟଂଭୂ ଶାଳଗ୍ରାମଙ୍କର ଦର୍ଶନ ମିଳିଥିଲା। କ୍ଷେତ୍ରରକ୍ଷକ ଭାବେ ଏଠାରେ ଶ୍ରୀବିଷ୍ଣୁଙ୍କୁ 'ଅଞ୍ଜନେୟ ସ୍ୱାମୀ' ଭାବେ ପୂଜା କରାଯାଉଛି। କୁଣ୍ଡର ନାମ ହେଉଛି 'ନାମୁଲୁ ଗୁଣ୍ଡମ'। ସମୁଦ୍ର ପତ୍ତନଠାରୁ ୩ ହଜାର ଫୁଟ ଉପରେ ଥିବା ଏହି କୁଣ୍ଡର ଜଳ କେବେ ମଧ୍ୟ ଶୁଖେନାହିଁ, ଯାହାକି ବେଶ୍ ରହସ୍ୟମୟ। ଅଭିଷେକ, ପୂଜା ଏବଂ ତୀର୍ଥ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ପ୍ରଥମେ ଏହି କୁଣ୍ଡରେ ଥିବା ମାଛମାନଙ୍କୁ ଦର୍ଶନ କରିଥା'ନ୍ତି, ଯାହାକୁ 'ଭେମୁଲାକୋଣ୍ଡା' କୁହାଯାଏ। ବିଶ୍ୱାସ ରହିଛି ଯେ, ଏହି ମାଛମାନେ ସ୍ୱୟଂ ନାରାୟଣଙ୍କ ସ୍ୱରୂପ ଭାବେ ଏଠାରେ ରହିଛନ୍ତି। ଅଲୌକିକ ଭାବେ ପ୍ରତ୍ୟେକ ମାଛର ମୁଣ୍ଡରେ ବିଷ୍ଣୁତିଳକ ବା ଉର୍ଦ୍ଧ୍ୱପୁଣ୍ଡ୍ରର ଚିହ୍ନ ରହିଛି। ତେଣୁ ଏହି ମାଛମାନଙ୍କୁ 'ବିଷ୍ଣୁ ମାଛ' ବୋଲି କୁହାଯାଏ। କୁଣ୍ଡ ନିକଟରେ ହିଁ ମନ୍ଦିରଟି ଅଛି। ତେଣୁ ଶ୍ରୀବିଷ୍ଣୁ ଏଠାରେ ଉଭୟ ନୃସିଂହ ଓ ମତ୍ସ୍ୟ ଅବତାରରେ ପୂଜା ପାଇ ଆସୁଛନ୍ତି।

ମନ୍ଦିର ପରିସରରେ ଥିବା ଗୋଟିଏ ଆମ୍ବଗଛକୁ 'ଅକ୍ଷୟବୃକ୍ଷ' ବୋଲି କୁହାଯାଉଛି। ବିଶ୍ୱାସ ରହିଛି ଯେ, ପୁଷ୍କରିଣୀରେ ସ୍ନାନ କରି ମନ୍ଦିରରେ ବିଧିବିଧାନର ସହ ପୂଜାର୍ଚ୍ଚନା କରିବା ଏବଂ ବିଷ୍ଣୁମାଛକୁ ଦର୍ଶନ କରିବା ପରେ ଅକ୍ଷୟବୃକ୍ଷରେ ସମ୍ପୂର୍ଣ୍ଣ କତା ଛଡ଼ା ଯାଇଥିବା ନଡ଼ିଆକୁ ଭାଙ୍ଗିବା ଦ୍ୱାରା ନିଃସନ୍ତାନ ଦମ୍ପତି ଉତ୍ତମ ସନ୍ତାନ ପ୍ରାପ୍ତ କରିଥା'ନ୍ତି। ଏହାବ୍ୟତୀତ ଶ୍ରାବଣ, ଭାଦ୍ରବ ଓ କାର୍ତ୍ତିକ ମାସରେ ଲକ୍ଷ୍ମୀନୃସିଂହ ସ୍ୱାମୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଥିବାରୁ ଏଠାରେ ଅଧିକ ଜନଗହଳି ଦେଖାଯାଏ। ସାଧାରଣ ଦିନ ଅପେକ୍ଷା ଶନିବାର, ରବିବାର, ପଞ୍ଚମୀ, ସପ୍ତମୀ ଓ ଦଶମୀ ତିଥିରେ ମନ୍ଦିରକୁ ଅଧିକ ଭକ୍ତ ଆସିଥା'ନ୍ତି। ଏହି ଦିନମାନଙ୍କରେ ଲକ୍ଷ୍ମୀ-ନୃସିଂହ ସ୍ୱାମୀଙ୍କ ପୂଜାର୍ଚ୍ଚନା କଲେ ରୋଗବ୍ୟାଧି ଦୂର ହୁଏ, ଦୁଷ୍ଟଆତ୍ମା ଓ ଶତ୍ରୁ ସଂହାର ହୁଏ ଏବଂ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ। କୁଣ୍ଡର ଜଳ ଦୈବୀଶକ୍ତିରେ ପରିପୂର୍ଣ୍ଣ ହୋଇଥିବାରୁ ଏହାକୁ ସେବନ କରିବା ଦ୍ୱାରା ରୋଗବ୍ୟାଧି ଦୂର ହେବା ସହିତ ଜମିରେ କିଛିବୁନ୍ଦା ପକାଇବା ଦ୍ୱାରା ଭଲ ଫସଲ ଅମଳ ହୋଇଥାଏ ବୋଲି ଦୃଢ଼ ବିଶ୍ୱାସ ରହିଛି।

ଦକ୍ଷିଣ ବେଙ୍ଗାଲୁରୁର ରାଜରାଜେଶ୍ୱର ନଗର ନିକଟସ୍ଥ 'ଓଁକାର ହିଲ୍‌ସ'ରେ ଓଁକାର ଆଶ୍ରମ ପରିସରରେ ଅବସ୍ଥିତ 'ମତ୍ସ୍ୟ ନାରାୟଣ ସ୍ୱାମୀ' ମନ୍ଦିର ମଧ୍ୟ ମତ୍ସ୍ୟ ପୂଜନର ଅନନ୍ୟ ପବିତ୍ର ପୀଠ। କର୍ଣ୍ଣାଟକର ଏହି ଏକମାତ୍ର ବିଷ୍ଣୁମନ୍ଦିର ଭଗବାନ ଶ୍ରୀବିଷ୍ଣୁଙ୍କର ପ୍ରଥମ ଅବତାର(ମୀନ) ସ୍ୱରୂପକୁ ସମର୍ପିତ। ଏହି ମନ୍ଦିରରେ ପୂଜା ପାଉଥିବା ବିଷ୍ଣୁ ପ୍ରତିମାଙ୍କ ଊର୍ଦ୍ଧ୍ୱ ଶରୀର ଚତୁର୍ଭୁଜ ଏବଂ ନିମ୍ନ ଶରୀର ମୀନ ରୂପରେ ବିଦ୍ୟମାନ। ପ୍ରତିବର୍ଷ ଚୈତ୍ର ଶୁକ୍ଳ ପକ୍ଷ ତୃତୀୟା(ମାର୍ଚ୍ଚ-ଏପ୍ରିଲ୍)ରେ ପାଳନ କରାଯାଉଥିବା 'ମତ୍ସ୍ୟ ଜୟନ୍ତୀ' ମନ୍ଦିରର ମୁଖ୍ୟ ଉତ୍ସବ।

ମତ୍ସ୍ୟ ଅବତାରଙ୍କୁ ସମର୍ପିତ ଅନ୍ୟଏକ ମନ୍ଦିର ହେଉଛି ଚେନ୍ନାଇର ଉଠାଣ୍ଡି ସମୁଦ୍ର ତଟରେ ମଣିମୟ ସ୍ତମ୍ଭ ପରିବେଷ୍ଟିତ ସ୍ଥାନରେ ଅବସ୍ଥିତ 'ମୀନ ଅବତାର' ମନ୍ଦିର। ଦଶ ଏକର ପରିବ୍ୟାପ୍ତ ଏହି ମନ୍ଦିରଟି ଚିନ୍ମୟ ମିଶନ ଦ୍ୱାରା ୨୦୧୫ ମସିହାରେ ପ୍ରତିଷ୍ଠା କରାଯାଇଛି। ଆଚାର୍ଯ୍ୟ ଚିନ୍ମୟାନନ୍ଦଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଗୁରୁ ତେଜୋମୟାନନ୍ଦ ଜୀ ଏହାର ଉଦଘାଟନ କରିଥିଲେ। ଏହି ସ୍ଥାନଟିରେ ଭଗବାନ ମୀନ ଅବତାରଙ୍କ ବିଗ୍ରହ ସ୍ଥାପନ କରି ପୂଜା କରାଯାଉଛି। ପ୍ରଳୟ ଜଳରୁ ବୈବଶ୍ୱତ ମନ୍ୱନ୍ତରରେ ରାଜା ସତ୍ୟବ୍ରତ ଉଦ୍ଧାର କରିଥିବା ନୂତନ ସୃଷ୍ଟିର ବୀଜ ଉପାଦାନଗୁଡ଼ିକୁ ଏକ ନୌକାରେ ଧରି ଅସହାୟ ଭାବରେ ଶ୍ରୀବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀବିଷ୍ଣୁ ତାଙ୍କର ପ୍ରାର୍ଥନା ଶୁଣିବା ପରେ ମୀନ ଅବତାରରେ ପ୍ରକଟ ହୋଇ ତାଙ୍କୁ ପ୍ରଳୟ ଜଳରୁ ଉଦ୍ଧାର କରିଥିବାର କାହାଣୀ ଏହି ମନ୍ଦିର ସହିତ ଜଡ଼ିତ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ**

# ଦକ୍ଷତା ଦେଖାଇଲେ ୨୬୦ ପ୍ରତିଯୋଗୀ

**ବୀରମହାରାଜପୁର, ୨୪।୯ (ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଛି। ଅମରପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ସ୍ଥାନୀୟ ହାଇସ୍କୁଲର ସ୍କୁଲ ପରିଚାଳନା କମିଟିର ସଭାପତି ଅଶୋକ ସାହୁ, ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, ସ୍ୱେଚ୍ଛାସେବୀ ନିର୍ମଳ ଚନ୍ଦ୍ର ସାହୁ, ବୀରମହାରାଜପୁର ବିଦ୍ୟାଳୟ କ୍ରୀଡ଼ା ସମୂହ ବ୍ଲକ ସମ୍ପାଦକ ରଞ୍ଜିତ ପଧାନ, ସୁବଳୟା ହାଇସ୍କୁଲ ଖେଳ ଶିକ୍ଷକ ପ୍ରଦୀପ ମହାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଅଭିଷେକ ଭୁଏ, ବହଳପଦର କ୍ଲଷ୍ଟରର ସିଆରସିସି କମ୍ପୁ ପ୍ରଧାନ ଓ ମୁର୍ଷୁଣ୍ଡୀ କ୍ଲଷ୍ଟର ସିଆରସିସି ପ୍ରମୋଦ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଖେଳ ଶିକ୍ଷକ କହ୍ନେଇ ଚରଣ ପ୍ରଧାନ କ୍ରୀଡ଼ା ବିବରଣୀ ପ୍ରଦାନ କରିଥିଲେ। ବହଳପଦର ୟୁପି ସ୍କୁଲର ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିବା ବେଳେ ଶ୍ୟାମ ସୁନ୍ଦର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ବ୍ଲକର ୪ଟି ଜୋନରୁ ପ୍ରାୟ ୨୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଭୟ ବାଳିକା ଓ ବାଳକ ବର୍ଗରେ ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବିଭାଗରେ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସର୍ଟ ପୁଟ ଥ୍ରୋ, ଡିସ୍କସ ଥ୍ରୋ, ଜେଭେଲିଙ୍ଗ ଥ୍ରୋ ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରତି ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରାୟ ୪୦ ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତାକୁ ଚୟନ ହୋଇଥିଲେ। ଶୁକ୍ରବାର ଉଭୟ ବାଳିକା ଓ ବାଳକ ବର୍ଗରେ ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବିଭାଗର ଖୋଖୋ, ଫୁଟବଲ୍ ଓ କବାଡି ପ୍ରତିଯୋଗୀ ହେବ। ଖେଳ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ, ରେଖାଚନ୍ଦ୍ର ମେହେର, ପରମେଶ୍ୱର ପଣ୍ଡା, ବିପ୍ରଚରଣ ପେରା, କଳିମ ମହମ୍ମଦ, ଉପେନ୍ଦ୍ର ସାହୁ, ପ୍ରତିଭା ଭୋଇ, ଇନ୍ଦ୍ରଜିତ ଦାସ, ଦୀନବନ୍ଧୁ ଛିଚୁହାନ, ଶକ୍ତି କିଶୋର ସାମନ୍ତରା, ଶେଷଦେବ ପ୍ରଧାନ, ରାଜ କମଲ ସିଂ ବାବୁ, ଆନନ୍ଦିନୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



# ବାଇକ୍ ଚୋରିବେଳେ ଧରାପଡ଼ିଲେ ମାମୁ-ଭଣଜା

**ମନମୁଣ୍ଡା, ୨୪।୯ (ସମିସ):** ପଲସାଗୋରା ଏଟିଏମ ପାଖରୁ ଏକ ବାଇକ୍ ଚୋରି କଲାବେଳେ ୨ ଜଣ ବ୍ୟକ୍ତି ଧାରା ପଡ଼ିଛନ୍ତି। ଅଭିଯୁକ୍ତ ଦୁଇ ଜଣ କଣ୍ଟାମାଲ ଥାନା ବରଗାଁ ପଞ୍ଚାୟତ ମହିବିଲା ଗ୍ରାମର ପ୍ରଦୀପ ନାୟକ ଓ ତାରାକାନ୍ତ ଭୋଇ। ଲୋକେ ଏମାନଙ୍କ ଧରିବା ପରେ ପୁଲିସ ଜିମା ଦେଇଛନ୍ତି। ତେବେ ସମ୍ପର୍କରେ ସେ ଦୁଇ ଜଣ ମାମୁଁ-ଭଣଜା। ଆଗରୁ ସେମାନେ ଅନେକ ବାଇକ ଚୋରି କରିଛନ୍ତି। ଚୋରି କରିବା ପୂର୍ବରୁ ପ୍ରଦୀପକୁ ତାରାକାନ୍ତ ୧୦ ହଜାର ଟଙ୍କା ଦେଉଥିବା ପ୍ରଦୀପ ନିଜେ ଲୋକମାନଙ୍କ ଆଗରେ କହଛନ୍ତି। ଏ ନେଇ ଭିଡିଓ ଭାଇରାଲ ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଅଧିକ ତଦନ୍ତ କରିବା ପୂର୍ବକ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଚିରଞ୍ଜିବି ବେହେରା କହିଛନ୍ତି।



# ହାତୀ ଆକ୍ରମଣରେ ଜଣେ ମୃତ

**କେସିଙ୍ଗା, ୨୪।୯ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଶିରୋଲ ପଞ୍ଚାୟତର ପୋଡ଼ଖମ ଅଞ୍ଚଳର ଅକୁର ହେରନା ନାମକ ବ୍ୟକ୍ତି ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। କେଉଁ ପରିସ୍ଥିତିରେ କିପରି ହାତୀ ଆକ୍ରମଣର ଶିକାର ହେଲେ କୌଣସି ଖବର ମିଳିପାରି ନାହିଁ। ରାତ୍ର ୧୦ ଟା ପର୍ଯ୍ୟନ୍ତ ବନ ବିଭାଗ ପାଖରେ ଖବର ପହଞ୍ଚି ଥିଲେ ମଧ ତୁହାକୁ ତୁହା ବର୍ଷା ଯୋଗୁଁ ଖବର ଲେଖା ହେବା ପର୍ଯ୍ୟନ୍ତ ବନ ବିଭାଗ ଟିମ ବାହାରି ଥିଲେ ମଧ ଘଟଣା ସ୍ଥଳରେ ପହଞ୍ଚି ନ ଥିଲେ। ଗ୍ରାମବାସୀ ଶବକୁ ଜଗି ରହିଥିବା ସୂଚନା ମିଳିଛି।

# ଆଇନଜୀବୀ ଏସ୍ ଜଗନ୍ନାଥ ରାଓଙ୍କ ସ୍ମୃତିଚାରଣ

**କଣ୍ଟାବାଞ୍ଜି, ୨୪।୯ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଓକିଲ ସଙ୍ଘ ପକ୍ଷରୁ ବରିଷ୍ଠ ଆଇନଜୀବୀମାନେ ଏସ୍ ଜଗନ୍ନାଥ ରାଓଙ୍କ ସ୍ମୃତିଚାରଣ କରାଯାଇଛି। ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଘର ସଭାପତି ପ୍ରଫୁଲ୍ଲ ନାୟକ ଅଧକ୍ଷତା କରିଥିଲେ। ସଂଘର ସମ୍ପାଦକ ମନୋଜ ଦାସଙ୍କ ସହ ସମସ୍ତ ଓକିଲ ଯୋଗଦେଇ ଶ୍ରୀ ରାଓଙ୍କ ସ୍ମୃତିଚାରଣ କରିଥିଲେ।

# ଜାତୀୟ ଖେଳ ଦିବସ

**କଣ୍ଟାମାଲ, ୨୪।୯ (ସମସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ଖେଳ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ, ଶୃଙ୍ଖଳା, ଶାରୀରିକ ସୁସ୍ଥତା ଓ ଦଳଗତ ମନୋଭାବ ବିକାଶ କରିବାରେ ବିଦ୍ୟାଳୟର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନୁଷ୍ଠାନରେ ଅଧକ୍ଷ ବିଶ୍ୱେଶ୍ୱର ପାଣିଗ୍ରାହୀ ଜାତୀୟ ଖେଳ ଦିବସର ଉଦ୍ଦେଶ୍ୟ ଓ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ସୁଶ୍ରୀ କବିତା ପୋଡ଼ କ୍ରୀଡ଼ା ଓ ଶିକ୍ଷାର ସମନ୍ୱୟ ସହ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟରେ କ୍ରୀଡ଼ା କାର୍ଯ୍ୟକ୍ରମ ଓ ସୁସ୍ଥ ପ୍ରତିଯୋଗିତାମୂଳକ ପରିବେଶ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି ସହ ନେତୃତ୍ୱ ଗୁଣ ଓ ଶୃଙ୍ଖଳାବୋଧ ବିକାଶରେ ସହାୟକ ହୋଇଥାଏ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅଧ୍ୟାପକ ରୋଜି ନାୟକ, ସୁଶୀଳ କୁଦାର, ନାରାୟଣ ପ୍ରଧାନ ଓ ଦେବସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେବା ଯୋଜନାର ଅଧିକାରିଣୀ ସୁଶ୍ରୀ ପ୍ରଜ୍ଞା ପରିମିତା ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

# ଜାତୀୟ ସେବା ଯୋଜନା ଦିବସ

**ମନମୁଣ୍ଡା, ୨୪।୯ (ସମିସ):** ଶଗଡ଼ା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ (ଏନଏନଏସ ଡେ )ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ୟୁଥ ରେଡ଼କ୍ରସ ସଂଯୋଜକ ସୁଶୀଲ ପ୍ରଧାନ, ପୂର୍ବତନ ଏନଏନଏନ ପ୍ରୋଗ୍ରାମ ଅଫିସର ବିଭୁତି ଭୂଷଣ ବାରିକ ଯୋଗ ଦେଇଥିଲେ। ଏନଏନଏସ ପ୍ରୋଗ୍ରାମ ଅଫିସର ଶେଷଦେବ ପର୍ଡ଼ିଆ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ବିଭୀଷଣ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସେବା ଯୋଜନାର ପ୍ରତିଷ୍ଠା, ଲକ୍ଷ୍ୟ, ସ୍ୱେଚ୍ଛାସେବୀମାନଙ୍କ ସମାଜ ପ୍ରତି କର୍ତ୍ତବ୍ୟ ବିଷୟରେ ଅତିଥିମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, କର୍ମଚାରୀ ଅଂଶଗ୍ରହଣ କରିଥିଲେ।




ବୀରମହାରାଜପୁର: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଦେବାଶିଷ ପଧାନ ମୁଖ୍ୟଅତିଥି, ଡ. ଶିଶିର ବଣିଆ ମୁଖ୍ୟବକ୍ତା, ଅଧ୍ୟାପକ ନରେନ୍ଦ୍ର ଝା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଯାମିନୀ ଦାଶ ସଭା ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଦ୍‌ରୁ ଓହରିଲେ ମୁଣ୍ଡାପଡ଼ା ୟୁପି ସ୍କୁଲର ଅଭିଭାବକ

**ଜହ୍ନାପଙ୍କ, ୨୪।୯ (ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ କମିଟି ଓ ଅଭିଭାବକଙ୍କ ପକ୍ଷରୁ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବିରେ ଚାଲିଥିବା ଆନ୍ଦୋଳନର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଗୁରୁବାର ମଧ୍ୟ ଶିକ୍ଷାଦାନ ଆରମ୍ଭ ହେବା ପୂର୍ବରୁ ବିଦ୍ୟାଳୟ ଫାଟକରେ ତାଲା ପକାଇ ଅଭିଭାବକମାନେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ବିଦ୍ୟାଳୟ ପରିସରକୁ ଛାଡ଼ି ନ ଥିଲେ। ଖବର ପାଇ ବଘିଆପଡ଼ା ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ପହଞ୍ଚି ଆନ୍ଦୋଳନକାରୀ ଅଭିଭାବକଙ୍କୁ ବୁଝାଇଥିଲେ। ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଡକାଇ ଅଭିଭାବକମାନଙ୍କ ଦାବି ଉପରେ ଆଲୋଚନା ହେବ ବୋଲି ଶ୍ରୀ ପ୍ରଧାନ କହିବା ପରେ ଆନ୍ଦୋଳନରତ ଅଭିଭାବକ ଫାଟକ ଖୋଲିଥିଲେ। ମାତ୍ର ୯ ମାସ ଚାକିରି ଥିବା ଓ ୨ ଦିନ ତଳେ ଲେଭେଲ୍ ୩ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ପାଇଥିବା ଜଣେ ପ୍ରଧାନ ଶିକ୍ଷକଙ୍କୁ ଏଠାରେ ନିଯୁକ୍ତ କରାଯାଇଥିବାରୁ ଅଭିଭାବକମାନେ ବିରୋଧ କରିଛନ୍ତି। ଅତି କମରେ ୩ ବର୍ଷ ଚାକିରି ଥିବା ଜଣେ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତ କରିବାକୁ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦାବି କରି ଆସୁଛନ୍ତି। ତେବେ ଏଠାରେ ଜଣେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। କିଛି ଦିନ ପରେ ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ପାଇଲା ପରେ ଅଭିଭାବକମାନେ ଆନ୍ଦୋଳନରୁ ଓହରି ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




**ହରଭଙ୍ଗା, ୨୪।୯ (ସମିସ):** ଚାରିଛକସ୍ଥିତ ହରଭଙ୍ଗା ବ୍ଲକ କାର୍ଯ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅମିତାଭ ଦାସ ଏବଂ ହରଭଙ୍ଗା ବିଡିଓ କର୍ଣ୍ଣ ସୁନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୧୧୮ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜୀକୃତ ହୋଇଥିଲେ। ୨ ଜଣଙ୍କୁ ହ୍ୱିଲ୍‌ଚେୟାର, ୧୮ ଜଣଙ୍କୁ ଭତ୍ତା, ୩୩ ଜଣଙ୍କ ନୂତନ ୟୁଡିଆଇଡି କାର୍ଡ/ ପ୍ରମାଣପତ୍ର ପାଇଁ ପଞ୍ଜୀକରଣ ଏବଂ ୭ ଜଣଙ୍କୁ ବସ୍ ପାସ୍ ପ୍ରଦାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଷାନଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା।

**ବେଆଇନ ସିମ୍ କାର୍ଡ ରାକେଟ ପର୍ଦ୍ଦାଫାସ୍**

# କୁଖ୍ୟାତ ଜାମ୍‌ତାରା ସାଇବର ଠକଙ୍କୁ ବିକ୍ରି କରୁଥିଲେ ସିମ୍

**ମହିଳାଙ୍କ ସମେତ ୩ ଗିରଫ**

**ସମ୍ବଲପୁର, ୨୪।୯ (ସମିସ):** ସମ୍ବଲପୁର ସାଇବର ପୁଲିସକୁ ବଡ଼ ସଫଳତା। ବେଆଇନ ସିମ୍‌କାର୍ଡ ରାକେଟର ପର୍ଦ୍ଦାଫାସ କରିଛି ପୁଲିସ। ଗ୍ରାହକଙ୍କ ନାମରେ ଜାଲିଆତି କରି ବେଆଇନ ଭାବେ ଅତିରିକ୍ତ ସିମକାର୍ଡ ଉଠାଇ ସାଇବର ଠକଙ୍କୁ ବିକ୍ରି କରୁଥିଲେ। ଏହି ଘଟଣାରେ ପୁଲିସ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧମା ଥାନା ପାଞ୍ଚପୁଟର ସୁରଜ ବାଗ(୨୪) ଓ ଧନୁପାଲି ଥାନା ମୋତିଝରଣର ଶେଖ ପରୱେଜ(୩୨)। ମହିଳା ଜଣକ ହେଉଛନ୍ତି ହୀରାକୁଦ ଥାନା ସଙ୍ଘପାଲିର ମାଳିତି ଓରାମ ଓରଫ ମାଳ(୨୯)। ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତମାନେ ବିଗତ ଏକ ବର୍ଷ ଧରି ପିଓଏସ୍ ସୁବିଧା ଏବଂ ଗ୍ଲୋବାଲ ଆଇଡିର ଅପବ୍ୟବହାର କରି ଆସୁଥିଲେ। ଦୋକାନକୁ ସିମ୍ କିଣିବାକୁ ଆସୁଥିବା ଲୋକଙ୍କ ଡକ୍ୟୁମେଣ୍ଟକୁ ବ୍ୟବହାର କରି ଗୋଟିଏ ବଦଳରେ ଅନେକ ଅତିରିକ୍ତ ସିମ୍ ବାହାର କରୁଥିଲେ। ଗ୍ରାହକଙ୍କୁ ମୂଳ ସିମ୍ ଦେବାପରେ ବଳକା ସିମ୍‌ଗୁଡ଼ିକୁ ନିଜ ପାଖରେ ରଖି ବେଆଇନ ଭାବେ ତୃତୀୟ ପକ୍ଷଙ୍କୁ ବିକ୍ରି କରୁଥିଲେ। ଏହି ଅତିରିକ୍ତ ସିମ୍ କାର୍ଡ଼ଗୁଡ଼ିକ ଶେଖ ପରୱେଜ୍ ଜରିଆରେ ଝାଡ଼ଖଣ୍ଡର କୁଖ୍ୟାତ ଜାମତାରା ସାଇବର ଅପରାଧୀଙ୍କ ନିକଟକୁ ପଠାଯାଉଥିଲା। ସେଥିରୁ ମିଳୁଥିବା ମୋଟା ଅଙ୍କର ଟଙ୍କାକୁ ଅଭିଯୁକ୍ତମାନେ ଭାଗ ବାଣ୍ଟି ନେଉଥିଲେ। ପୁଲିସ ସେମାନଙ୍କ ନିକଟରୁ ୧୨୦ଟି ସିଲ୍ ହୋଇଥିବା ଏୟାରଟେଲ୍ ବ୍ଲାଙ୍କ୍ ସିମ୍ କାର୍ଡ଼, ୪ଟି ମୋବାଇଲ୍, ୩ଟି ବ୍ୟାଙ୍କ ପାସବୁକ୍ ଓ ୧ଟି ଚେକ୍ ବୁକ ସମେତ ଅନ୍ୟାନ ସାମଗ୍ରୀ ଜବତ କରିଛି।

**ଅବ୍ୟବସ୍ଥାରେ ଗୋଡାଳ ନୋଡାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

# ସ୍କୁଲରେ ପଶିଲା ପାଣି

**ସିନାପାଲି, ୨୪।୯ (ସମିସ):** ଶିଶୁଙ୍କ ଭବିଷ୍ୟତ ନିର୍ମାଣ ଓ ସ୍କୁଲର ଉନ୍ନତୀକରଣ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି ସତ କିନ୍ତୁ ବାସ୍ତବରେ ସ୍ଥିତି କିଛି ଅଲଗା। ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଗୋଡାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୫୯ ମସିହାରେ ସ୍ଥାପିତ ହୋଇଥିଲା। ଏଠାରେ ସର୍ବମୋଟ ୩୪୦ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରିଥାନ୍ତି। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ରହିଛି। ଆଜକୁ ଦୀର୍ଘ ବର୍ଷ ହେଲା ଏହି ସ୍କୁଲରେ ପ୍ରତି ବର୍ଷ ବର୍ଷା ଋତୁରେ ପାଣି ଜମିରହିଥାଏ। କ୍ଷଶିକ୍ଷକମାନେ ଉପର ଅଧିକାରୀ ମାନଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏହି ବିଦ୍ୟାଳୟଟି ପଞ୍ଚାୟତ କାର୍ଯ୍ୟାଳୟ କୁ ଲାଗି ରହିଛି। ବର୍ଷା ହେବା ଯୋଗୁଁ ଦୁଇଟି କୋଠରୀରେ ପାଣି ଜମିରହିଛି। ଏପରିକି ସ୍କୁଲ ବାହାରେ ବର୍ଷା ପାଣି ଜମା ହୋଇ କୋଠରୀ କୁ ପ୍ରବେଶ କରୁଥିବା ବେଳେ ପରିସ୍ଥିତି କାଦୁଅ ହୋଇ ପଡୁଛି। ଉପର ଛାତରୁ କଂକ୍ରିଟ ଅତଡ଼ା ଖସିବା ସହ ପାଣି ଗଳୁଛି। ବିଦ୍ୟାଳୟ ରେ ୮ଟି ଶ୍ରେଣୀର ଆବଶ୍ୟକ ଥିବାବେଳେ ୭ଟି ଶ୍ରେଣୀ ରହିଛି। ଏଥି ମଧ୍ୟରୁ ଦୁଇଟି ଶ୍ରେଣୀ କୋଠରିରୁ ପାଣି ଝରୁ ଥିବାବେଳେ ବାହାର ପାଣି ପ୍ରବେଶ କରୁଛି। ଯାହା ଫଳରେ ବାରଣ୍ଡାରେ ଛାତ୍ରଛାତ୍ରୀଙ୍କୁ ବସାଇ ପାଠ ପଢ଼ାଇବାରେ ଅସୁବିଧା ହେଉଛି ବୋଲି ବିଦ୍ୟାଳୟ ଶିକ୍ଷକମାନେ ପ୍ରକାଶ କରିଛନ୍ତି। ଏଦିଗରେ ପ୍ରଶାସନ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ଅଭିଭାବକ ତଥା ଜନସାଧାରଣ ପ୍ରକାଶ କରିଛନ୍ତି। ଏ ଦିଗରେ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ମନମୁଣ୍ଡାରେ ବ୍ଲକ୍‌ସ୍ତରୀୟ ସେବା ସଂକଳ୍ପ ଅଭିଯାନ



**ମନମୁଣ୍ଡା, ୨୪।୯ (ସମିସ):** ସ୍ଥାନୀୟ ସରକାରୀ ମଧ ଇଂରାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନମୁଣ୍ଡା ସିଆରସିସି ପ୍ରଜୀନା ପାଢ଼ୀଙ୍କ ଅଧକ୍ଷତା କରିଥିଲେ। ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସେଠି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତଥା ଦମାମୁଣ୍ଡା ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନୀତା ମେହେର ବିକଶିତ ଭାରତ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇ କହିଥିଲେ। ସିଆରସିସି ବିଭୀଷଣ ହୋତା, ସଞ୍ଜୟ ଜଗଦଲା, ମନୋରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ରୀନାରାଣୀ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୁଣାକଟକରେ ଶିଶୁ ସୁରକ୍ଷା କମିଟି ବୈଠକ

**ହରଭଙ୍ଗା, ୨୪।୯ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟରେ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ ପ୍ରକଳ୍ପ ଅଧୀନରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଏକ ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ, ଆଶା, ଅଙ୍ଗନବାଡି, ୱାର୍ଡ ସଭ୍ୟ, କିଶୋରୀ ବାଳିକା, ଏସଏଚଜି ମା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ବୈଠକରେ ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ ସହାୟକ ନରେଶ ମହାକୁଡ଼ ପରିଚାଳନା କରିଥିଲେ। ବୈଠକରେ ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ, ବାଲ୍ୟ ବିବାହର କୁପରିଣାମ ଓ ଆଇନଗତ ଦଣ୍ଡବିଧାନ, ଶିଶୁଙ୍କ ଅଧିକାର, ଶିଶୁ ଚାଲାଣ ନିରୋଧ, ଶିଶୁ ଶ୍ରମିକ ସମସ୍ୟା, ଶିଶୁ ଯୌନ ନିର୍ଯାତନା ଓ ସମ୍ପର୍କିତ ଆଇନ, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଗଠନ, ଶିଶୁ ସୁରକ୍ଷା ପାଇଁ ଚାଇଲ୍ଡ ହେଲ୍ପଲାଇନ୍ ସେବା, ଶିଶୁମାନଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସହ ଗ୍ରାମବାସୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ କିପରି ସଂଯୋଗ କରାଯିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଗ୍ରାମବାସୀ ଶିଶୁ ସୁରକ୍ଷା କ୍ଷେତ୍ରରେ ସମାଜର ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ବାଲ୍ୟ ବିବାହ, ଶିଶୁ ଶ୍ରମ, ଶିଶୁ ଚାଲାଣ ଓ ଶିଶୁଙ୍କ ପ୍ରତି ହେଉଥିବା ହିଂସା ରୋକିବା ପାଇଁ ସମସ୍ତଙ୍କୁ ସଚେତନ ହୋଇ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।

# ଜଗନ୍ନାଥ ସଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭେଟ୍‌ଘାଟ୍




**କଣ୍ଟାବାଞ୍ଜି, ୨୪।୯ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଅଗ୍ରଣୀ ଅନୁଷ୍ଠାନ ଶ୍ରୀ ଶ୍ରୀ ଜଗନ୍ନାଥ ସଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ କବି ହଳଧର ନାଗ, ରାଜ୍ୟ ବିଜେପି ଉପସଭାପତି ଶିବାଜୀ ମହାନ୍ତି, ଜିଲ୍ଲା ସମ୍ପାଦକ ପୁରନ୍ଦର ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନୂଆଁଖାଇ ପର୍ବର ମହତ୍ତ୍ୱ, ଓଡ଼ିଆ ତଥା ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପରମ୍ପରା ଓ ଭାଇଚାରା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଅତିଥିମାନଙ୍କ ଅଭିଭାଷଣ ପରେ ଉପସ୍ଥିତ ସମସ୍ତେ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇ ଶୁଭେଚ୍ଛା ବିନିମୟ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୃତ୍ୟ ଓ ସଙ୍ଗୀତରେ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। କମିଟିର ବରିଷ୍ଠ ସଦସ୍ୟ ତଥା ବିଜେପି ଜିଲ୍ଲା ଉପସଭପତି ବେଦ ବ୍ୟାସ ନାଗ, ରାଜେନ୍ଦ୍ର ବେହେରା, ତପନ ବେହେରା, ପ୍ରକାଶ ପଧାନ, ମନୀଷ ଠାକୁର, ମନୋଜ ବେହେରା, ଟିକେଶ୍ୱର ବେହେରା, ବିକାଶ ବର୍ଗେ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

**ରେଳ ଅଣ୍ଡରପାସ୍ ରାସ୍ତାରେ ପାଣି**

# ୩ ମାସ ହେଲା ହଇରାଣ ହେଉଛନ୍ତି ଅଞ୍ଚଳବାସୀ

**କେସିଙ୍ଗା, ୨୪।୯ (ସମିସ)**

କେସିଙ୍ଗାବାସୀଙ୍କ ଦୁଃଖ ପାଲଟିଛି ରେଳ ଅଣ୍ଡରପାସ ରାସ୍ତା। ସମାଧାନ ହେବା ପରିବର୍ତ୍ତେ ବଢ଼ି ଚାଲିଛି ସମସ୍ୟା। ଅଞ୍ଚଳବାସୀ ଟ୍ରେନ୍ ଯିବା ସମୟରେ ଫାଟକ ପଡ଼ି ଘଣ୍ଟା ଘଣ୍ଟା ଅପେକ୍ଷାରୁ ମୁକୁଳିବା ପାଇଁ ଆନ୍ଦୋଳନ ଓ ଅନଶନ ପରେ ନିର୍ମିତ ରେଳଅଣ୍ଡର ରାସ୍ତା ବର୍ତ୍ତମାନ ଅଞ୍ଚଳବାସୀଙ୍କୁ ଦୁଃଖ ଦେଉଛି। ରେଳ ବିଭାଗ ଅଧୀନରେ ଥିବା ଉକ୍ତ ରାସ୍ତାରେ ଉତ୍ତମ ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଓ ୨୪ ଘଣ୍ଟା ଫାଟକ ବନ୍ଦ ପଡ଼ିଥିବାରୁ ବର୍ଷାଦିନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳ ବିଭାଗ ଓ ସମ୍ପୃକ୍ତ ଠିକା ସଂସ୍ଥାର ମଧୁଚନ୍ଦ୍ରିକା ଯୋଗୁଁ ବର୍ଷକୁ ତିନି ରୁ ଚାରିଥର ଉକ୍ତ ରାସ୍ତା ମରାମତି ହେଉଥିଲେ ମଧ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଓ ଦାଇତ୍ୱ ରେ ଥିବା ରେଳବିଭାଗ ର ଅଧିକାରୀ ଙ୍କ ମରାମତି ସମୟରେ ଅନୁପସ୍ଥିତି ଓ ଉପଯୁକ୍ତ ତଦାରଖ ହେଉନ ଥିବାରୁ ରାସ୍ତା ବାରମ୍ବାର ଖରାପ ହେଉଥିବା ଅଭିଯୋଗ ହେଉଥିଲେ ମଧ ରେଳ ବିଭାଗ ଚୁପ୍ ରହିଛି। ବର୍ତ୍ତମାନ ଅଣ୍ଡର ବ୍ରିଜ ରାସ୍ତା ସମ୍ମୁଖରେ କୃତ୍ରିମ ବନ୍ଧ ସୃଷ୍ଟି ହୋଇଛି। କାରଣ ଦୁଇ ଦିନ ତଳେ ବିଭାଗ ଓ ଠିକା ସଂସ୍ଥା ପକ୍ଷରୁ ରାସ୍ତା ମରାମତି ପାଇଁ ଖୋଳା ଖୋଳି ଚାଲିଥିଲା, ହେଲେ ବର୍ଷା ଦିନ ଯୋଗୁଁ ଖୋଳି ଥିବା ସ୍ଥାନରେ ପ୍ରାୟ ଦୁଇ ଫୁଟ ପାଣି ଜମା ହୋଇଛି। ଯାହାକି ନିଷ୍କାସିତ ହୋଇ ପାରୁନାହିଁ। ଅଣ୍ଡରବ୍ରିଜ ରାସ୍ତା ମରାମତି ପର୍ଯ୍ୟନ୍ତ ୨୪ ଘଣ୍ଟା ପଡ଼ିଥିବା ଫାଟକକୁ ଖୋଲି ଫାଟକ ଦେଇ ଗାଡ଼ିମଟର ଯିବା ଆସିବା ପାଇଁ ରାସ୍ତା ଦେବାକୁ ସାଧାରଣରେ ଦାବି ହେଉଛି।



# ହଷ୍ଟେଲ, ଆଶ୍ରମ, ଆଶ୍ରୟସ୍ଥଳ ଓ ଶିଶୁଯତ୍ନ ଅନୁଷ୍ଠାନ ଯାଞ୍ଚ ନିର୍ଦ୍ଦେଶ

ଦେବଗଡ଼, ୨୪।୯(ସମିସ)

ଦେବଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବିକାଶ ଭାବନାଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିଶୁମାନେ ରହୁଥିବା ସମସ୍ତ ହୋମ୍, ହଷ୍ଟେଲ, ଆଶ୍ରୟସ୍ଥଳ, ଆଶ୍ରମ, ଅନାଥାଶ୍ରମ ତଥା ଆବାସିକ ଗୃହ ଗୁଡିକର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରିବେକା ବିଲୁଙ୍ଗ, ଏସଡିପିଓ ରମେଶ ମାହାନା, ଜିଲ୍ଲା ଶିକ୍ଷା ଅଧିକାରୀ ଗେହା କୁଜୁର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପ୍ରଧାନ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସୁଷମା ମଞ୍ଜରୀ ମହାପାତ୍ର, ସଦସ୍ୟା ଗାୟତ୍ରୀ ଦ୍ୱିବେଦୀ, ନିର୍ଜନା ମାହାର, ସୁମିତ୍ରା ପୁରୋହିତ, ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ସିଡିପିଓ ଦେବିଦା ରାଉତରାୟ, ବ୍ଲକ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ଶ୍ରୀକେନ୍ଦ୍ରୀୟ ଛତ୍ରିଆ, ପ୍ରଫୁଲ୍ଲ କାଲୋ, ସୁରକ୍ଷା ଅଧିକାରୀ ପଙ୍କଜିନୀ ସାହୁ, ଜ୍ୟୋତ୍ସ୍ନା ତନ୍ତି, ଲିଗାଲ ପ୍ରବେଶନ ଅଫିସର ସୁଧୀର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଅଧିକାରୀ ଓ ପୁଲିସକୁ ନେଇ ବ୍ଲକ ଓ ଜିଲ୍ଲାସ୍ତରୀୟ ଯାଞ୍ଚ କମିଟି ଗଠିତ ହୋଇଛି। ସରକାରୀ, ସରକାରୀ-ସାହାଯ୍ୟପ୍ରାପ୍ତ, ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଟ୍ରଷ୍ଟ, ଧାର୍ମିକ କିମ୍ବା ଚାରିଟେବୁଲ ସଂସ୍ଥା ଦ୍ୱାରା ପରିଚାଳିତ ଶିଶୁମାନଙ୍କୁ ରଖୁଥିବା ସମସ୍ତ ହୋମ୍, ହଷ୍ଟେଲ, ଆଶ୍ରୟସ୍ଥଳ,




ଆଶ୍ରମ, ଅନାଥାଶ୍ରମ କିମ୍ବା ଆବାସିକ ଗୃହ ଗୁଡିକର ସୁରକ୍ଷା ବ୍ୟବସ୍ଥା ତୁରନ୍ତ ଯାଞ୍ଚ କରାଯିବ। ଆବାସିକ ଯତ୍ନରେ ଥିବା ପ୍ରତ୍ୟେକ ଶିଶୁର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରବେଶ ଓ ପ୍ରସ୍ଥାନ ନିୟନ୍ତ୍ରଣ, ରାତ୍ରିକାଳୀନ ତଦାରଖ, ଆଲୋକ ବ୍ୟବସ୍ଥା ଏବଂ ହେଲ୍ପଲାଇନ୍ ପ୍ରକ୍ରିୟାର ଯାଞ୍ଚ କରାଯିବ। ପୁରୁଷ କର୍ମଚାରୀଙ୍କ ସ୍ଥାନରେ ଯଥାସମ୍ଭବ ମହିଳା କର୍ମଚାରୀ ନିଯୁକ୍ତ ନିଶ୍ଚିତ କରାଯିବ। ଝିଅମାନେ ରହୁଥିବା ଅନୁଷ୍ଠାନରେ ଏହା ବାଧ୍ୟତାମୂଳକ ହେବ। ସମସ୍ତ କର୍ମଚାରୀ (ଚୁକ୍ତିଭିତ୍ତିକ, ଅଂଶକାଳୀନ, ରୋଷେୟା, ସୁରକ୍ଷା କର୍ମୀ)ଙ୍କ ପୁଲିସ ଭେରିଫିକେସନ୍ ବାଧ୍ୟତାମୂଳକ କରାଯିବ। ଏହି ରେକର୍ଡ ଜିଲ୍ଲା ପ୍ରଶାସନ ପାଖରେ ରହିବ। ନିୟମିତ ଅପଡେଟ୍ ହେବ। କୌଣସି କର୍ମଚାରୀଙ୍କ ବିରୋଧରେ ଆପତ୍ତିଜନକ ତଥ୍ୟ ମିଳିଲେ ତାଙ୍କୁ ତୁରନ୍ତ ଶିଶୁମାନଙ୍କ ସଂସ୍ପର୍ଶରୁ ହଟାଯିବ। ବେସରକାରୀ ଶିକ୍ଷା ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଥିବା ହଷ୍ଟେଲଗୁଡିକ ଜାତୀୟ ଶିଶୁ ସୁରକ୍ଷା ଆୟୋଗଙ୍କ ଷ୍ଟାଣ୍ଡ ଆଲୋନ ହଷ୍ଟେଲ ମାର୍ଗଦର୍ଶିକା ଅନୁଯାୟୀ ଓ ଅନାଥ ଆଶ୍ରମଗୁଡିକ କିଶୋର ନ୍ୟାୟ ଅଧିନିୟମ ଅନୁଯାୟୀ ପଞ୍ଜିକୃତ ହେବା ବାଧ୍ୟତାମୂଳକ। ବିନା ପଞ୍ଜୀକରଣରେ ଚାଲିଥିବା ଆବାସିକ ହଷ୍ଟେଲ କିମ୍ବା ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକୁ ସିଲ୍ କରାଯିବ। ଏପରି ଅନୁଷ୍ଠାନ ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ସଂସ୍ଥା ମଧ୍ୟରେ ଶିଶୁ ବିରୋଧୀ ଅପରାଧ ଘଟିଲେ ପରିଚାଳନା କମିଟି ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗଠିତ ହୋଇଥିବା ଯାଞ୍ଚ କମିଟି ୧୦ ଦିନ ମଧ୍ୟରେ ଜିଲ୍ଲାରେ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ ଆବାସିକ ହଷ୍ଟେଲ, ଆଶ୍ରମ, ଆଶ୍ରୟସ୍ଥଳ ଓ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକୁ ଗସ୍ତ କରି ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିବେ। ଅଣପଞ୍ଜୀକୃତ ସଂସ୍ଥା ଗୁଡିକ ପଞ୍ଜୀକରଣ ପାଇଁ ଓ କାର୍ଯ୍ୟରତ କର୍ମଚାରୀ ପୁଲିସ ଯାଞ୍ଚ ରିପୋର୍ଟ ପାଇଁ ୧୫ ଦିନ ମଧ୍ୟରେ ଆବେଦନ କରିବେ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## ଇବ୍-ଝାରସୁଗୁଡ଼ା ମଧ୍ୟରେ ଆଜି ରାତିରୁ ଗାଡ଼ି ଚଳାଚଳ ବନ୍ଦ

ଝାରସୁଗୁଡ଼ା, ୨୪।୯(ସମିସ): ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଅଧୀନ ହାଓଡ଼ା-ମୁମ୍ବାଇ ମୁଖ୍ୟ ରେଳ ମାର୍ଗର ଇବ୍ ଏବଂ ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ଥିବା ଲେଭଲ କ୍ରସିଂ ଗେଟ୍ ନମ୍ବର ୨୭୦ର ଜରୁରୀକାଳୀନ ମରାମତି ଓ ନବୀକରଣ କାର୍ଯ୍ୟ କରାଯାଉଛି। ରେଳ ସୁରକ୍ଷା ଦୃଷ୍ଟିକୋଣରୁ କିଲୋମିଟର ୫୧୫/୨୨-୨୦ (ଡାଉନ ଲାଇନ) ସ୍ଥିତ ଏହି ଫାଟକ ନିକଟରେ ରେଳ ଧାରଣୀ ଏବଂ ସ୍ଲିପର ବଦଳାଇବା ସହ ନିୟମିତ ଓଭରହଲିଂ କାର୍ଯ୍ୟ ସମ୍ପାଦନ କରାଯିବ। ଏଥିପାଇଁ ବ୍ରଜରାଜନଗର ସ୍ଥିତ କାର୍ଯ୍ୟାଳୟ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନକୁ ସୂଚିତ କରାଯାଇଛି। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ଯୋଗୁଁ ୨୫ ତାରିଖ ଶୁକ୍ରବାର ରାତି ୧୦ରୁ ୨୭ ତାରିଖ ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ଏହି ଲେଭଲ କ୍ରସିଂ ଉପରେ ସମସ୍ତ ପ୍ରକାର ସଡ଼କ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏହି ସମୟ ମଧ୍ୟରେ ସାଧାରଣ ଯାତ୍ରୀ ତଥା ଯାନବାହାନ ଚଳାଚଳ ନିମନ୍ତେ ବିକଳ୍ପ ବ୍ୟବସ୍ଥା ଭାବେ କିଲୋମିଟର ୫୧୪/୩୫-୫୧୫/୦୧ ନିକଟସ୍ଥ ଚୌକିପଡ଼ା ଲେଭଲ କ୍ରସିଂ ଫାଟକ ନମ୍ବର ୨୬୯ ଦେଇ ଗାଡ଼ି ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଜନସାଧାରଣ ଏହି ସାମୟିକ ଅସୁବିଧାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ବିକଳ୍ପ ମାର୍ଗ ବ୍ୟବହାର କରିବାକୁ ରେଳ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଅବସରପ୍ରାପ୍ତ ସୈନିକ ଗୋକୁଳ ଦାସଙ୍କ ପରଲୋକ

ଦେବଗଡ଼, ୨୪।୯(ସମିସ): ଦେବଗଡ଼ ପୌରାଞ୍ଚଳ ୯ ନମ୍ବର ୱାର୍ଡର ଅବସରପ୍ରାପ୍ତ ସେନା କର୍ମଚାରୀ ଗୋକୁଳ ଚନ୍ଦ୍ର ଦାସଙ୍କ ହୃଦଘାତରେ ଆଜି ୬୭ବର୍ଷ ବୟସରେ ପରଲୋକ ଘଟିଛି। ପ୍ରତ୍ୟହ ଦିନ ଭଳି ଗତକାଲି ରାତ୍ରି ଭୋଜନ ପରେ ଶୋଇଥିବା ବେଳେ ଆଜି ସକାଳୁ ଆଉ ଉଠି ନ ଥିଲେ। ପରିବାର ଲୋକେ ସକାଳୁ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀଙ୍କ ସମେତ ଅନେକ ଅନୁଗାମୀ ଶେଷ ଦର୍ଶନ କରିଥିଲେ। ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ସମେତ ପୁଲିସ କର୍ମଚାରୀ ସ୍ୱର୍ଗତ ଦାସଙ୍କ ବାସଭବନରେ ପହଞ୍ଚି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ। ଦେବଗଡ଼ ଜିଲ୍ଲା ଅବସରପ୍ରାପ୍ତ ସେନା କର୍ମଚାରୀ ସଙ୍ଘ ସଭାପତି ବିଷ୍ଣୁ ପ୍ରସାଦ ସାହୁ ପହଞ୍ଚି ସ୍ୱର୍ଗତ ଦାସଙ୍କୁ ଜାତୀୟ ପତାକା ଦେଇ ଶେଷ ସମ୍ମାନ ଜଣାଇବା ସହ ବିଭିନ୍ନ ନାରା ଦେଇଥିଲେ।



ପରେ ଏକ ବିରାଟ ପଟ୍ଟୁଆରରେ ମରଶରୀରକୁ ପ୍ରଧାନପାଟ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇ ଥିଲା। ତାଙ୍କର ଏକ ମାତ୍ର ପୁଅ କୁଣାଳ ଦାସ ମୁଖାଗ୍ନି ଦେଇଥିଲେ। ୧୯୫୮ରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ଦାସ ୧୯୭୮ରେ ସେନାରେ ଯୋଗ ଦେଇଥିଲେ। ୧୯୮୫ରେ ଅବସର ନେଇଥିଲେ। ପରେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ବିଭାଗରେ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ।

### ■ ୟୁପିଆଇ ଚାର୍ଜ ପ୍ରତ୍ୟାହାର ଦାବି

## ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଣିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା, ୨୪।୯(ସମିସ): ଦୁଇ ହଜାରରୁ ଅଧିକ ୟୁପିଆଇ କାରବାର ଉପରେ ପ୍ରସ୍ତାବିତ ୦.୪% ଏମଡିଆର(ବ୍ୟବସାୟୀ ରିହାତି ଶୁଳ୍କ) ପ୍ରତ୍ୟାହାର ଦାବି ନେଇ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ବଣିକ ସଂଘ ପକ୍ଷରୁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ବଣିକ ସଂଘ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, ୟୁପିଆଇ ବ୍ୟବସାୟୀଙ୍କ ପାଇଁ ମଧ୍ୟ ଚିନ୍ତିତ ଯେ ୟୁପିଆଇ ପେମେଣ୍ଟ ପାଇଁ ବ୍ୟବସାୟୀଙ୍କ ଉପରେ ଶୁଳ୍କ ଲଗାଇବା ଦ୍ୱାରା କିଛି ବ୍ୟବସାୟୀ ଏବଂ ଗ୍ରାହକ ପୁନର୍ବାର ନଗଦ ବ୍ୟବହାର କରିବାକୁ ଉତ୍ସାହିତ ହୋଇପାରନ୍ତି। ଏହା ସ୍ୱଚ୍ଛ ଏବଂ ଚିହ୍ନଟଯୋଗ୍ୟ ଡିଜିଟାଲ୍ କାରବାରକୁ ମଧ୍ୟ ପ୍ରୋତ୍ସାହିତ କରିବାର ବ୍ୟାପକ ଉଦ୍ଦେଶ୍ୟର ପରିପନ୍ଥୀ ହୋଇପାରେ। ତେଣୁ ଦୁଇ ହଜାରରୁ ଅଧିକ ୟୁପିଆଇ କାରବାର ଉପରେ ପ୍ରସ୍ତାବିତ ୦.୪ଧ ଏମଡିଆର ପ୍ରତ୍ୟାହାର କରାଯାଉ ବୋଲି ସଂଘ ପକ୍ଷରୁ ନିବେଦନ କରାଯାଇଛି। ସେହିପରି ବ୍ୟବସାୟୀ, ଖୁଚୁରା ବିକ୍ରେତା ଏବଂ ଏମଏସଏମଇ ମାନଙ୍କ ପାଇଁ ୟୁପିଆଇକୁ ଶସ୍ତା ଏବଂ ସହଜ ରଖାଯାଉ। ଏଭଳି ଶୁଳ୍କ ଲାଗୁ କରିବା ପୂର୍ବରୁ ବ୍ୟବସାୟୀ,



ଦୈନନ୍ଦିନ ବ୍ୟବସାୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ଛୋଟ ବ୍ୟବସାୟୀ, ଖୁଚୁରା ବିକ୍ରେତା, ଏମଏସଏମଇ ଏବଂ ଗ୍ରାହକମାନେ ମଧ୍ୟ ୟୁପିଆଇ ବ୍ୟବହାର କରୁଛନ୍ତି। କାରଣ ଏହା ସରଳ, ଦ୍ରୁତ ଏବଂ ସୁବିଧାଜନକ ଅଟେ। ଆମେ ମଧ୍ୟ ସରକାରଙ୍କ 'ଡିଜିଟାଲ୍ ଇଣ୍ଡିଆ' ଏବଂ 'କମ୍-ନଗଦ କାରବାର' ର ପ୍ରୟାସକୁ ସମ୍ପୂର୍ଣ୍ଣ ସମର୍ଥନ କରିଛୁ।ତେବେ, ପ୍ରତିଦିନ ଶହ ଶହ ଡିଜିଟାଲ୍ ପେମେଣ୍ଟ ଗ୍ରହଣ କରୁଥିବା ବ୍ୟବସାୟୀଙ୍କ ପାଇଁ ଉପରୋକ୍ତ ଏକ ଛୋଟ ଶୁଳ୍କ ମଧ୍ୟ ଏକ ବଡ଼ ଖର୍ଚ୍ଚ ହୋଇପାରେ। ଯଦି ଏମଡିଆର ଉପରେ ଜିଏସଟି ମଧ୍ୟ ଲାଗୁ ହୁଏ, ତେବେ ମୋଟଖର୍ଚ୍ଚ ଆହୁରି ବଢ଼ିଯିବ। ସୀମିତ ଲାଭାଂଶରେ କାମ କରୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଏହା ଏକ ଅତିରିକ୍ତ ଆର୍ଥିକ ବୋଝ ହେବ।ଆମେ ଏହାକୁ ନେଇ ଏମଏସଏମଇ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରାଯାଉ। କଳା ଧନ, ଟିକସ ଫାଙ୍କି ଏବଂ ହିସାବ ବହିର୍ଭୂତ ନଗଦ କାରବାର ବିରୋଧରେ ପଦକ୍ଷେପ ଗୁଡ଼ିକୁ ଆହୁରି ମଜବୁତ କରାଯାଉ। କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ଅତିରିକ୍ତ ବୋଝ ନ ପକାଇ ଡିଜିଟାଲ୍-ପେମେଣ୍ଟ ବ୍ୟବସ୍ଥାକୁ ସହଯୋଗ କରିବାର ବିକଳ୍ପ ଉପାୟ ବିଷୟରେ ବିଚାର କରାଯାଉ ଆଦି ପ୍ରମୁଖ ଦାବି ମଧ୍ୟ ଉପସ୍ଥାପନା କରାଯାଇଛି। କଳାହାଣ୍ଡି ବଣିକ ସଂଘ ସଭାପତି ବିଜୟ ସାହୁଙ୍କ ନେତୃତ୍ୱରେ ଦାବି ପତ୍ର ପ୍ରଦାନ ସମୟରେ ସମ୍ପାଦକ ନିରଜ ପଟ୍ଟନାୟକ, ପ୍ରମୋଦ ଜୈନ, ଅବିନାଶ ଠାକୁର, ଦିନେଶ ସାହୁ, ମହମ୍ମଦ କରିମ ପ୍ରମୁଖ ଉପସ୍ଥିତ ଥିଲେ।

## ନେହେନାର ଯୁବକ ପ୍ରଭାକରଙ୍କୁ ସମ୍ମାନିତ କଲେ ପ୍ରତିନିଧି ଦଳ

ଖଡ଼ିଆଳ, ୨୪।୯ (ସମିସ): ଦିଲ୍ଲୀ ଓ ଭୁବନେଶ୍ୱରରୁ ଆସିଥିବା ପାଞ୍ଚଜଣିଆ ପ୍ରତିନିଧି ଦଳ ବୁଧବାର ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର ଏବଂ ନେହେନା ସରପଞ୍ଚ ଅଶୋକା ଦଣ୍ଡସେନାଙ୍କ ସହ ନେହେନାସ୍ଥିତ ପ୍ରଭାକର ଦଣ୍ଡସେନାଙ୍କ ଘରକୁ ଯାଇ ପରିବେଶ ଅନୁକୂଳ କାଗଜ ଡଟପେନ ସମ୍ପର୍କରେ ବିସ୍ତୃତ ସୂଚନା ସଂଗ୍ରହ କରିଛନ୍ତି। ଏହି ଅବସରରେ ଡଟପେନର ପ୍ରସ୍ତୁତି ପ୍ରକ୍ରିୟା, ବ୍ୟବହାର ଏବଂ ପରିବେଶ ସୁରକ୍ଷାରେ ଏହାର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ନେହେନା ଗ୍ରାମର ପ୍ରଭାକର ଦଣ୍ଡସେନା କିଛି ବର୍ଷ ହେଲା ନିଜସ୍ୱ ଉଦ୍ୟମରେ କାଗଜରେ ଡଟପେନ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଥିଲେ। ଏହି ଡଟପେନ ମଧ୍ୟରେ ବିଭିନ୍ନ ଗଛର ମଞ୍ଜି ଭର୍ତ୍ତି କରାଯାଉଛି। ବ୍ୟବହାର ପରେ ଡଟପେନଟି ମାଟିରେ ପଡ଼ି ନଷ୍ଟ ହେବା ସହ ଏଥିରେ ଥିବା ମଞ୍ଜିରୁ ଗଛ ସୃଷ୍ଟି ହେବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହା ଦ୍ୱାରା ପରିବେଶ ସୁରକ୍ଷା ସହ ଲୋକଙ୍କ ମଧ୍ୟରେ ଗଛ ଲଗାଇବା ନେଇ ସଚେତନତା ବୃଦ୍ଧି ପାଇବ ବୋଲି ପ୍ରଭାକରଙ୍କ ଉଦ୍ୟମର ଲକ୍ଷ୍ୟ ରହିଛି। ପ୍ରଭାକରଙ୍କ ଏହି ନିଆରା ଉଦ୍ୟମ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରିବେଶ ସୁରକ୍ଷାକ୍ଷେତ୍ରରେ ଏଭଳି ଅଭିନବ ପ୍ରୟାସ ପାଇଁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମଧ୍ୟ ପ୍ରଭାକରଙ୍କୁ ସମ୍ମାନିତ କରିଥିବା ଜଣାପଡ଼ିଛି। ଏହି ଅବସରରେ ଦିଲ୍ଲୀ ଓ ଭୁବନେଶ୍ୱରରୁ ଆସିଥିବା ପାଞ୍ଚଜଣିଆ ପ୍ରତିନିଧି ଦଳ ପ୍ରଭାକର ଦଣ୍ଡସେନାଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଏଥିସହ ଏହି ପ୍ରୟାସକୁ ଆଗକୁ ବଢ଼ାଇବା ପାଇଁ ଆବଶ୍ୟକୀୟ ସୁବିଧା ଓ ସହଯୋଗ ଯୋଗାଇବାକୁ ପ୍ରତିନିଧି ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆ ଯାଇଥିଲା।

## ନିଶା ମୁକ୍ତ ଭାରତ ଅଭିଯାନ ପାଇଁ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼, ୨୪।୯(ସମିସ): ଜିଲ୍ଲା ପ୍ରଶାସନ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଜୀବନଜ୍ୟୋତି ସମନ୍ୱିତ ନିଶା ନିବାରଣ ଓ ଥଇଥାନ କେନ୍ଦ୍ର ମିଳିତ ସହଯୋଗରେ ବାରକୋଟ ବ୍ଲକର କଣ୍ଢେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ନିଶା ମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ବିଭାଗର ଅଧିକ୍ଷକ ବାସନ୍ତୀପ୍ରଭା ନାଏକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ସରପଞ୍ଚ ସବିତା ବେହେରା, ଡା. ବଂଶୀଧର ପାତ୍ର, ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ, ପିଇଓ ରୁକ୍ମଣ ନାୟକ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଜନ ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜୀବନଜ୍ୟୋତି ସମନ୍ୱିତ ନିଶା ନିବାରଣ ଓ ଥଇଥାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ ଅରୁନ୍ଧତୀ ଜେନା ଧନ୍ୟବାଦ ଦେଇଥିଲେ।

## ପଦୋନ୍ନତି ଦାବିକଲେ ଅଣ ଓଟିଇଟି ଶିକ୍ଷକ



ଦେବଗଡ଼, ୨୪।୯(ସମିସ): ଅଣ ଓଟିଇଟି ଶିକ୍ଷକ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି। ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଏହି ଅଭିଯୋଗ କରିଛି। ସେମାନଙ୍କୁ ପଦୋନ୍ନତି ଦେବା ପାଇଁ ସଂଘ ଦାବି କରିଛି। ଏନେଇ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ର ପ୍ରଦାନବେଳେ ସଂଘର ସମ୍ପାଦକ ସୁଜିତ ପାତ୍ର, ଉପଦେଷ୍ଟା ସୌମିତ୍ରୀ ମହାପାତ୍ର, ପ୍ରହଲ୍ଲାଦ ପ୍ରଧାନ, ଦୁଷଧର ପରଗଣିଆ, ନାରାୟଣ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଘର ଉପରେ ଭାଙ୍ଗି ପଡ଼ିଲା ଗଛ; ଅଳ୍ପକେ ବର୍ତ୍ତିଲେ ପରିବାରବର୍ଗ

କୋକସରା, ୨୪।୯(ସମିସ): ବାତ୍ୟା 'ଅର୍ଣ୍ଣବ' (ଗଭୀର ଅବପାତ) ପ୍ରଭାବରେ କୋକସରା ବ୍ଲକ ଏବଂ ଏହାର ଆଖପାଖ ଅଞ୍ଚଳରେ ବର୍ତ୍ତମାନ ପ୍ରବଳ ବର୍ଷା ଜାରି ରହିଛି। କଳାହାଣ୍ଡି ଜିଲ୍ଲାରେ ରେଡ୍ଆଲର୍ଟ ଜାରି ହୋଇଥିବା ବେଳେ କୋକସରା ଅଞ୍ଚଳରେ ବର୍ଷାର ପରିମାଣ ବଢ଼ିଛି ଏବଂ ଆଜି ରାତି ସାରା ମଧ୍ୟ ଲଗାଣ ବର୍ଷା ସମ୍ଭାବନା ରହିଛି। ବ୍ଲକରେ ଗତକାଲିଠାରୁ ଲଗାଣ ବର୍ଷା ଓ ପବନ ଜାରି ରହିଥିବାବେଳେ ଅନେକ ସ୍ଥାନରେ ଗଛଡାଲ ପଡ଼ିବା ସହ



କେତେକ ଲୋକଙ୍କ ଘର ମଧ୍ୟ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ତେବେ କନ୍ଦାବୁଟୁରା ପଞ୍ଚାୟତ ଅଧୀନ ଡୁନଗାଁର ଭୁଜବଳ ପାଣିଗ୍ରାହୀଙ୍କ ଘର ଉପରେ ଏକ ବିରାଟ ବଡ଼ ଗଛ ଭାଙ୍ଗି ପଡ଼ିଥିଲା। ତେବେ ଭାଗ୍ୟବଶତଃ ଘରେ ଥିବା ସଦସ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଘରଟି ଭାଙ୍ଗି ନଷ୍ଟ ହୋଇଯାଇଛି। ଘଟଣା ସମ୍ପର୍କରେ ଖବର ପାଇ କୋକସରା ଅଗ୍ନିଶମ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀ କଶ୍ୟପ କୁମାର ପଟ୍ଟନାୟକ, ସୁନୀଲ ରଞ୍ଜନ ବରାଳ, ଲଳିତ ପୁଟେଲ, ଉମାଶଙ୍କର ନାଏକ, ରାଧେଶ୍ୟାମ ପ୍ରଧାନୀ, ଦେବାଶିଷ ମହାପାତ୍ର ଏବଂ ବିଶ୍ୱଜିତ ଜେନା ପ୍ରମୁଖ ପହଞ୍ଚି କ୍ଷତିଗ୍ରସ୍ତ ଘର ଉପରୁ ଗଛଟିକୁ କାଟି ଅପସାରଣ କରିଛନ୍ତି। ଅନ୍ୟପଟେ ଘର ଭାଙ୍ଗି ଯିବାରୁ ଉକ୍ତ ପରିବାରବର୍ଗ ଚିନ୍ତିତ ରହିଛନ୍ତି।

### କଳାହାଣ୍ଡିରେ କାରୁଛି ବର୍ଷା

## ଆଜି ମଧ୍ୟ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି ଛୁଟି

ଭବାନୀପାଟଣା, ୨୪।୯(ସମିସ): ବଙ୍ଗୋପସାଗରରେ ସୃଷ୍ଟି ଗଭୀର ଅବପାତ ପ୍ରଭାବରେ ଗତ ତିନିଦିନ ଧରି କଳାହାଣ୍ଡି ଜିଲ୍ଲାରେ ବର୍ଷା ଲାଗି ରହିଛି। କେତେବେଳେ ସାଧାରଣ ବର୍ଷା ତ କେତେବେଳେ ମୂଷଳଧାରାରେ ବର୍ଷି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବୁଧବାର ଜିଲ୍ଲାରେ ୨୯୪.୧ ମିମି ବର୍ଷା ହୋଇଥିବାବେଳେ ଥୁଆମୂଳ ରାମପୁର ବ୍ଲକରେ ସର୍ବାଧିକ ୭୨ ମିମି ବର୍ଷା ରେକର୍ଡ ଆକଳନ କରାଯାଇଛି। ବର୍ଷା ଜାରି ରହିଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାର ସମସ୍ତ ସରକାରୀ/ବେସରକାରୀ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ବୁଧବାର ଓ ଗୁରୁବାର ଛୁଟି ଘୋଷଣା କରିଥିଲେ ଜିଲ୍ଲାପାଳ। ତେବେ ଶୁକ୍ରବାର ମଧ୍ୟ ପ୍ରବଳ ବର୍ଷାର ପୂର୍ବାନୁମାନକରି ଜିଲ୍ଲାର ସମସ୍ତ ସରକାରୀ/ବେସରକାରୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ। ବର୍ଷା ଯୋଗୁଁ ଲଗାତାର ୩ ଦିନ ଛୁଟି ହେଲାଣି। ବର୍ତ୍ତମାନ ମଧ୍ୟ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି। କେଉଁଠି ମାଟି କାନ୍ଥ ଭାଙ୍ଗିଛି ଏବଂ ଅନ୍ୟ କେତେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଛି। ଇନ୍ଦ୍ରାବତୀ ପାଣି ଛଡାଯିବା କାରଣରୁ ହାତୀ ନଦୀ ଫୁଲୁଛି। ସେ ଯାହାହେଉ ଜିଲ୍ଲାରେ ସେମିତି କିଛି ବଡ଼ ଧରଣର ଅଘଟଣ ଘଟିବା ନଜରକୁ ଆସିନାହିଁ।

## ମୋବାଇଲ ଲାଇଟ୍‌ରେ ଚାଲିଛି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ

ଖଡ଼ିଆଳ, ୨୪।୯(ସମିସ): ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ବିଦ୍ୟୁତ୍‌ସେବା ବ୍ୟାହତ ହେବା ପରେ ରୋଗୀ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଚିକିତ୍ସା କକ୍ଷ ଓ ରୋଗୀ ପଞ୍ଜୀକରଣ ସ୍ଥାନରେ ଅନ୍ଧାର ଛାଇଯିବାରୁ ଶେଷରେ ମୋବାଇଲ ଫୋନ୍‌ର ଆଲୁଅରେ ରୋଗୀଙ୍କ ନାମ ପଞ୍ଜୀକରଣ କରିବାକୁ ପଡ଼ିଥିବା ଦୃଶ୍ୟ ଚିକିତ୍ସାଳୟର ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ଗୁରୁବାର ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଥିଲା। ଏହାର ପ୍ରଭାବ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ଉପରେ ପଡ଼ିବା ପରେ ରୋଗୀ ପଞ୍ଜୀକରଣ ସ୍ଥାନ ସମେତ ବିଭିନ୍ନ କକ୍ଷ ଅନ୍ଧାର ହୋଇ ଯାଇଥିଲା। ଚିକିତ୍ସା ପାଇଁ ଆସିଥିବା ରୋଗୀ ଓ ସମ୍ପର୍କୀୟ ମାନେ ଏଥିଯୋଗୁଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଚିକିତ୍ସାଳୟରେ ଥିବା ଇନଭର୍ଟର ବ୍ୟାଟେରି ଆବଶ୍ୟକ ସମୟ ପର୍ଯ୍ୟନ୍ତ ବ୍ୟାକଅପ୍ ଦେଇପାରୁ ନ ଥିବା ଅଭିଯୋଗ ହୋଇଛି। ଇନ୍‌ଭର୍ଟର ମାଧ୍ୟମରେ ଆଲୋକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଅଳ୍ପ ସମୟ ପରେ ପୁଣି ଅନ୍ଧାର ହୋଇଯାଇଥିଲା। ଫଳରେ ମୋବାଇଲ ଫୋନ୍‌ର ଆଲୁଅରେ ପଞ୍ଜୀକରଣ କାର୍ଯ୍ୟ କରିବାକୁ ପଡ଼ିଥିଲା। ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ରୋଗୀ ନିର୍ଭର କରୁଥିବା ଏହି ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ବିଦ୍ୟୁତ୍ ବିଭ୍ରାଟ ସମୟରେ ଜରୁରୀସେବା ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ସ୍ଥାୟୀ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ରୋଗୀ ଓ ସମ୍ପର୍କୀୟ ମାନେ ପ୍ରକାଶ କରିଛନ୍ତି। ଜେନେରେଟରକୁ ସବୁବେଳେ କାର୍ଯ୍ୟକ୍ଷମ ରଖିବା ସହ ଆବଶ୍ୟକ ଇନ୍ଧନ ମହଜୁଦ ରଖିବା ଏବଂ ଇନଭର୍ଟର ବ୍ୟାଟେରିର ମରାମତି କିମ୍ବା



ପରିବର୍ତ୍ତନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ମେଡିକାଲ ଇନ୍‌ଚାର୍ଜ ମନୋଜ ଦୋରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଫୋନ୍ ସ୍ୱିଚ୍ ଅଫ୍ ଥିବାରୁ ମତାମତ ନିଆଯାଇ ପାରି ନ ଥିଲା।

## ସେବା ସଂକଳ୍ପ ପର୍ବ ସଚେତନତା ଅଭିଯାନ

### ଟୋଲ ଫ୍ରି ନମ୍ବର ୧୪୪୪୫ ଏବଂ ୦୬୬୪୫-୨୭୨୯୯୭ ଜାରି

ଝାରସୁଗୁଡ଼ା, ୨୪।୯(ସମିସ): ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସେବା ସଂକଳ୍ପ ପର୍ବ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ପିଡିଏସ୍ ହିତାଧିକାରୀଙ୍କୁ ସଚେତନତା, ବିଭିନ୍ନ ସରକାରୀ ସୁବିଧା, ଖାଦ୍ୟଶସ୍ୟର



ପରିମାଣ ଓ ବଣ୍ଟନ ପ୍ରକ୍ରିୟା ସମ୍ପର୍କରେ ସଚେତନତା କରିବା ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ତ୍ୱରିତ ଓ ଲୋକାଭିମୁଖୀ କରିବା ପାଇଁ ସଂକଳ୍ପ ନେଇଛନ୍ତି। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଯୋଗ୍ୟ ପରିବାରକୁ ଠିକ୍ ସମୟରେ ଗୁଣାତ୍ମକ ରାସନ ଯୋଗାଇଦେବା। ହିତାଧିକାରୀଙ୍କ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବା। ମାସବ୍ୟାପୀ ଅଭିଯାନ ଅଧୀନ ହିତାଧିକାରୀ ସଚେତନତା, ନୂତନ ରାସନ କାର୍ଡ ପ୍ରଦାନ ଏବଂ ଆଧାର ସଂଯୋଗୀକରଣ ନିମନ୍ତେ ସ୍ୱତନ୍ତ୍ର ପିଡିଏସ୍ ସେବା ଶିବିର ଆୟୋଜନ କରାଯିବ। ଏଥିସହିତ ସୁଲଭ ମୂଲ୍ୟ ଦୋକାନ ଗୁଡ଼ିକର ଯାଞ୍ଚ କରାଯିବ। ଓଜନ ଓ ଦର ତାଲିକା ନିରୀକ୍ଷଣ ହେବ। ସ୍ୱତନ୍ତ୍ର ଅଭିଯୋଗ ନିବାରଣ ଶିବିର ଆୟୋଜନ କରାଯିବ। ବଞ୍ଚିତ ହିତାଧିକାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ରାସନ ସୁରକ୍ଷା ଯୋଗାଇ ଦିଆଯିବ। କୌଣସି ପ୍ରକାର ସହାୟତା କିମ୍ବା ଅଭିଯୋଗ ପାଇଁ ହିତାଧିକାରୀ ୧୪୪୪୫ ଏବଂ ୦୬୬୪୫-୨୭୨୯୯୭ରେ ଯୋଗାଯୋଗ କରିପାରିବେ।

### କୁପୋଷଣ ମୁକ୍ତ ଜିଲ୍ଲା ଗଠନ ଉପରେ ଗୁରୁତ୍ୱ

## ଅଙ୍ଗନବାଡ଼ି ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୨୪।୯(ସମିସ)

ଝାରସୁଗୁଡ଼ାରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ତଥା ଜିଲ୍ଲା ସଂଯୋଜକ-ପୋଷଣ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାରେ ଶିଶୁ ଏବଂ ପ୍ରସୂତି ମହିଳାମାନଙ୍କ ପୁଷ୍ଟିସାଧନ ତଥା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରାଯାଇ କାର୍ଯ୍ୟକ୍ଷମ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଜିଲ୍ଲାର ଅତ୍ୟଧିକ କୁପୋଷିତ ଏବଂ ମଧ୍ୟମ ଧରଣର କୁପୋଷିତ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିସାର ସ୍ଥିତିରେ ଉନ୍ନତି ଆଣିବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ସିଡିପିଓ ଏବଂ ସୁପରଭାଇଜରମାନେ ଅଙ୍ଗନବାଡ଼ି କେନ୍ଦ୍ର ସ୍ତରରେ ଏଭଳି ପ୍ରତ୍ୟେକ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ନିୟମିତ ତଦାରଖ




କରିବା ସହ ଆବଶ୍ୟକୀୟ ପୁଷ୍ଟିକର ଖାଦ୍ୟ ଓ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପରିସ୍ଥିତିରେ ଯେପରି କୌଣସି କୁପୋଷିତ ଶିଶୁ ଯତ୍ନରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ଜିଲ୍ଲାପାଳ କୁନାଲ୍ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରି ପରାମର୍ଶ ଦେଇଥିଲେ। ସେହିପରି ପୋଷଣ ଟ୍ରାକର ଆପ୍ଲିକେସନରେ ପ୍ରତ୍ୟେକ ଶିଶୁର ଓଜନ ଓ ଉଚ୍ଚତା ଠିକ୍ ଭାବେ ମାପ କରି ନିୟମିତ ବ୍ୟବଧାନରେ ତଥ୍ୟ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। କ୍ଷେତ୍ରସ୍ତରରେ ପ୍ରକୃତ ମାପ ଅନୁଯାୟୀ ଯେପରି ଡାଟା ପ୍ରବେଶ କରାଯିବ ଏବଂ ଜିଲ୍ଲାର କୌଣସି ଜଣେ ହେଲେ ଶିଶୁ ଏହି ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ନ ପଡ଼ନ୍ତି ତାହା ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ବାକି ରହିଥିବା ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ଏବଂ ପ୍ରସ୍ତାବିତ ନୂତନ ଗୃହ ନିର୍ମାଣ ନିମନ୍ତେ ଉପଜିଲ୍ଲାପାଳଙ୍କୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଜିର ରାଶିଫଳ

**ମେଷ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବୃଷ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ବ୍ୟବସାୟରେ ଉନ୍ନତି ହେବ।

**ମିଥୁନ:** ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି। ପ୍ରେମ ଜୀବନ ସୁଖମୟ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ ହେବ।

**ସିଂହ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ହେବ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଆୟର ନୂଆ ମାର୍ଗ ଉନ୍ମୋଚନ ହେବ।

**ତୁଳା:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ପରିବାର ସହିତ ସମୟ ଅତିବାହିତ କରିବେ।

**ବିଛା:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ଦୂର ସ୍ଥାନକୁ ଯାତ୍ରା କରିବେ ଏବଂ ଖର୍ଚ୍ଚାନ୍ତ ହେବେ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ।

**ମୀନ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୩୪୦- ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ନିରସ୍ତ୍ରୀକରଣ ଚୁକ୍ତି ସ୍ୱାକ୍ଷର।
- ୧୮୪୪- କାନାଡ଼ା ଓ ଆମେରିକା ମଧ୍ୟରେ ନ୍ୟୁୟର୍କରେ ପ୍ରଥମ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ ମ୍ୟାଚ୍ ଆୟୋଜିତ।
- ୧୮୯୭- ବ୍ରିଟେନର ବସ୍ ସେବା ଆରମ୍ଭ।
- ୧୯୧୬: ମହାନ ଚିନ୍ତାନାୟକ ଦୀନ ଦୟାଲ ଉପାଧ୍ୟାୟଙ୍କ ଜନ୍ମ।
- ୧୯୫୬- ଆମେରିକା ଓ ୟୁରୋପ ମଧ୍ୟରେ ପ୍ରଥମ ଦୂରଭାଷ ସେବା ଆରମ୍ଭ ହେଲା।

## ଜେବ୍ରା ଫିସ୍ ଚିକିତ୍ସା ବିଜ୍ଞାନରେ କ୍ରାନ୍ତି



ଭାରତର ନଦୀ, ହ୍ରଦ ଏବଂ ମଧୁର ଜଳର ଉତ୍ସଗୁଡ଼ିକରେ ପ୍ରାୟ ୩,୦୦୦ ରୁ ଅଧିକ ପ୍ରଜାତିର ମାଛ ଦେଖିବାକୁ ମିଳନ୍ତି। ଏହି ବିଶାଳ ଜଳଜ ପ୍ରାଣୀ ସଂସାରରେ ଏମିତି ଏକ ଛୋଟ ମାଛ ଅଛି, ଯିଏ ବିଶ୍ୱର ବଡ଼ ବଡ଼ ଗବେଷଣାଗାରରେ ରାଜ୍ କରୁଛି। ଏହି ମାଛଟି ହେଉଛି 'ଜେବ୍ରା ଫିଶ୍'। ମାତ୍ର ୩ ରୁ ୪ ସେଣ୍ଟିମିଟରର ଏହି ସାଧାରଣ ମାଛଟି ଏବେ ମାନବ ସମାଜକୁ ଅନେକ ସାଙ୍ଘାତିକ ରୋଗରୁ ରକ୍ଷା କରିବା ପାଇଁ ବିଜ୍ଞାନର ସବୁଠାରୁ ବଡ଼ ହାତ ହତିଆର ସାଜିଛି। ଏହି କୁନି ମାଛର ଜେନେଟିକ୍ ଗଠନ ମନୁଷ୍ୟ ସହିତ ପ୍ରାୟ ୮୬ ପ୍ରତିଶତ ମିଶିଥାଏ। ଏହି କାରଣରୁ ମଣିଷ ଶରୀରରେ ହେଉଥିବା ଜଟିଳ ରୋଗଗୁଡ଼ିକର ରହସ୍ୟ ଖୋଲିବାରେ ଏହା ବୈଜ୍ଞାନିକମାନଙ୍କୁ ସବୁଠାରୁ ଅଧିକ ସାହାଯ୍ୟ କରୁଛି। କର୍କଟ, ହୃଦ୍‌ରୋଗ ଏବଂ ଅନେକ ଆନୁବଂଶିକ ରୋଗର ନୂଆ ନୂଆ ଔଷଧର ପରୀକ୍ଷଣ ଏବେ ଏହି ମାଛ ଉପରେ ଅତ୍ୟନ୍ତ ସଫଳତାର ସହ କରାଯାଉଛି। ଜେବ୍ରା ଫିଶ୍‌ର ଅନ୍ୟ ଏକ ବଡ଼ ବିଶେଷତ୍ୱ ହେଉଛି ଏହାର ଅତି ଦ୍ରୁତ ଶାରୀରିକ ବିକାଶ। ଫର୍ଟିଲାଇଜେସନର ମାତ୍ର ୧୬ ଘଣ୍ଟା ମଧ୍ୟରେ ଏହି ମାଛର ହୃଦ୍‌ସ୍ପନ୍ଦନ ଆରମ୍ଭ ହୋଇଯାଏ। ସବୁଠାରୁ ଚମତ୍କାର କଥା ହେଉଛି, ବିକାଶ ସମୟରେ ଏହାର ଶରୀର ସମ୍ପୂର୍ଣ୍ଣ ସ୍ୱଚ୍ଛ ବା ପାରଦର୍ଶୀ ରହିଥାଏ। ଫଳରେ ଗବେଷଣାଗାରରେ ବୈଜ୍ଞାନିକମାନେ କୌଣସି ଜଟିଳ ଅସ୍ତ୍ରୋପଚାର ନ କରି, କେବଳ ମାଇକ୍ରୋସ୍କୋପ୍ ସାହାଯ୍ୟରେ ଏହାର ଭିତର ଅଙ୍ଗପ୍ରତ୍ୟଙ୍ଗ କିଭଳି ତିଆରି ହେଉଛି ଏବଂ ଔଷଧ ଏହା ଉପରେ କି ପ୍ରଭାବ ପକାଉଛି, ତାହା ବାହାରୁ ଅତି ସହଜରେ ଦେଖିପାରନ୍ତି। ପୂର୍ବରୁ ଯେକୌଣସି ଗବେଷଣା ପାଇଁ ମୂଷା କିମ୍ବା ମାଙ୍କଡ଼ମାନଙ୍କୁ ବ୍ୟବହାର କରାଯାଉଥିଲା, ଯାହା ବେଶ୍ ବ୍ୟୟବହୁଳ ଏବଂ ସମୟସାପେକ୍ଷ ଥିଲା। ଜେବ୍ରା ଫିଶ୍ ଆସିବା ପରେ ଏହି ଚିନ୍ତା ଏକପ୍ରକାର ଦୂର ହୋଇଛି। ଏହାର ରକ୍ଷଣାବେକ୍ଷଣ ଅତି ସହଜ ଏବଂ ଶସ୍ତା। ଏହା ଅଳ୍ପ ଜାଗାରେ ଏବଂ ମଧୁର ଜଳରେ ସହଜରେ ବଂଶବୃଦ୍ଧି କରିପାରେ। ଏକ ସାଙ୍ଗରେ ଶତାଧିକ ମାଛ ଉପରେ ପରୀକ୍ଷା କରି ଖୁବ୍ କମ୍ ସମୟରେ ସଠିକ୍ ପରିଣାମ ମିଳିପାରୁଛି। ବିଜ୍ଞାନ ଏବଂ ପ୍ରକୃତିର ଏହି ମିଳନ ପ୍ରକୃତରେ ଅଦ୍ଭୁତ। ଯେଉଁ ମାଛକୁ ଦିନେ ଲୋକେ କେବଳ ଘରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଆକ୍ୱାରିୟମ୍‌ରେ ରଖୁଥିଲେ, ଆଜି ସେ ମାନବ ଜାତି ପାଇଁ ସଞ୍ଜୀବନୀ ସଦୃଶ ସାବ୍ୟସ୍ତ ହୋଇଛି। ଆଗାମୀ ଦିନରେ କର୍କଟ ଏବଂ ହୃଦ୍‌ରୋଗ ଭଳି ମାରାତ୍ମକ ବ୍ୟାଧିର ସହଜ ଚିକିତ୍ସା ଖୋଜିବାରେ ଏହି କୁନି 'ଜେବ୍ରା ଫିଶ୍' ବିଶ୍ୱ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବାକୁ ଯାଉଛି, ଏଥିରେ କୌଣସି ସନ୍ଦେହ ନାହିଁ। ଭାରତ, ବାଂଲାଦେଶ, ନେପାଳ, ପାକିସ୍ତାନ ଭଳି ଦକ୍ଷିଣ ଏସୀୟ ଦେଶଗୁଡ଼ିକରେ ଏହି ମାଛ ଦେଖାଯାଏ। ଏମାନେ ସାଧାରଣତଃ ଧୀର ଗତିରେ ବହୁଥିବା ନଦୀ, ନାଳ, ଝରଣା, ପୋଖରୀ ଏବଂ ଗଭୀର ନ ଥିବା ସ୍ୱଚ୍ଛ ଜଳାଶୟରେ ରହିବାକୁ ପସନ୍ଦ କରନ୍ତି।

## ବଦଳିଲା ଅଜୟଙ୍କ ଫିଲ୍ମର ଟାଇଟଲ୍



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନଙ୍କ ଆଗାମୀ ସୁପରନ୍ୟାଚୁରାଲ୍ ହରର୍-ଥ୍ରୀଲର୍ ଫିଲ୍ମର ନାମ 'ସୂର୍ଯ୍ୟସ୍ପର୍ଶ' ରଖାଯାଇଛି। ପୂର୍ବରୁ ଏହି ଫିଲ୍ମର ଟାଇଟଲ୍ 'ଗୃହ ପ୍ରବେଶ' ଥିଲା। ଏହି ଚଳଚ୍ଚିତ୍ରର କାହାଣୀ ମହର୍ଷି ବ୍ୟାସଦେବଙ୍କ ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥ 'ଗରୁଡ଼ ପୁରାଣ'ରୁ ଅନୁପ୍ରାଣିତ। ଭଗବାନ ବିଷ୍ଣୁ ଏବଂ ପକ୍ଷୀରାଜ ଗରୁଡ଼ଙ୍କ ମଧ୍ୟରେ ହୋଇଥିବା କଥୋପକଥନର ପୃଷ୍ଠଭୂମିକୁ ନେଇ ଏକ ରହସ୍ୟମୟ ଦୁନିଆ ଏଥିରେ ଦେଖିବାକୁ ମିଳିବ। ଫିଲ୍ମରେ ଅଜୟ ଏକ ଅଲୌକିକ ଏବଂ ଗ୍ରେ-ଶେଡ୍ ଚରିତ୍ରରେ ଅଭିନୟ କରୁଛନ୍ତି, ଯାହା ତାଙ୍କର ଅନ୍ୟ ଫିଲ୍ମଗୁଡ଼ିକର ଚରିତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ଏହାର ନିର୍ଦ୍ଦେଶନା ଦେଉଛନ୍ତି ରୋହିତ ଯୁଗରାଜ। ସେ ପୂର୍ବରୁ ଅଜୟଙ୍କ ସୁପରହିଟ୍ ହରର୍ ଫିଲ୍ମ 'ଭୂତ' (୨୦୦୩) ରେ ସହକାରୀ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ଅଜୟ ଦେବଗନ ଫିଲ୍ମସ୍ ଏବଂ ପ୍ୟାନୋରାମା ଷ୍ଟୁଡିଓ ମିଳିତ ଭାବେ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ସେପ୍ଟେମ୍ବର ୨୦୨୬ରୁ ଏହାର ସୁଟିଂ ଆରମ୍ଭ ହୋଇସାରିଛି ଏବଂ ପ୍ରଥମ ସେଡ୍ୟୁଲ୍ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ନିର୍ମାତାମାନେ ଏହି ମେଗା ପ୍ରୋଜେକ୍ଟକୁ ୨୦୨୭ ମସିହାର ଦ୍ୱିତୀୟାର୍ଦ୍ଧରେ ପ୍ରେକ୍ଷାଳୟକୁ ଆଣିବା ପାଇଁ ଯୋଜନା କରିଛନ୍ତି।

## ଟଙ୍କା ନୁହେଁ, ପଥରରେ ହୁଏ କାରବାର

ଜିନିଷଗୁଡ଼ିକର କିଣାବିକା ପାଇଁ କାଗଜ ନୋଟ୍, ମୁଦ୍ରା ଏବଂ ଡିଜିଟାଲ୍ କାରବାରକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଦୁନିଆରେ ଏପରି ଏକ ଆଶ୍ଚର୍ଯ୍ୟଜନକ ସ୍ଥାନ ରହିଛି, ଯେଉଁଠାରେ ମୁଦ୍ରା ବଦଳରେ ପଥରକୁ ଟଙ୍କା ଭାବରେ ବ୍ୟବହାର କରାଯାଏ। ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ୟାପ୍ ଦ୍ୱୀପରେ ପାରମ୍ପରିକ ଭାବେ ବଡ଼ ଚୂନ ପଥରଗୁଡ଼ିକୁ ମୁଦ୍ରା ଭାବେ ବ୍ୟବହାର କରାଯାଏ। ଏଠାରେ ବ୍ୟବହୃତ ପଥରଗୁଡ଼ିକ 'ରାଇ ଷ୍ଟୋନ୍' ଭାବରେ ଜଣାଶୁଣା, ଏଗୁଡ଼ିକ ହେଉଛି ବଡ଼ ଆକାରର ଗୋଲାକାର ଚୂନ-ପଥରର ଖଣ୍ଡ, ଯାହାର ମଝିରେ ଏକ ଛିଦ୍ର ଥାଏ। ଏହି ପଥରଗୁଡ଼ିକର ଓଜନ କିଛି କିଲୋଗ୍ରାମ୍‌ରୁ ଆରମ୍ଭ କରି ଅନେକ ଟନ୍ ପର୍ଯ୍ୟନ୍ତ ହୋଇଥାଏ। ଯଦିଓ ବର୍ତ୍ତମାନ ଏଠାରେ ଦୈନନ୍ଦିନ କାରବାର ପାଇଁ ଆଧୁନିକ ମୁଦ୍ରାର ବ୍ୟବହାର କରାଯାଉଛି, କିନ୍ତୁ ଏହି ଦ୍ୱୀପରେ ରାଇ ଷ୍ଟୋନ୍‌ର ସାଂସ୍କୃତିକ ଏବଂ ପାରମ୍ପରିକ ଗୁରୁତ୍ୱ ଆଜି ମଧ୍ୟ ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପଥରଗୁଡ଼ିକ ୟାପ୍ ଦ୍ୱୀପରେ ମିଳେନାହିଁ। ପ୍ରାୟ ୪୦୦ କିଲୋମିଟର ଦୂରରେ ଥିବା ପାଲାଉ ଦ୍ୱୀପରୁ ୟାପ୍ ଦ୍ୱୀପର ଅଧିବାସୀମାନେ ଡଙ୍ଗା ସାହାଯ୍ୟରେ କଷ୍ଟସାଧ୍ୟ ସମୁଦ୍ର ଯାତ୍ରା କରି ଏହାକୁ ଖୋଦେଇ କରି ଆଣୁଥିଲେ। ରାଇ ଷ୍ଟୋନ୍‌ର ମୂଲ୍ୟ କେବଳ ତା'ର ଆକାର ଉପରେ ନିର୍ଭର କରେ ନାହିଁ, ବରଂ ତାକୁ ଆଣିବା ପାଇଁ କେତେ ପରିଶ୍ରମ କରିବାକୁ ପଡ଼ିଥିଲା ଏବଂ ସେହି ଯାତ୍ରାରେ କେତେ ଜଣଙ୍କର ଜୀବନ ଯାଇଥିଲା, ତାହା ଉପରେ ଧାର୍ଯ୍ୟ କରାଯାଏ। ଯେହେତୁ ଏହି ପଥରଗୁଡ଼ିକ ବହୁତ ଭାରୀ, ତେଣୁ କେହି ଏହାକୁ କାରବାର ସମୟରେ ଏପଟ ସେପଟ କରନ୍ତି ନାହିଁ, ଏହା ନିଜ ଜାଗାରେ ହିଁ ରହିଥାଏ। କେବଳ ମୌଖିକ ଭାବେ ସମସ୍ତଙ୍କ ସାମ୍ନାରେ ଘୋଷଣା କରି ଏହାର ମାଲିକାନା ବଦଳାଯାଏ। ଏହି କାରଣରୁ ଆଧୁନିକ ଅର୍ଥନୀତିଜ୍ଞମାନେ ଏହାକୁ ଆଜିର ଡିଜିଟାଲ୍ କ୍ରିପ୍ଟୋକରେନ୍ସିର ପ୍ରାଥମିକ ରୂପ ବୋଲି ମଧ୍ୟ କହିଥାନ୍ତି। ବର୍ତ୍ତମାନ ଦୈନନ୍ଦିନ କାରବାର ପାଇଁ ସେଠାରେ ଆମେରିକୀୟ ଡଲାର ବ୍ୟବହାର ହେଉଛି। ଏହି ପଥରଗୁଡ଼ିକୁ ଦୈନନ୍ଦିନ ପନିପରିବା କିଣିବା ପାଇଁ ବ୍ୟବହାର କରାଯାଏ ନାହିଁ ବରଂ କୌଣସି ବଡ଼ ଜମି କିଣିବା, ବିବାହ ସମୟରେ ଯୌତୁକ ଦେବା କିମ୍ବା ଦୁଇଟି ଗୋଷ୍ଠୀ ମଧ୍ୟରେ ଝଗଡ଼ା ସମାଧାନ କରିବା ଭଳି ବଡ଼ ବଡ଼ କାର୍ଯ୍ୟରେ ଏହାର ବ୍ୟବହାର ହୋଇଥାଏ।



## 'ସକାଳ'ର ସ୍ୱାସ୍ଥ୍ୟ
## ହାଇପୋକ୍ୟାଲସେମିଆ



**ମନୁଷ୍ୟ ଶରୀରର ହାଡ଼, ଦାନ୍ତ, ମାଂସପେଶୀ, ସ୍ନାୟୁ ଏବଂ ହୃଦୟକୁ ସୁସ୍ଥ ରଖିବା ପାଇଁ କ୍ୟାଲସିୟମ ଅତ୍ୟନ୍ତ ଜରୁରି। ଏହା ହାଡ଼ ଓ ଦାନ୍ତକୁ ଶକ୍ତ କରିଥାଏ। ହେଲେ ରକ୍ତରେ କ୍ୟାଲସିୟମର ମାତ୍ରା ସାଧାରଣସ୍ତରଠାରୁ କମିଯିବା ଅବସ୍ଥାକୁ 'ହାଇପୋକ୍ୟାଲସେମିଆ' କୁହାଯାଏ। ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ। ଏହି ରୋଗ ଅସ୍ଥି, ମାଂସପେଶୀ ଏବଂ ସ୍ନାୟୁପ୍ରଣାଳୀକୁ ପ୍ରଭାବିତ କରିପାରେ।**

**କାରଣ:** ଭିଟାମିନ୍ ଡି'ର ଅଭାବ, ପାରାଥାଇରଏଡ ହରମୋନ୍ ଅସନ୍ତୁଳନ, ମେନୋପଜ୍ ଏବଂ ବୟସଜନିତ ରୋଗ ଆଦି ଏହି ରୋଗର ମୂଳ କାରଣ। ପ୍ରାଥମିକ ଅବସ୍ଥାରେ ଏହି ରୋଗର ଲକ୍ଷଣ ଏତେଟା ଜଣାପଡ଼େନି। ସେଥିପାଇଁ ଅନେକେ ଏହାକୁ ଥକ୍କାପଣ ଓ ବୟସଜନିତ ସମସ୍ୟା ଭାବି ଅଣଦେଖା କରନ୍ତି। ଫଳରେ ରକ୍ତରେ କ୍ୟାଲସିୟମ ପରିମାଣ କମି ଶରୀରର ବିଭିନ୍ନ ଅଙ୍ଗ ପ୍ରଭାବିତ ହୋଇଥାଏ।

**ଲକ୍ଷଣ:** ପାଦ, କମରରେ ଯନ୍ତ୍ରଣା, ଅଙ୍ଗୁଠି, ହାତ କିମ୍ବା ମୁହଁ ଚାରିପାଖ ଝିମ୍‌ଝିମ୍ ଲାଗିବା, ଶୁଷ୍କ ତ୍ୱଚା, ଅସ୍ଥି, ନଖ ଏବଂ କେଶ ଦୁର୍ବଳ ହେବା, ସାମାନ୍ୟ ଆଘାତରେ ହାଡ଼ଭାଙ୍ଗିବା ଆଶଙ୍କା, କ୍ଳାନ୍ତି ଅନୁଭବ, ସ୍ମୃତିଶକ୍ତିହ୍ରାସ, ଗମ୍ଭୀର ମାମଲାରେ ହୃଦସ୍ପନ୍ଦନ ଗତି ବଢ଼ିଯିବା ଆଦି ଲକ୍ଷଣ ଦେଖାଯାଏ।

**ଉପଚାର:** ହାଇପୋକ୍ୟାଲସେମିଆ ଆଶଙ୍କା ଦୂର କରିବାକୁ ସମୟେ ସମୟେ ରକ୍ତ ପରୀକ୍ଷା, ସେରମ୍ କ୍ୟାଲସିୟମ ପରୀକ୍ଷା କରାଇବା ଆବଶ୍ୟକ। ରୋଗର ଗମ୍ଭୀରତା ଏବଂ ପୀଡ଼ିତଙ୍କ ଶାରୀରିକ ସ୍ଥିତି ଆଧାରରେ ଚିକିତ୍ସା କରାଯାଏ। ଏହାସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଖାଦ୍ୟରେ କ୍ଷୀର, ଦହି, ପନିର, ପନିପରିବା ଏବଂ ବାଦାମ ସାମିଲ କରିପାରିବେ। ଡାକ୍ତରଙ୍କ ପରାମର୍ଶକ୍ରମେ ଭିଟାମିନ୍ ଡି' କିମ୍ବା କ୍ୟାଲସିୟମ ସପ୍ଲିମେଣ୍ଟ ଖାଇବା ଏକାନ୍ତ ଆବଶ୍ୟକ।

## ଘର ବଇଦ
## ମଳକଣ୍ଟକ

- ବରଓହଳ ଅଗି ୪ଖଣ୍ଡ ସେଥିରେ ୪ ଗୋଟି ଲବଙ୍ଗ ମିଶାଇ କ୍ଷୀରରେ ବାଟି ପିଇବେ। ସାତ ଦିନ ଔଷଧ ଖାଇବେ।
- ରଙ୍ଗବାଣ ଗଛର ମଞ୍ଜି ଘୋରି ମଳ କଣ୍ଟକରେ ଲଗାଇଲେ ଭଲ ହୁଏ।
- ପଦ୍ମପତ୍ରରେ ମହୁ, ଘିଅ ଲଗାଇ ଅଗ୍ନିରେ ଉଷୁମ କରି ମଳଦ୍ୱାରରେ ସେକ ଦେବେ। ପରେ ଗୋଟିଏ ପଦ୍ମପତ୍ର ଦେଇ ଲେଙ୍ଗୁଟି ମାରିବେ। ଏହି ପରି ୪/୫ ଦିନ, ଦିନକୁ ଦୁଇ ବେଳା ବ୍ୟବହାର କରିବେ।
- ମଲ୍ଲୀପତ୍ରକୁ ଚାଉଳଧୂଆ ପାଣିରେ ବାଟି ଲେପ ଦେବେ।
- ଚିତାପାରୁ ଗଛର ଚେରର ଚୂର୍ଣ୍ଣ ଏକ ଅଣା ଓଜନ ଦହି ସହିତ ଖାଇଲେ ମଳକଣ୍ଟକ ବିନଷ୍ଟ ହୁଏ। ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବେ।
- ଅକାନବିନ୍ଧି ଚେର ସୁକି ଓଜନ ସମଭାଗ ଶୁଣ୍ଠି ମିଶାଇ ଖାଇଲେ ମଳକଣ୍ଟକ ବେଦନା ଦୂର ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ମାନସିକ ଅବସାଦ ଓ ନିଦ ପାଇଁ ଔଷଧ ଖାଉଥିଲେ ...

**ବୟସ ବଢ଼ିବା ସହିତ ଶାରୀରିକ ଓ ମାନସିକ ପରିବର୍ତ୍ତନ ହୁଏ। ଶରୀର ଥକ୍କା ଲାଗିବା ସହିତ ନିଦ ନ ଆସିବା ଏବଂ ମାନସିକ ଅବସାଦ ପରି ସମସ୍ୟା ଅଧିକ ଦେଖାଯାଏ। ଏଥିପାଇଁ ଅଧିକାଂଶ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇଥାନ୍ତି। ବୟସ୍କଙ୍କ କ୍ଷେତ୍ରରେ ଏହି ଔଷଧ ସେବନ ଦ୍ୱାରା ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ଯାହାକୁ ଅଣଦେଖା କରିବା ଅନୁଚିତ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନିଦ ହେବା ପାଇଁ ଗ୍ରହଣ କରାଯାଉଥିବା ଔଷଧ ମସ୍ତିଷ୍କକୁ ଶାନ୍ତି କରି ନିଦ କରେ। ହେଲେ ସକାଳୁ ଉଠିବା ପରେ ମଧ୍ୟ ଏହି ଔଷଧର ପ୍ରଭାବ ରହିଥାଏ। ଫଳରେ ବୟସ୍କ ଲୋକ ସକାଳୁ ଉଠିବା ପରେ ବି ନିଦ ଲାଗିବା, ମୁଣ୍ଡ ବୁଲାଇବା କିମ୍ବା ଦୁର୍ବଳତା ଅନୁଭବ କରିଥାନ୍ତି। ଚଲାବୁଲା କରିବାରେ ଶରୀରର ସନ୍ତୁଳନ ବିଗିଡ଼ି ଯାଉଥିବାରୁ ପଡ଼ିଯିବାର ଆଶଙ୍କା ଅଧିକ ରହେ। ସେହିପରି ଅନେକଙ୍କ କ୍ଷେତ୍ରରେ ବାନ୍ତି ଲାଗିବା, ମୁଣ୍ଡ ଭାରି ଲାଗିବା, ଭୋକ ନ ଲାଗିବା, ସବୁବେଳେ ଅର୍ଦ୍ଧଚେତନାରେ ରହିବା ପରି ଅନୁଭବ ହୋଇଥାଏ। ଏପରି ସମସ୍ୟା ହେଉଥିଲେ ଡାକ୍ତରଙ୍କ ପରାମର୍ଶରେ ଏହି ପାର୍ଶ୍ୱପ୍ରତିକ୍ରିୟାର ସଠିକ କାରଣ ଜାଣି ଔଷଧର ମାତ୍ରାରେ ପରିବର୍ତ୍ତନ କରାଯାଏ।

ସେହିପରି ଅବସାଦ ପାଇଁ ବ୍ୟବହୃତ କିଛି ଔଷଧ ମୁଣ୍ଡବୁଲାଇବା କିମ୍ବା ନିଦ୍ରାସମସ୍ୟା ସୃଷ୍ଟି କରିପାରେ। ବୟସ ବଢ଼ିବା ସହିତ ଶରୀରରେ ଏହି ଔଷଧଗୁଡ଼ିକର ପ୍ରଭାବ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ତେଣୁ ଏକରୁ ଅଧିକ ଔଷଧ ସେବନ କରୁଥିବା ବ୍ୟକ୍ତି ସତର୍କ ରହିବା ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିଦ କିମ୍ବା ଅବସାଦରୁ ମୁକ୍ତି ପାଇଁ ନିଜ ମନ ଇଚ୍ଛା ଔଷଧ ବନ୍ଦ କରିବା ଅନୁଚିତ। ଔଷଧ ମାତ୍ରା କମ୍ କି ବେଶୀ କରିବେ ତାହା ଡାକ୍ତରଙ୍କ ପରାମର୍ଶକ୍ରମେ କରିବା ଆବଶ୍ୟକ। ଔଷଧ ସେବନ ସହିତ ବ୍ୟାୟାମ, ପ୍ରାଣାୟମ ଏବଂ ସନ୍ତୁଳିତ ଜୀବନଶୈଳୀ ଆପଣାଇବା ଉଚିତ।

## ସଞ୍ଜୀବନୀ



## ମଧୁମେହର ଆୟୁର୍ବେଦ ଉପଚାର



**ମଧୁମେହ ଏକ ଦୀର୍ଘକାଳୀନ ଜୀବନଶୈଳୀଜନିତ ରୋଗ। ଆୟୁର୍ବେଦରେ ଏହାକୁ 'ମଧୁମେହ' ନାମରେ ବର୍ଣ୍ଣନା କରାଯାଇଛି ଏବଂ ଏହା ପ୍ରମେହ ରୋଗର ଏକ ପ୍ରମୁଖ ପ୍ରକାର। ଅତ୍ୟଧିକ ମିଠା ଓ ଗୁରୁ ଖାଦ୍ୟ, ଅଧିକ ଖାଇବା, ଅଳ୍ପ ଶାରୀରିକ ପରିଶ୍ରମ, ଦିନରେ ଅଧିକ ଶୋଇବା ଓ ଅନିୟମିତ ଜୀବନଶୈଳୀ ଏହାର ପ୍ରମୁଖ କାରଣ ଭାବେ ଗ୍ରହଣ କରାଯାଏ। ଆୟୁର୍ବେଦୀୟ ଗ୍ରନ୍ଥଗୁଡ଼ିକରେ ରକ୍ତଶର୍କରା ପରିବର୍ତ୍ତେ ମୂତ୍ରରେ ମଧୁରତା ଓ ଶର୍କରାସଦୃଶ ଲକ୍ଷଣ ଆଧାରରେ ପ୍ରମେହର ବର୍ଣ୍ଣନା କରାଯାଇଛି।**

ଆଧୁନିକ ଚିକିତ୍ସାର ଟାଇପ୍-୨ ମଧୁମେହ ସହିତ କଫଜ ପ୍ରମେହର କେତେକ ସାମ୍ୟ ଦେଖାଯାଏ। ଆୟୁର୍ବେଦରେ କଫଜ ପ୍ରମେହକୁ ସାଧ୍ୟ ଅର୍ଥାତ୍ ଚିକିତ୍ସା ଓ ନିୟମିତ ଜୀବନଶୈଳୀ ଦ୍ୱାରା ନିୟନ୍ତ୍ରଣ ବୋଲି ବର୍ଣ୍ଣନା କରାଯାଇଛି। ବିଶେଷକରି ପ୍ରାରମ୍ଭିକ ଅବସ୍ଥାରେ ଟାଇପ୍-୨ ମଧୁମେହର ନିୟନ୍ତ୍ରଣ ସହିତ ଏହାର 'ରିଗ୍ରେସନ୍' ବା 'ରିମିଶନ୍' ମଧ୍ୟ ସମ୍ଭବ ହୋଇପାରେ।

ମଧୁମେହର ନିୟନ୍ତ୍ରଣରେ ଆହାର, ବିହାର ଓ ଔଷଧ ଏହି ତିନିଟିର ସମନ୍ୱିତ ଭୂମିକା ରହିଛି। ନିୟମିତ ଚାଲିବା, ଯୋଗାଭ୍ୟାସ, ଶାରୀରିକ ପରିଶ୍ରମ ଏବଂ ଓଜନ ନିୟନ୍ତ୍ରଣ ଉପକାରୀ। ଖାଦ୍ୟରେ ଅଧିକ ଚିନି, ମିଠା, ମଇଦା ଓ ଅତ୍ୟଧିକ ତେଲିଆ ଖାଦ୍ୟକୁ କମାଇବା ଏକାନ୍ତ ଆବଶ୍ୟକ। ଏହାସହିତ ବିଭିନ୍ନ ପନିପରିବା, ଶାଗ, ସବ୍‌ଜି ଏବଂ ଫଳମୂଳ ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ। ବିଶେଷକରି କଲରା, ଭେଣ୍ଡି, ପାଳଙ୍ଗ ଶାଗ, ମେଥିଶାଗ, ଜହ୍ନି, କାକୁଡ଼ି, ପିଜୁଳି ବିଶେଷ ଉପାଦେୟ।



ଡ. ଅଶୋକ କୁମାର ପଣ୍ଡା

ଆୟୁର୍ବେଦୀୟ ଚିକିତ୍ସାରେ ନିଶା ଆମଳକୀ ଚୂର୍ଣ୍ଣ, ମାମଜକ ଘନବଟୀ, ଆୟୁଷ-୮୨, ଚନ୍ଦ୍ରପ୍ରଭାବଟି, ମଧୁମେହାନ୍ତକ ଚୂର୍ଣ୍ଣ ଆଦି ଔଷଧ ଚିକିତ୍ସକଙ୍କ ପରାମର୍ଶରେ ଖାଇବା ପୂର୍ବରୁ ବ୍ୟବହାର କରାଯାଇପାରେ। କେତେକ ରୋଗୀଙ୍କ କ୍ଷେତ୍ରରେ ବସନ୍ତ କୁସୁମାକର ରସ ମଧ୍ୟ ଚିକିତ୍ସକଙ୍କ ନିରୀକ୍ଷଣରେ ପ୍ରୟୋଗ କରାଯାଏ। ଏହାସହିତ ଜାମୁକୋଳି, ନିମ୍ବ, ହଳଦୀ, ଅଁଳା, ଗୁଡ଼ମାରୀ, ପିଆଶାଳ, ଅଶ୍ୱଗନ୍ଧା ବୀଜ (ପନିର ଫଳ) ମଧୁମେହ ରୋଗ ପାଇଁ ଉପାଦେୟ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉପବାସ ଏବଂ ଏକକାଳ ଭୋଜନ ମଧୁମେହ ଏବଂ ମେଦବହୁଳତା ରୋଗର ଉପାଦେୟ ସ୍ୱନିୟନ୍ତ୍ରିତ ପ୍ରକ୍ରିୟା। ଏହା ଦ୍ୱାରା ମଧ୍ୟ ମଧୁମେହର ଆରୋଗ୍ୟ କରାଯାଇପାରେ।

ମଧୁମେହ ଏକ ନିୟନ୍ତ୍ରଣଯୋଗ୍ୟ ରୋଗ। ନିୟମିତ ରକ୍ତଶର୍କରା ପରୀକ୍ଷା, HbA1c, ସନ୍ତୁଳିତ ଆହାର, ଶାରୀରିକ ପରିଶ୍ରମ ଓ ଯୋଗ୍ୟ ଚିକିତ୍ସକଙ୍କ ପରାମର୍ଶରେ ଆୟୁର୍ବେଦୀୟ ଚିକିତ୍ସା ଗ୍ରହଣ କଲେ ରୋଗୀ ନିଜ ଜୀବନଶୈଳୀକୁ ଅଧିକ ସୁସ୍ଥ ଓ ନିୟମିତ କରିପାରିବେ।

- ଗବେଷଣା ଅଧିକାରୀ,
ଆଞ୍ଚଳିକ ଆୟୁର୍ବେଦ ଗବେଷଣା ସଂସ୍ଥାନ,
ଅହମ୍ମଦାବାଦ

## ୪୦ ପରେ ଚେକ୍‌ଅପ୍

ତୈଳ ମସଲାଯୁକ୍ତ ଖାଦ୍ୟ, ବ୍ୟସ୍ତ ଦିନଚର୍ଯ୍ୟା, ଶାରୀରିକ ନିଷ୍କ୍ରିୟତା ଯୋଗୁଁ ଶରୀରରେ ଚର୍ବି ଜମିଯାଏ। ଏହା ମେଦବହୁଳତା, ରକ୍ତ ଚାପ, ରକ୍ତ ଶର୍କରା ଏବଂ ଉଚ୍ଚ କୋଲେଷ୍ଟ୍ରଲ ଆଶଙ୍କାକୁ ବଢ଼ାଇଦିଏ।

ସେହିପରି ୪୦ ବର୍ଷ ବୟସ ପରେ ମହିଳା ଏବଂ ପୁରୁଷଙ୍କ ହରମୋନ ପରିବର୍ତ୍ତନ ହୁଏ। ମହିଳାଙ୍କ କ୍ଷେତ୍ରରେ ମେନୋପଜ କାରଣରୁ ଲିପିଡ ପ୍ରୋଫାଇଲରେ ପରିବର୍ତ୍ତନ ଦେଖାଯାଏ।

ପୁରୁଷଙ୍କ ଶରୀରରେ ଚର୍ବି ଜମା ହୋଇ କୋଲେଷ୍ଟ୍ରଲସ୍ତରକୁ ବୃଦ୍ଧି କରିଥାଏ। ସେହିପରି ବୟସ ବଢ଼ିଲେ ଯକୃତ ରକ୍ତରୁ ଏଲ୍‌ଡିଏଲ୍ ତଥା ଖରାପ କୋଲେଷ୍ଟ୍ରଲକୁ ବାହାର କରିପାରେ ନାହିଁ। ଏହାଦ୍ୱାରା ଶରୀରରେ ଏଲ୍‌ଡିଏଲ୍‌ସ୍ତର ବଢ଼ିଯାଏ। ତେଣୁ ୪୦ ବର୍ଷ ପରେ ଡାକ୍ତରଙ୍କ ପରାମର୍ଶରେ ଲିପିଡ ପ୍ରୋଫାଇଲ ପରୀକ୍ଷା କରିବା ଆବଶ୍ୟକ। ଏଥିରୁ ଏଲ୍‌ଡିଏଲ, ଏଚ୍‌ଡିଏଲ୍ ଏବଂ ଟ୍ରାଇଗ୍ଲିସରାଇଡ୍ ଜଣାପଡ଼େ। ରକ୍ତ ଚାପ, ରକ୍ତ ଶର୍କରା ଏବଂ ଓଜନକୁ ନିୟନ୍ତ୍ରଣରେ ରଖିବା ଭଲ। ସନ୍ତୁଳିତ ଖାଦ୍ୟପେୟ, ନିୟମିତ ବ୍ୟାୟାମ, ଧୂମପାନଠାରୁ ଦୂରେଇ ରହିବା ଏକାନ୍ତ ଆବଶ୍ୟକ।

## ଆଇଚି-ନାଗୋୟା ଏସିଆନ୍ ଗେମ୍ସ

# ରୌପ୍ୟ ଜିତିଲେ ରୋଶିବିନା ଓ ରିଲେ ଟିମ୍

ଟୋକିଓ,୨୪।୯ (ଏଜେନ୍ସି)

ଶେଷମୁହୂର୍ତ୍ତରେ ଦଳରେ ସ୍ଥାନ ପାଇଥିବା ଉଶୁ ଖେଳାଳି ରୋଶିବିନା ଦେବୀ ଓ ଆଥଲେଟିକ୍ସରେ ମିକ୍ସଡ ମହିଳା ରିଲେ ଟିମ୍ ଜାପାନରେ ଚାଲିଥିବା ଆଇଚି-ନାଗୋୟା ୨୦ତମ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ପ୍ରତିଯୋଗିତାର ଷଷ୍ଠ ଦିନରେ ଭାରତକୁ ୫ଟି ପଦକ ମିଳିଛି। ଏହା ମଧ୍ୟରୁ ଦୁଇଟି ରୌପ୍ୟ ଓ ୩ଟି

- ମହିଳା ୧୦,୦୦୦ ମିଟରରେ ସୀମାଙ୍କୁ ଐତିହାସିକ କାଂସ୍ୟ
- ସେମିରେ ଅନିମେଶ ଓ ଗୁରିନ୍ଦରବୀର
- ସୁଟିଂର ମିକ୍ସଡ ସ୍କିଟ୍, ରୋଇଂରେ କାଂସ୍ୟ
- ମହିଳା ସ୍କ୍ୱାଶ୍‌ରେ ପଦକ ନିଶ୍ଚିତ

କାଂସ୍ୟ ପଦକ ରହିଛି। ଏହା ମଧ୍ୟରେ ସୁଟିଂର ସ୍କିଟ୍ ମିକ୍ସଡ ଇଭେଣ୍ଟରେ ପ୍ରଥମଥର ଓ ରୋଇଂ ଡବଲ ସ୍କଲ୍‌ରେ ଗୋଟିଏ ଲେଖାଏଁ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୦,୦୦୦ ମିଟର ଦୌଡ଼ରେ ସୀମା କୁମାରୀ ଐତିହାସିକ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଟିନ୍ ଏଜ୍ ସ୍କ୍ୱାଶ ଖେଳାଳି ଅନାହତ ସିଂ ଓ ତନ୍‌ଭୀ ଖାନା କ୍ୱାଟର ଫାଇନାଲ୍‌ରେ ମୁକାବିଲା କରିବା ଫଳରେ ଆଉ ଏକ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି।

ଦଳଗତ ଖେଳରେ ସ୍ୱର୍ଣ୍ଣ ଆଶାରେ ଥିବା କବାଡିର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ଅତିକମ୍‌ରେ ଏହି ଇଭେଣ୍ଟରୁ ଆଉ ଦୁଇଟି କାଂସ୍ୟ ପଦକ ମିଳିବା ନିଶ୍ଚିତ ହୋଇଛି। ପୁରୁଷ ହକି ଦଳ ୮-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଜୟଯାତ୍ରା ଅବ୍ୟାହତ ରଖି ସେମିଫାଇନାଲ ପ୍ରବେଶ ନିଶ୍ଚିତ କରିଛି। ଆଜିଠାରୁ ଆରମ୍ଭ ହୋଇଥିବା ଆଥଲେଟିକ୍ସ ଇଭେଣ୍ଟର ୪ ଗୁଣା ୪୦୦ ମିଟର ମିକ୍ସଡ ରିଲେ ଟିମ୍ ରୌପ୍ୟ ପଦକ ହାସଲ କରିଛି। ପୁରୁଷ ୧୦୦ ମିଟରରେ ଅନିମେଶ କୁଜୁର ଓ ଗୁରିନ୍ଦରବୀର ସିଂହ ଆସନ୍ତାକାଲି ହେବାକୁ ଥିବା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ୬ଷ୍ଠ ଦିନ ଶେଷ ସୁଦ୍ଧା ଭାରତ ୧୭ଟି ପଦକ ଜିତି ପଦକ ତାଲିକାର ୧୫ତମ ସ୍ଥାନରେ ରହିଛି। ଏହା ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି।

## ମିକ୍ସଡ ରିଲେ ଟିମ୍‌ର କମାଲ, ଇତିହାସ ସୃଷ୍ଟିକଲେ ସୀମା




ଆଜିଠାରୁ ଆରମ୍ଭ ହୋଇଛି ଏସିଆନ ଗେମ୍ସ ଆଥଲେଟିକ୍ସ ମେଡାଲ ଇଭେଣ୍ଟ। ପ୍ରଥମ ଦିନ ପ୍ରତିଯୋଗିତାରେ ଭାରତ ଦୁଇଟି ପଦକ ଜିତିବାରେ ସଫଳ ହୋଇଛି। ଏହା ମଧ୍ୟରୁ ୪ ଗୁଣା ୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ବିଶେଷ କରି ବିଦ୍ୟା ରାମରାଜଙ୍କ ସଫଳ ଆଙ୍କରିଂ ଫଳରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ବାହାରିନ୍ ଗେମ୍ସ ରେକର୍ଡ ସହ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ଭାରତ ପକ୍ଷରୁ କିରଣ, ଜୟ କୁମାର, ପୁଭାମ୍ମା ରାଜୁ ଓ ମାନୁ ଟିଏସ୍ ଏହି ରିଲେ ରେସ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ।

ସେହିପରି ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ମହିଳା ୧୦,୦୦୦ ମିଟରରେ ଭାରତକୁ ଏକ ପଦକ ମିଳିଛି। ସୀମା କୁମାରୀ ଏହି ରେସ୍‌ରେ ତୃତୀୟସ୍ଥାନ ଅଧିକାର କରି ଏହି ଐତିହାସିକ ସ୍ୱର୍ଣ୍ଣପଦକ ପାଇଛନ୍ତି। ମହିଳା ଟ୍ରିପଲ ଜମ୍ପରେ ଭାରତ ଅଳ୍ପକେ ଏକ ପଦକରୁ ବଞ୍ଚିତ ହୋଇଛନ୍ତି। ଆଶା ଇଲାଙ୍ଗୋ ୧୩.୮୩ ମିଟର ଦୂରତାକୁ ଡେଇଁ ଚତୁର୍ଥ ସ୍ଥାନରେ ରହିଥିଲେ। ହେପ୍ଟାଥଲନରେ ପୂଜା ୮ମ ସ୍ଥାନରେ ରହିଛନ୍ତି।




### ସେମିରେ ଅନିମେଶ ଓ ଗୁରିନ୍ଦରବୀର

ପୁରୁଷ ୧୦୦ ମିଟର ଦୌଡ଼ରେ ଭାରତର ଦୁଇ ପ୍ରତିଯୋଗୀ ଅନିମେଶ କୁଜୁର ଓ ଗୁରିନ୍ଦରବୀର ସିଂହ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମେ ଅନିମେଶ ଏହି ଦୂରତାକୁ ୧୦.୩୬ ସେକେଣ୍ଡରେ ଅତିକ୍ରମ କରି ହିଟ-୧ରେ ତୃତୀୟ ସ୍ଥାନରେ ରହିଥିଲେ। ହିଟ-୪'ରେ ଗୁରିନ୍ଦରବୀର ୧୦.୩୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫାଇନାଲ ଲାଗି ଆସନ୍ତାକାଲି ଉଭୟ ପ୍ରତିଯୋଗୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବେ।

## ରୌପ୍ୟରେ ସନ୍ତୁଷ୍ଟ ରୋଶିବିନା ଦେବୀ



ଦୁଇଥରର ଏସିଆନ ଗେମ୍ସ କାଂସ୍ୟପଦକ ବିଜେତା ନାଓରେମ୍ ରୋଶିବିନା ଦେବୀ ଆଜି ଅନୁଷ୍ଠିତ ମହିଳା ୬୦ କେଜି ଉଶୁ ଫାଇନାଲରେ ପରାଜିତ ହୋଇଛନ୍ତି। ଆଇଚି ପରଫେକ୍‌ଚୁଆଲ ମାର୍ଶିଆଲ ଆର୍ଟସ ହଲ୍‌ରେ ଅନୁଷ୍ଠିତ ଫାଇନାଲ ବା ସ୍ୱର୍ଣ୍ଣପଦକ ମୁକାବିଲାରେ ଚୀନ୍‌ର ଜିୟାୟୁ ଝାଙ୍ଗଙ୍କଠାରୁ ୨-୦ରେ ରୋଶିବିନା ପରାଜିତ ହେବା ଫଳରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏହା ଫଳରେ ସେ ଏସିଆନ ଗେମ୍ସରେ ତୃତୀୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ପୂର୍ବରୁ ୨୦୧୮ ଓ ୨୦୨୩ରେ କାଂସ୍ୟ ପଦକ ହାସଲ କରିଥିବା ଏହି ମଣିପୁର ଖେଳାଳି ଶେଷ ମୁହୂର୍ତ୍ତରେ ଦଳରେ ସ୍ଥାନ ପାଇଥିଲେ। ତାଙ୍କ ସ୍ଥାନରେ ସାମିଲ କରାଯାଇଥିବା ଦିବ୍ୟାଂଶୀ ଚୌଧୁରୀ ଅନ୍‌ଫିଟ୍ ଘୋଷିତ ହେବା ଯୋଗୁ ରୋଶିବିନାଙ୍କୁ ସ୍ଥାନ ମିଳିଥିଲା। ଏହି ସୁଯୋଗର ସେ ପୂରା ଫାଇଦା ଉଠାଇ ଦେଶର ଗୌରବ ବଢ଼ାଇଥିଲେ। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଇଣ୍ଡୋନେସିଆର ଥାନିଆଙ୍କୁ ଓ କ୍ୱାର୍ଟରଫାଇନାଲରେ ମାକାଉର ସିନ୍ ଚୁ'ଙ୍କୁ ହରାଇଥିଲେ। ସୂଚନାଯୋଗ୍ୟ ୨୦୧୮ ଓ ୨୦୨୩ ପରେ ରୋଶିବିନା କ୍ରମାଗତ ଏସିଆନ ଗେମ୍ସରେ ପଦକ ଜିତିଥିଲେ। କିନ୍ତୁ ଚଳିତବର୍ଷ ଦିବ୍ୟାଂଶୀ ଚୌଧୁରୀ ଅନ୍‌ଫିଟ୍ ହେବାରୁ ଶେଷ ମୁହୂର୍ତ୍ତରେ ରୋଶିବିନାଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଥିଲା।

ଭାରତୀୟ ଜନସାଧାରଣ ମୋ'ଠାରୁ ଯାହା (ସ୍ୱର୍ଣ୍ଣପଦକ) ଆଶା କରୁଥିଲେ ତାହା ମୁଁ ଦେବାରେ ଅସଫଳ ହୋଇଛି। ମୁଁ କେବଳ ରୌପ୍ୟ ପଦକ ଜିତିଛି। ପରବର୍ତ୍ତୀ ପ୍ରତିଯୋଗିତାରେ ମୁଁ ମୋର ତ୍ରୁଟିକୁ ସୁଧାରିବା ସହ ଅଧିକ ସଫଳ ହେବାକୁ ଚେଷ୍ଟା କରିବି ବୋଲି ରୋଶିବିନା କହିଛନ୍ତି। ଶେଷ ମୁହୂର୍ତ୍ତରେ ଦଳରେ ସାମିଲ ହୋଇଥିବାରୁ ପ୍ରସ୍ତୁତି କରିବାକୁ ବିଶେଷ ସୁଯୋଗ ମିଳି ନ ଥିଲା। କୋଚ୍ ଅମିତ ପାଲଙ୍କ ପ୍ରଚେଷ୍ଟା ଯୋଗୁଁ ମୁଁ ମଣିପୁରରୁ ସିଧା ଜାପାନ ଆସିଥିଲି ଓ ଏଠାରେ ଭାଗନେଇଥିଲି।

## ସ୍କିଟ୍ ମିକ୍ସଡ ଟିମ୍ ସୁଟିଂରେ ପ୍ରଥମ ପଦକ

ପରିନାଜ ଧାଲିୱାଲ ଓ ଅନନ୍ତଜିତ ସିଂହ ନାରୁକା ସ୍କିଟ୍ ମିକ୍ସଡ ଟିମ୍ ସୁଟିଂରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ଏହି ବିଭାଗରେ ଭାରତକୁ ପ୍ରଥମ ପଦକ ମିଳିଛି। ଆଇଚି ପରଫେକ୍‌ଚୁଆଲ ଜେନେରାଲ ସୁଟିଂ ଗ୍ୟାଲେରୀରେ ଅନୁଷ୍ଠିତ ଫାଇନାଲ ଲଢ଼େଇରେ ପରିନାଜ ଓ ଅନନ୍ତଜିତ ୪୮ଟି ଟାର୍ଗେଟରୁ ୪୪ଟି ହିଟ୍ କରିବାରେ ସଫଳ ହୋଇଥିଲେ। ଏହି ଟାର୍ଗେଟ ଦକ୍ଷିଣ କୋରିଆ ପ୍ରତିଯୋଗୀଙ୍କ ସହ ସମାନ ହୋଇଥିଲା। କିନ୍ତୁ ବିଶ୍ୱ ମାନ୍ୟତାରେ ଭାରତୀୟଙ୍କଠାରୁ କୋରିଆର ପ୍ରତିଯୋଗୀ ଆଗରେ ଥିବାରୁ ସେମାନଙ୍କୁ ରୌପ୍ୟ ପଦକ ଦିଆଯାଇଥିଲା। ଚୀନକୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ଗତକାଲି ସ୍କିଟ୍ ଇଭେଣ୍ଟରେ ଭାରତକୁ ୨ଟି କାଂସ୍ୟ ପଦକ ମିଳିଥିଲା। ଏହା ଫଳରେ ଏସିଆନ ଗେମ୍ସ ସ୍କିଟ୍‌ରେ ଭାରତ ୩ଟି ପଦକ ଜିତିବାରେ ସଫଳତା ପାଇଥିଲା।



## ସତ୍‌ନାମ-ସଲମାନ ସମ୍ମାନ ରଖିଲେ




ଦଳ ମଧ୍ୟରେ ବୁଝାମଣାର ଅଭାବ ଓ ଅସନ୍ତୋଷ ମଧ୍ୟରେ ସତ୍‌ନାମ ସିଂହ ଓ ସଲମାନ ଖାନ୍ ଏସିଆନ ଗେମ୍ସ ରୋଇଂ ଡବଲ ସ୍କଲ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହି ବିଭାଗରେ ଭାରତ ଲାଗି ପ୍ରଥମ ପଦକ। ଏହି ପଦକ ବିଜୟ ଫଳରେ ରୋଇଂରେ ଭାରତର ସମ୍ମାନ ରକ୍ଷା ହୋଇପାରିଛି। ୨୪ ବର୍ଷରେ ଏହାକୁ ନିକୃଷ୍ଟ ପ୍ରଦର୍ଶନ ବୋଲି ସଂଘ କହୁଥିଲେ ମଧ୍ୟ ପ୍ରତିଯୋଗୀଙ୍କୁ ଠିକ୍ ଭାବେ ପ୍ରସ୍ତୁତି କରିବାରେ ସମର୍ଥ ହୋଇ ନ ଥିଲା। ଫଳରେ ଭାରତକୁ ଏଭଳି ଦୟନୀୟ ଅବସ୍ଥା ଭୋଗିବାକୁ ପଡ଼ିଛି। ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଉଭୟ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଯାହା ହେଉ ନୂଆ ପାର୍ଟନରଙ୍କୁ ନେଇ ସତ୍‌ନାମ ଯେଉଁ ସଫଳତା ପାଇଛନ୍ତି ତାହା ସବୁଦିନେ ସ୍ମରଣୀୟ ହୋଇ ରହିବ।

## ପୁରୁଷ ହକି ଦଳର ଆଉ ଏକ ବିଜୟ

ପୁରୁଷ ହକିରେ ଆଜି ଖେଳାଯାଇଥିବା ମୁକାବିଲାରେ ଭାରତ ୮-୨ ଗୋଲରେ ଶକ୍ତିଶାଳୀ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଏହା ଫଳରେ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇ ଭାରତ ସେମିଫାଇନାଲରେ ପ୍ରବେଶ କରିବା ରାସ୍ତା ପରିଷ୍କାର କରିଛି। ପୂର୍ବରୁ ମହିଳା ଦଳ ମଧ୍ୟ ୩ଟି ବୃହତ୍ ବିଜୟ ସହ ସେମିଫାଇନାଲ ରାସ୍ତା ପରିଷ୍କାର କରିଥିଲା। ଏହି ବିଭାଗରେ ଯେଉଁ ଦଳ ସ୍ୱର୍ଣ୍ଣପଦକ ବିଜୟୀ ହେବ, ସେହି ଦଳ ସିଧାସଳଖ ୨୦୨୮ ଅଲିମ୍ପିକ୍ସରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିବ।




## କବାଡ଼ି ଓ ସ୍କ୍ୱାଶ୍‌ରେ ପଦକ ନିଶ୍ଚିତ

ଏସିଆନ ଗେମ୍ସ କବାଡିରେ କ୍ରମାଗତ ସ୍ୱର୍ଣ୍ଣପଦକ ଜିତିଆସୁଥିବା ଭାରତର କବାଡି ଟିମ୍ ଉଭୟ ପୁରୁଷ ଓ ମହିଳା ବିଭାଗ ସେମିଫାଇନାଲରେ ପ୍ରବେଶ କରିଛି। ଏହା ଫଳରେ ଦଳ ପଦକ ଜିତିବା ନିଶ୍ଚିତ କରିଛି।

ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ପୁରୁଷ ଦଳ ୩୭-୨୧ରେ ଦକ୍ଷିଣ କୋରିଆକୁ ଓ ମହିଳା ଦଳ ୫୦-୨୫ରେ ଜାପାନକୁ ପରାସ୍ତ କରି ଗ୍ରୁପର ଶୀର୍ଷସ୍ଥାନ ଅଧିକାର କରି ସେମିଫାଇନାଲରେ ପ୍ରବେଶ କରିଛି। ଉଭୟ ଦଳ କ୍ରମାଗତ ଚତୁର୍ଥ ବିଜୟ ସହ ଗ୍ରୁପ୍‌ରେ ଅପରାଜେୟ ରହିଛନ୍ତି।

ସେହିପରି ମହିଳା ସ୍କ୍ୱାଶ କ୍ୱାର୍ଟର ଫାଇନାଲ ଭାରତର ଦୁଇ ପ୍ରତିଯୋଗୀ ନଂ-୧ ଅନାହତ ସିଂ ଓ ନଂ-୨ ତନ୍‌ଭୀ ଖାନ୍‌ଙ୍କ ମଧ୍ୟରେ ଖେଳାଯିବ। ଏହା ଫଳରେ ଭାରତକୁ ଏଥିରେ ଗୋଟିଏ ପଦକ ମିଳିବା ନିଶ୍ଚିତ ହୋଇଛି। ସିଙ୍ଗାପୁରର ଦୁଇ ଭଉଣୀଙ୍କୁ ହରାଇ ଭାରତୀୟ ପ୍ରତିଯୋଗୀ ଅନାହତ ଓ ତନ୍‌ଭୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ପଦାର୍ପଣରେ ଫେଲ୍ ମାରିଲେ ନବିଙ୍କ ପୁଅ ହାସନ

ଆଫଗାନିସ୍ତାନ କ୍ରିକେଟ୍ ଦଳର ବରିଷ୍ଠ ଅଲ୍‌ରାଉଣ୍ଡର ମହମ୍ମଦ ନବିଙ୍କ ପୁଅ ହାସନ ଇସାଖିଲ ଅନ୍ତର୍ଜାତୀୟ କ୍ରିକେଟ୍ ପଦାର୍ପଣ କରିଛନ୍ତି। ଚଳିତ ଏସିଆନ ଗେମ୍ସରେ ଘରୋଇ ଜାପାନ ବିପକ୍ଷରେ ଖେଳି ୨୦ ବର୍ଷୀୟ ହାସନ ଆଫଗାନିସ୍ତାନ ସିନିଅର ଦଳ ପକ୍ଷରୁ କ୍ୟାରିୟର ଆରମ୍ଭ କରିଛନ୍ତି। ତେବେ ପଦାର୍ପଣ ମ୍ୟାଚରେ ହାସନ ଫେଲ୍ ମାରିଛନ୍ତି। ଏହି ଡାହାଣହାତୀ ବ୍ୟାଟର୍ ଓପନିଂ ଆସି ୧୦ଟି ବଲ ଖେଳି ମାତ୍ର ୩ ରନ କରି ଆଉଟ୍ ହୋଇଥିଲେ। ଏହା ସତ୍ତ୍ୱେ ଆଫଗାନିସ୍ତାନ ଏହି ମ୍ୟାଚରେ ୪୮ ରନରେ ଜାପାନକୁ ହରାଇ କ୍ୱାର୍ଟର୍‌ରେ ପ୍ରବେଶ କରିଛି। ତେବେ ହାସନଙ୍କ ପଦାର୍ପଣ ମ୍ୟାଚରେ ତାଙ୍କ ପିତା ତଥା ୪୧ ବର୍ଷୀୟ ନବି ଦଳରେ ଉପସ୍ଥିତ ନ ଥିଲେ। ଏସିଆନ ଗେମ୍ସ ଲାଗି ନବିଙ୍କୁ ବିଶ୍ରାମ ଦିଆଯାଇଛି।

## ଷଷ୍ଠରେ ରହିଲେ ପ୍ରଣତି

ଜିମ୍ନାଷ୍ଟ ପ୍ରଣତି ନାୟକ ମହିଳା ଜିମ୍ନାଷ୍ଟିକ୍ ଭଲ୍ଟ ଫାଇନାଲରେ ଷଷ୍ଠ ସ୍ଥାନରେ ରହିଛନ୍ତି। ୭ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିବା ପ୍ରଣତି ପଦକ ଜିତିବାରେ ସଫଳ ହୋଇନାହାନ୍ତି। ଭାରତରୁ ସେ ଏକମାତ୍ର ପ୍ରତିଯୋଗୀଭାବେ ଏସିଆନ ଗେମ୍ସରେ ଭାଗନେଇଛନ୍ତି।

## ମୁମ୍ବାଇ ଇଣ୍ଡିଆନ୍ସର କୋଚ୍ ହେଲେ ଲ୍ୟୁକ୍

ଡବ୍ଲ୍ୟୁପିଏଲ୍-୨୦୨୭



ମୁମ୍ବାଇ, ୨୪।୯ (ଏଜେନ୍ସି): ଆଇପିଏଲ୍ ଢାଞ୍ଚାରେ ଭାରତରେ ଖେଳାଯାଉଥିବା ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ)ର ଆଗାମୀ ପଞ୍ଚମ ସଂସ୍କରଣ ଲାଗି ମୁମ୍ବାଇ ଇଣ୍ଡିଆନ୍ସ ଲ୍ୟୁକ ୱିଲିୟମ୍ସଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଛି। ଲିସା କେଥଲୀଙ୍କ ସ୍ଥାନରେ ଅଷ୍ଟ୍ରେଲିଆର ୱିଲିୟମ୍ସ ଏହି ଗୁରୁଦାୟିତ୍ୱ ତୁଲାଇବେ। ୪୬ ବର୍ଷୀୟ ୱିଲିୟମ୍ସ ଏଥିପୂର୍ବରୁ ଅଷ୍ଟ୍ରେଲିଆର 'ୱିମେନ୍ସ ବିଗ୍ ବାସ୍ ଲିଗ୍', ଇଂଲଣ୍ଡର 'ଦି ହଣ୍ଡ୍ରେଡ' ଓ ଡବ୍ଲ୍ୟୁପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଲ୍ୟୁକଙ୍କ ପ୍ରଶିକ୍ଷଣରେ ଆରସିବି ମହିଳା ଦଳ ୨୦୨୪ରେ ପ୍ରଥମଥର ଲାଗି ଡବ୍ଲ୍ୟୁପିଏଲ ଟାଇଟଲ୍ ଜିତିଥିଲା। ଏହି ଅବସରରେ ମୁମ୍ବାଇ ଇଣ୍ଡିଆନ୍ସର ମାଲିକାଣୀ ନୀତା ଅମ୍ବାନୀ କୋଚ୍ ୱିଲିୟମ୍ସଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। 'ୱିଲିୟମ୍ସଙ୍କ ପାଖରେ ବ୍ୟାପକ ଅଭିଜ୍ଞତା ଓ ମହିଳା କ୍ରିକେଟ ବିଷୟରେ ଗଭୀର ଜ୍ଞାନ ରହିଛି। ତାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇ ଆଗାମୀ ଡବ୍ଲ୍ୟୁପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରିବ' ବୋଲି ନୀତା ଆଶାବାଦୀ ରହିଛନ୍ତି।

## ଓଡ଼ିଶା ଟି-୨୦ ଲିଗ୍: ୧୦ ଓଭରବିଶିଷ୍ଟ ହେବ ବାତିଲ ମ୍ୟାଚ୍

ଭୁବନେଶ୍ୱର, ୨୪।୯ (ସମିସ)

ଆଇକନିକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍- ସିଏମ ଟ୍ରଫି'ର ଦ୍ୱିତୀୟ ସଂସ୍କରଣରେ ବର୍ଷା ବାଧକ ସାଜିଛି। ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଗୁରୁବାର ସୁଦ୍ଧା ପ୍ରଥମ ୯ଟି ମ୍ୟାଚରୁ ୬ଟି ବାଧାପ୍ରାପ୍ତ ହୋଇଛି। ଯେଉଁଥିରେ ୫ଟି ମ୍ୟାଚ୍ ଆଦୌ ଖେଳ ସମ୍ଭବପର ହୋଇପାରି ନ ଥିଲା। ସେହିଭଳି ସୋମବାର ରାଉରକେଲା ସୁପରଷ୍ଟାର୍ସ ଓ ସମ୍ବଲପୁର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଲାଗି ଅଧାରୁ ବାତିଲ କରିବାକୁ ପଡ଼ିଥିଲା। ଏବେ ଆୟୋଜକ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ଗୁରୁବାର ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ବର୍ଷା ଲାଗି ଆଦୌ ଖେଳ ସମ୍ଭବପର ହୋଇପାରି ନ ଥିବା ମ୍ୟାଚଗୁଡ଼ିକ ପୁନଃଆୟୋଜନ କରିବାକୁ ଓସିଏ ନିଷ୍ପତ୍ତି ନେଇଛି। ଏହି ମ୍ୟାଚ୍‌ଗୁଡ଼ିକ ୧୦ ଓଭରବିଶିଷ୍ଟ ହେବ। ପୂର୍ବସୂଚୀ ଅନୁଯାୟୀ ଦିନକୁ ଦୁଇଟି ମ୍ୟାଚ ଖେଳାଯିବାର ଥିଲା। କିନ୍ତୁ ଓସିଏ ପକ୍ଷରୁ ଜାରି ହୋଇଥିବା ନୂଆ ଖେଳସୂଚୀ ଅନୁଯାୟୀ ଏବେ ସେପ୍ଟେମ୍ବର ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଦିନକୁ ୩ଟି ମ୍ୟାଚ୍ ଖେଳାଯିବ। ବାତିଲ ହୋଇଥିବା ମ୍ୟାଚଟି ସକାଳ ୧୦ଟା ୩୦ରୁ ଆରମ୍ଭ ହେବ। ଏହାପରେ ପୂର୍ବସୂଚୀ ଭଳି ଅପରାହ୍ଣ ୨ଟା ୩୦ରୁ ଗୋଟିଏ ଓ ଶେଷ ମ୍ୟାଚଟି ରାତି ୭ଟାରୁ ଖେଳାଯିବ।

**ଶୁକ୍ରବାର ମ୍ୟାଚ୍**
ସକାଳ ୧୦ଟା ୩୦:
ସମ୍ବଲପୁର ବନାମ ଭୁବନେଶ୍ୱର
ଅପରାହ୍ଣ ୨ଟା ୩୦:
ରାଉରକେଲା ବନାମ କଟକ
ରାତି ୭ଟା ୩୦:
ପୁରୀ ବନାମ କେନ୍ଦୁଝର

## ବ୍ରିଜ୍‌କେଙ୍କ ଶତକ; ଅଷ୍ଟ୍ରେଲିଆ ପରାସ୍ତ

ଡର୍ବାନ, ୨୪।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬୭ ରନରେ ବିଜୟୀ ହୋଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ମାଥ୍ୟୁ ବ୍ରିଜ୍‌କେଙ୍କ ଶତକ ବଳରେ ୫୦ ଓଭରରେ ୮ ୱିକେଟ ହରାଇ ୨୯୭ ରନ କରିଥିଲା। କ୍ୟାରିୟରର ଦ୍ୱିତୀୟ ଦିନିକିଆ ଶତକ ହାସଲ କରିଥିବା ବ୍ରିଜକେ ୧୦୬ ବଲ୍‌ରେ ସର୍ବାଧିକ ୧୧୨ ରନ କରିଥିଲେ। ସେହିଭଳି ମାର୍କୋ ଜାନସେନ ୫୯ ବଲରେ ୭୫ ରନର ଦ୍ରୁତ ପାଳି ଖେଳିବାରୁ ଦଳୀୟ ସ୍କୋର ୩୦୦ ନିକଟତର ହୋଇପାରିଥିଲା। ଅଷ୍ଟ୍ରେଲିଆର ନାଥନ ଏଲିସ ୩ ଓ ଆଦାମ ଜାମ୍ପାଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ପ୍ରତିପକ୍ଷ ବାମହାତୀ ସ୍ପିନର କେଶବ ମହାରାଜ (୯.୨-୨-୨୦-୪)ଙ୍କୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ୪୧.୨ ଓଭରରେ ୨୩୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ଅଧିନାୟକ ମିଚେଲ ମାର୍ଶ ସର୍ବାଧିକ ୬୦ ରନ କରିଥିଲେ।

ସକାଳ
THE SAKALA
A unit of Nandighosha Network Pvt. Ltd.

The Sakala (A unit of Nandighosha Network Pvt. Ltd.) invites application for the following position

**C.T.P. Operator**

Minimum 2-3 Yrs. experience

APPLY NOW

Please send your CV with recent passport size photo to
hr@thesakala.com

The Sakala
A unit of Nandighosha Network Pvt. Ltd.

Sd/-
Asst. Manager HR

## ସାହାଣୀ କପ୍: କଳାହାଣ୍ଡି, ଆରଏସ୍‌ପି'ର ବଡ଼ ବିଜୟ

ଭୁବନେଶ୍ୱର, ୨୪।୯ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ସିନିଅର ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍‌ର ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଚାରୋଟି ଜୋନରେ ମୋଟ୍ ୯ଟି ମ୍ୟାଚ୍ ଖେଳାଯାଇଥିଲା। ଭୁବନେଶ୍ୱର ଜୋନରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ୭-୦ ଗୋଲରେ କେନ୍ଦୁଝରକୁ ହରାଇଛି। ପାରାଦୀପ ପୋର୍ଟ ଟ୍ରଷ୍ଟ ଓ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଥିଲା। ସେହିଭଳି ସୁନ୍ଦରଗଡ଼ ଜୋନରେ ଭଦ୍ରକ ୭-୦ରେ ଅନୁଗୋଳକୁ, ମୟୂରଭଞ୍ଜ ୪-୦ରେ ବାଲେଶ୍ୱରକୁ, ସୁବର୍ଣ୍ଣପୁର ଜୋନରେ ବରଗଡ଼ ୪-୦ ଗୋଲରେ ଘରୋଇ ସୁବର୍ଣ୍ଣପୁରକୁ ପରାସ୍ତ କରିଥିଲା। ଏଠାରେ ଯାଜପୁର ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ନୂଆପଡ଼ା ଜୋନରେ କୋରାପୁଟ-କନ୍ଧମାଳ ଏବଂ ନୂଆପଡ଼ା-ମାଲକାନଗିରି ମଧ୍ୟରେ ଅନୁଷ୍ଠିତ ଦୁଇଟିଯାକ ମ୍ୟାଚ୍ ଗୋଲଶୂନ୍ୟ ଭାବରେ ଶେଷ ହୋଇଥିଲା। ଗତକାଲି ପ୍ରବଳ ବର୍ଷା ଲାଗି ଏଠାରେ ଅଧାରୁ ବନ୍ଦ ରହିଥିବା କଳାହାଣ୍ଡି-ରାୟଗଡ଼ା ମ୍ୟାଚ୍ ଗୁରୁବାର ପୁନଃଖେଳାଯାଇଥିଲା। ଏଥିରେ କଳାହାଣ୍ଡି ୮-୨ ଗୋଲରେ ବିଜୟୀ ହୋଇଥିଲା।



## ■ ରୋମାଞ୍ଚକସ୍ଥିତିରେ ପ୍ରଥମ ଅନଅଫିସିଆଲ୍ ଟେଷ୍ଟ
## ଟାର୍ଗେଟ- ୩୬୩; ଅଷ୍ଟ୍ରେଲିଆ-ଏ ୫୫/୨

ପୁଡୁଚେରୀ, ୨୪।୯ (ଏଜେନ୍ସି): ଘରୋଇ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଚାଲିଥିବା ଚାରିଦିବସୀୟ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ରୋମାଞ୍ଚକସ୍ଥିତିରେ ପହଞ୍ଚିଛି। ଏହି ମ୍ୟାଚରେ ଦେବଦତ୍ତ ପାଡିକଲଙ୍କ ନେତୃତ୍ୱାଧୀନ ଭାରତ-ଏ ୩୬୩ ରନର ଟାର୍ଗେଟ ଅଷ୍ଟ୍ରେଲିଆ-ଏ ସାମ୍ନାରେ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ଦଳ ଗୁରୁବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ୨୩ ଓଭର ଖେଳି ୨ ୱିକେଟରେ ୫୫ ରନ ସଂଗ୍ରହ କରିଛି। ଶୁକ୍ରବାର ମ୍ୟାଚ୍‌ର ଅନ୍ତିମ ଦିବସ। ବିଜୟ ଲାଗି ଅଷ୍ଟ୍ରେଲିଆ-ଏ ପାଖାପାଖି ୯୦ ଓଭରରେ ଆଉ ୩୦୮ ରନ ଆବଶ୍ୟକ କରୁଛି। ସେହିଭଳି ଅଷ୍ଟ୍ରେଲିଆ-ଏ ଦଳର ବଳକା ୮ ୱିକେଟ ଅକ୍ତିଆର କରି ଭାରତ-ଏ ମ୍ୟାଚକୁ ହାତେଇ ନେବା ଲକ୍ଷ୍ୟରେ ରହିଛି। ପୂର୍ବରୁ କୁମାର କୁଶାଗ୍ର (୧୧୩)ଙ୍କ ଶତକ ବଳରେ ଭାରତ-ଏ ପ୍ରଥମ ପାଳିରେ ୩୩୪ ରନରେ ସୀମିତ ରହିଥିଲା। ଜବାବରେ ଅଷ୍ଟ୍ରେଲିଆ-ଏ ୧୭୧ ରନରେ ଅଲ୍‌ଆଉଟ ହୋଇଥିଲା। ଫଳରେ ୧୬୩ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଭାରତ-ଏ ଗୁରୁବାର ୧୯୯ ରନ କରି ଦ୍ୱିତୀୟ ପାଳିରେ ସମସ୍ତ ୱିକେଟ ହରାଇଥିଲା। ଦଳ ପକ୍ଷରୁ ଅଧିନାୟକ ପଡିକଲ ୫୯, କୁଶାଗ୍ର ୪୬ ଓ ଓପନର ସାଇ ସୁଦର୍ଶନ ୩୯ ରନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS